

# ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୪-୨୫

**ମୁଖ୍ୟାଂଶ ଓ କାର୍ଯ୍ୟକାରୀ ସାରାଂଶ**


**ବିକଶିତ ଓଡ଼ିଶା, ବିକଶିତ ଭାରତ**



ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ
ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶା ସରକାର

# ମୁଖ୍ୟାଂଶ





# ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୪-୨୫

## ମୁଖ୍ୟାଂଶ
## ଓ
## କାର୍ଯ୍ୟକାରୀ ସାରାଂଶ

ଓଡ଼ିଶା ଅର୍ଥନୈତିକ ସର୍ଭେ, ୨୦୨୪-୨୫ ସମ୍ପୂର୍ଣ୍ଣ ଇଂରାଜୀ ସଂସ୍କରଣକୁ ମାନ୍ୟବର ବିଧାୟକ ସଦସ୍ୟଙ୍କ ମଧ୍ୟରେ ପ୍ରସାରଣ ନିମନ୍ତେ https://odisha.neva.gov.in ୧୫ ଫେବୃଆରୀ, ୨୦୨୫ରେ ଅପ୍‌ଲୋଡ୍ କରାଯାଇଛି।
ଏହା ଯୋଜନା ଓ ସଂଯୋଜନ ବିଭାଗର ୱେବ୍‌ସାଇଟ୍
https://pc.odisha.gov.in/publication/economic-survey-report
ଏବଂ ଓଡ଼ିଶା ବଜେଟ୍ ୱେବ୍‌ସାଇଟ୍
https://budget.odisha.gov.in ରେ ଉପଲବ୍ଧ

**ଫେବୃୟାରୀ ୨୦୨୫**

**ଓଡ଼ିଶା ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ,**
**ଯୋଜନା ଓ ସଂଯୋଜନ ବିଭାଗ**

© ଗ୍ରନ୍ଥସ୍ୱତ୍ୱ ୨୦୨୫
ଓଡ଼ିଶା ସରକାର

ପ୍ରକାଶକ:
ଯୋଜନା ଓ ସଂଯୋଜନ ବିଭାଗ
ଓଡ଼ିଶା ସରକାର

ସମସ୍ତ ଅଧିକାର ସଂରକ୍ଷିତ ରହିଛି। ଏହି ପ୍ରକାଶନର କୌଣସି ଅଂଶ ଓଡ଼ିଶା ସରକାରଙ୍କ ବିନା ଅନୁମତିରେ ଯେକୌଣସି ରୂପରେ ପୁନଃପ୍ରକାଶିତ, ସଂରକ୍ଷିତ କିମ୍ବା ପ୍ରସାରଣ ହୋଇପାରିବ ନାହିଁ।

ପ୍ରସ୍ତୁତକର୍ତ୍ତା:
ଯୋଜନା ଓ ସଂଯୋଜନ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

ରୂପରେଖ:
ଥାର୍ଡ ଆଇ କମ୍ୟୁନିକେସନସ୍, ଭୁବନେଶ୍ୱର

ମୁଦ୍ରଣ:
ଓଡ଼ିଶା ସରକାରୀ ପ୍ରେସ୍, ମଧୁପାଟଣା, କଟକ

# ମୁଖପାଂଶ

## ପ୍ରମୁଖ ସରକାରୀ କାର୍ଯ୍ୟକ୍ରମ ଓ ସୁବିଧା


ଚିତ୍ର- ୧ କୃଷକ କଲ୍ୟାଣକାରୀ କାର୍ଯ୍ୟକ୍ରମ

**୧. ଏମଏସପି**
- ଧାନ କ୍ରୟ ପାଇଁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଏବଂ ଇନପୁଟ୍ ସବସିଡି ଆକାରରେ କ୍ୱିଣ୍ଟାଲ ପିଛା ୮୦୦/- ଟଙ୍କା
- ମାଣ୍ଡିଆ କ୍ରୟ ପାଇଁ କ୍ୱିଣ୍ଟାଲ ପିଛା ୪୨୯୦/- ଟଙ୍କା ଏବଂ ଇନପୁଟ୍ ସବସିଡି କ୍ୱିଣ୍ଟାଲ ପିଛା ୨୧୦/- ଟଙ୍କା

**୨. ସିଏମ କିଷାନ ଏବଂ ପିଏମ କିଷାନ**
- ସିଏମ୍ କିଷାନ ଅଧୀନରେ ବାର୍ଷିକ ୪୦୦୦/- ଟଙ୍କା ଏବଂ ପିଏମ୍ କିଷାନ ଅଧୀନରେ ବାର୍ଷିକ ୬୦୦୦/- ନଗଦ ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର

**୩. ସୁଲଭ ଋଣ**
- ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଫସଲ ଋଣ ଏବଂ ୨% ସୁଧହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ

**୪. ଫସଲ ବୀମା**
- ୧/- ଟଙ୍କାର ନାମମାତ୍ର ପ୍ରିମିୟମ ଦେୟରେ ଫସଲ ବୀମା




**୫. ଯାନ୍ତ୍ରିକୀକରଣ**
- ଟ୍ରାକ୍ଟର, ଅନ୍ୟାନ୍ୟ କୃଷି ଉପକରଣ ଏବଂ ଯନ୍ତ୍ରପାତି କିଣିବା ପାଇଁ ୪୦% ସବସିଡି

**୬. ଜଳସେଚନ**
- ବୋରୱେଲ ପାଇଁ ୭୫% ସବସିଡି
- ବୁନ୍ଦା ଓ ସିଞ୍ଚାଇ ଜଳସେଚନ ପ୍ରକଳ୍ପ ପାଇଁ ୭୦ରୁ ୮୦% ସବସିଡି

**୭. ପ୍ରତ୍ୟେକ ଉପଖଣ୍ଡରେ ଶୀତଳ ଭଣ୍ଡାର**
- ଶୀତଳ ଭଣ୍ଡାର ପାଇଁ ୬୦% ପର୍ଯ୍ୟନ୍ତ ପୁଞ୍ଜି ନିବେଶ ସବସିଡି ଏବଂ କାର୍ଯ୍ୟକାରୀ ପୁଞ୍ଜି ଓ ବିଦ୍ୟୁତ ସବସିଡି
- ୫ ବର୍ଷ (୨୦୨୫-୨୬ରୁ ୨୦୨୯-୩୦) ମଧ୍ୟରେ ୨୫୨ କୋଟି ଟଙ୍କା ଖର୍ଚ୍ଚ ହେବ

**୮. ଆଳୁ ଚାଷକୁ ପ୍ରୋତ୍ସାହନ**
- ଡବ୍ଲୁଏସଏଚଜି, ଏଫପିଓ ଏବଂ ବ୍ୟକ୍ତିଗତ କୃଷକଙ୍କ ସଂପୃକ୍ତି
- ଓଏସଏସସି ପକ୍ଷରୁ ଆଳୁ ବିହନ ୫୦% ସବସିଡି ଏବଂ ବୃକ୍ଷରୋପଣ ପରେ ୫୦% କୃଷକ ଅଂଶର ଅତିରିକ୍ତ ଭରଣା

*ଟିପ୍ପଣୀ: ଏହି ଇନଫୋଗ୍ରାଫିକରେ ପ୍ରମୁଖ ଲାଭ ଅନ୍ତର୍ଭୁକ୍ତ ଅଛି ଏବଂ ଯୋଜନା / ଲାଭଗୁଡିକର ସମ୍ପୂର୍ଣ୍ଣ ଉଦାହରଣ ପ୍ରଦାନ କରେ ନାହିଁ*

ଚିତ୍ର- ୨ ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ସୁବିଧା



ଟିପ୍ପଣୀ: ଓଡିଶା କୋଠବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ

## ଚିତ୍ର- ୩ ପରିବର୍ତ୍ତିତ ଶିକ୍ଷା ପରିଦୃଶ୍ୟ



### ୧. ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

- ପ୍ରାଥମିକ ଶିକ୍ଷାରେ ବିପ୍ଳବ ଆଣିବା
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ବିଦ୍ୟାଳୟକୁ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବା, ଯେଉଁଥିରେ ୬,୭୯୪ଟି ବିଦ୍ୟାଳୟ ଅନ୍ତର୍ଭୁକ୍ତ ।

### ୨. ପିଏମ୍ ଶ୍ରୀ ସ୍କୁଲ

- ଅତ୍ୟାଧୁନିକ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଥିବା ୪୬୨ଟି ବିଦ୍ୟାଳୟକୁ ମଡେଲ ସ୍କୁଲରେ ପରିଣତ କରିବାକୁ ଚିହ୍ନଟ କରାଯାଇଛି।

### ୩. ପ୍ରଧାନମନ୍ତ୍ରୀ ଉଷା

- ସମାନତା, ଉପଲବ୍ଧତା ଏବଂ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ ଦେଇ ଉଚ୍ଚଶିକ୍ଷାରେ ଗୁଣାତ୍ମକ ଶିକ୍ଷାଦାନ ଏବଂ ଶିକ୍ଷଣରେ ଉନ୍ନତି ପାଇଁ ୬୭୦ କୋଟି ଟଙ୍କା

### ୪. ନିପୁଣ ଓଡ଼ିଶା

- ସେପ୍ଟେମ୍ବର ୫, ୨୦୨୪ରେ ଆରମ୍ଭ ହୋଇଥିବା ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନରେ ଦକ୍ଷତା ହାସଲକରିବା ସହ ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ।

### ୫. ଐତିହ୍ୟ ବିଦ୍ୟାଳୟ ଯୋଜନା

- ସର୍ବପୁରାତନ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ଓ ଶୈକ୍ଷିକ ପରିବେଶର ସଂରକ୍ଷଣ ଓ ଉନ୍ନତି

### ୬. ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା

- ୨୦୨୪-୨୫ରୁ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଆଦିବାସୀ ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କାର ନଗଦ ପ୍ରୋତ୍ସାହନ ରାଶି

### ୭. ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା

- ସ୍ନାତକ, ସ୍ନାତକୋତ୍ତର, ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ୧୦,୦୦୦-୨୦,୦୦୦ ଟଙ୍କା ଆର୍ଥିକ ସହାୟତା
- ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରୋତ୍ସାହନ ନିମନ୍ତେ ସ୍ନାତକ, ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ୨୦ ହଜାର ଟଙ୍କା ଅନୁଦାନ ରାଶି
- ଅବହେଳିତ ବର୍ଗର ଛାତ୍ରଛାତ୍ରୀଙ୍କୁ ୨୦,୦୦୦ ଟଙ୍କା ସହାୟତା

### ୮. ଜାତୀୟ ଶିକ୍ଷା ନୀତି ୨୦୨୦

- ୨୦୨୪-୨୫ରୁ କାର୍ଯ୍ୟକାରୀ
- ଶତ ପ୍ରତିଶତ ନାମଲେଖା, ଡ୍ରପ୍ ଆଉଟ୍ ହ୍ରାସ ଏବଂ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ

## ଚିତ୍ର- ୪ ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଉପରେ ରାଜ୍ୟର ଗୁରୁତ୍ୱ

**୧. ସୁଭଦ୍ରା ଯୋଜନା:**
ଯୋଗ୍ୟ ମହିଳାଙ୍କୁ ୫ ବର୍ଷ ପାଇଁ ୧୦,୦୦୦/- ନଗଦ ଟଙ୍କା ପ୍ରଦାନ

**୨. ମିଶନ ଶକ୍ତି**
ବିହନ ପୁଞ୍ଜି, ରିହାତି ଋଣ ସୁବିଧା, ବୈଷୟିକ ସହାୟତା ଏବଂ ବଜାର ସଂଯୋଗ

**୩. ଲକ୍ଷପତି ଦିଦି**
ଅର୍ଥ ଉପଲବ୍ଧତା, ଏବଂ ଉଦ୍ୟୋଗକୁ ସୁବିଧା ପ୍ରଦାନ କରିବା

**୪. ମହିଳା ଶ୍ରମଶକ୍ତି ର ଭାଗିଦାରୀ ବୃଦ୍ଧି ପାଇଁ କ୍ରେଚ୍-କମ୍ କେୟାର ସେଣ୍ଟର**

**୫. ଜୀବନଚକ୍ର ପଦ୍ଧତି ବ୍ୟବହାର କରି ଟାର୍ଗେଟେଡ୍ ପୋଷଣ ହସ୍ତକ୍ଷେପ ମାଧ୍ୟମରେ ସୁସ୍ଥ ଶ୍ରମଶକ୍ତି ସୃଷ୍ଟି କରିବା।**

**୬. ପର୍ଯ୍ୟଟନ ନୀତି:** ମହିଳା ଉଦ୍ୟୋଗୀଙ୍କୁ ଅତିରିକ୍ତ ୫ ପ୍ରତିଶତ ପୁଞ୍ଜି ସବସିଡି

**୭. ପୋଷାକ ଏବଂ ବୈଷୟିକ ବୟନ ନୀତି:**
ବାଣିଜ୍ୟିକ ଉତ୍ପାଦନ ପରେ ପାଞ୍ଚ ବର୍ଷ ପାଇଁ ପ୍ରତି ମହିଳା ଶ୍ରମିକପିଛା ମାସିକ ୬,୦୦୦ ଟଙ୍କା ପ୍ରୋତ୍ସାହନ

**୮. ମହିଳା ଉଦ୍ୟୋଗ**
ଏମଏମକେୱାଇ ଅଧୀନରେ ପଶୁସମ୍ପଦ, ମତ୍ସ୍ୟଚାଷ କ୍ଷେତ୍ରରେ

**୯. ଜୈବ ପ୍ରଯୁକ୍ତି ନୀତି**
ଶ୍ରମ ଓ ଇଏସଆଇ ବିଭାଗର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ମହିଳା ଶ୍ରମିକଙ୍କ ୩ ସିଫ୍ଟ ଅପରେସନ ଏବଂ ରାତ୍ରିକାଳୀନ ନିଯୁକ୍ତି ପାଇଁ ନିୟମରେ କୋହଳ

**୧୦. ବର୍ଦ୍ଧିତ ସ୍ୱାସ୍ଥ୍ୟ ବୀମା :** ମହିଳା ସଦସ୍ୟଙ୍କ ପାଇଁ 5 ଲକ୍ଷ ଟଙ୍କାର ଅତିରିକ୍ତ ବୀମା

**୧୧. ଖାଦ୍ୟ ପ୍ରକ୍ରିୟାକରଣ ନୀତି**
ୟୁନିଟ୍ ସ୍ଥାପନ ପାଇଁ ଅତିରିକ୍ତ ୫ ପ୍ରତିଶତ ପୁଞ୍ଜି ସବସିଡି (ସମୁଦାୟ: ୩୫ ପ୍ରତିଶତ)

**୧୨. ଓଡ଼ିଶା ରପ୍ତାନି ନୀତି**
ମହିଳା ଉଦ୍ୟୋଗଙ୍କପାଇଁ ସ୍ୱତନ୍ତ୍ର ପୁରସ୍କାର ବ୍ୟବସ୍ଥା

**୧୩. କର୍ମଜୀବି ମହିଳା ଛାତ୍ରାବାସ ସମେତ ସୁରକ୍ଷିତ ଏବଂ ଲିଙ୍ଗ ସମ୍ବେଦନଶୀଳ କର୍ମକ୍ଷେତ୍ର ସୃଷ୍ଟି କରିବା**

**୧୪. ଓଡ଼ିଶା ସୂଚନା ଓ ପ୍ରଯୁକ୍ତି ନୀତି**
ମହିଳା ଉଦ୍ୟୋଗୀଙ୍କୁ ଭଡ଼ା ସବସିଡି (ଅତିରିକ୍ତ ୨୫ ପ୍ରତିଶତ)
ସୁଧ ସବସିଡି (ଅତିରିକ୍ତ ୧ ପ୍ରତିଶତ), **କର୍ମଜୀବି** ମହିଳାପିଛା ଅତିରିକ୍ତ ଏକକାଳୀନ ସହାୟତା ୧୦୦୦/- ଟଙ୍କା, ଭିଏଫଏକ୍ସ, ଆନିମେସନ୍ କ୍ଷେତ୍ରରେ ମହିଳାଙ୍କ ପାଇଁ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ପୁଞ୍ଜି ସବସିଡି,
ମହିଳା ଉଦ୍ୟୋଗୀଙ୍କ ପାଇଁ ୨୦ ପ୍ରତିଶତ ପ୍ରକଳ୍ପ ଖର୍ଚ୍ଚ ଭରଣା

**୧୫. ମତ୍ସ୍ୟଚାଷ ପାଇଁ ଏମଏମକେୱାଇ ଅଧୀନରେ ମହିଳାମାନଙ୍କୁ ପ୍ରୋତ୍ସାହନ**

**୧୬. ଡାଟା ସେଣ୍ଟର ନୀତି**
ନିଯୁକ୍ତି ପାଇଥିବା ମହିଳା କର୍ମଚାରୀ ପିଛା ୨,୦୦୦/- ଟଙ୍କା (ଏକକାଳୀନ) ଓ ମହିଳାମାନଙ୍କ ପାଇଁ ପ୍ରଶିକ୍ଷଣ ଖର୍ଚ୍ଚର ୧୦୦% ଭରଣା ।

ଚିତ୍ର- ୫ 'ସୁଭଦ୍ରା'ର ବହୁମୁଖୀ ପ୍ରଭାବ

## ଆର୍ଥିକ ସ୍ୱାଧୀନତା ଦିଗରେ
## ୧ କୋଟି ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ବାର୍ଷିକ ୧୦,୦୦୦/- ଟଙ୍କା



୧ ମହିଳାମାନଙ୍କ ପାଇଁ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବୃଦ୍ଧି, ଓ ସେମାନଙ୍କର ଅର୍ଥନୈତିକ ସଶକ୍ତୀକରଣ

୨ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି କରିବା, ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବା


୩ ମହିଳା ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ଏବଂ ସେମାନଙ୍କର ସାମାଜିକ - ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା

୪ ୧-୧.୫ ଲକ୍ଷ କୋଟି ଟଙ୍କାର ବୃହତ୍ ଅର୍ଥନୈତିକ ପ୍ରଭାବ

## ସ୍ଥୂଳ ସମୀକ୍ଷା


### ଚିତ୍ର- ୬ ଓଡ଼ିଶା ଅର୍ଥନୀତିର ଆକାର (ମୋଟ୍ ଘରୋଇ ଉତ୍ପାଦ, ଚଳନ୍ତି ମୂଲ୍ୟରେ)

**୨୦୨୪-୨୫ରେ ଓଡ଼ିଶାର ଅର୍ଥନୀତିର ଆକାର ୧୦ ପ୍ରତିଶତ ବୃଦ୍ଧିପାଇ ୯.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି**




*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ; ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*


### ଚିତ୍ର- ୭ ଚଳନ୍ତି ମୂଲ୍ୟରେ ଓଡ଼ିଶାର ମୋଟ୍ ସଂଯୋଗିତ ମୂଲ୍ୟର କ୍ଷେତ୍ରୀୟ ଗଠନ ୨୦୨୪-୨୫ (ଅଗ୍ରୀମ ଆକଳନ) ପ୍ରତିଶତରେ




*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା*

### ଚିତ୍ର- ୮ ଜିଡିପି ଅଭିବୃଦ୍ଧି ହାର ୨୦୨୪-୨୫, ଓଡ଼ିଶା ଏବଂ ଭାରତ (ଅଗ୍ରୀମ ଆକଳନ) ସ୍ଥିର ମୂଲ୍ୟରେ,


**ଉଚ୍ଚ ଅଭିବୃଦ୍ଧି ପଥରେ ଓଡ଼ିଶା: ସର୍ବଭାରତୀୟ ୬.୪ ପ୍ରତିଶତ ତୁଳନାରେ ୭.୨ ପ୍ରତିଶତ**




*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ; ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*

### ଚିତ୍ର- ୯ କ୍ଷେତ୍ରୀୟ ଅଭିବୃଦ୍ଧି ହାର, ଓଡ଼ିଶା ଏବଂ ଭାରତ, ୨୦୨୪-୨୫ (ଅଗ୍ରୀମ ଆକଳନ) ସ୍ଥିର ମୂଲ୍ୟରେ (ପ୍ରତିଶତରେ)


ଓଡ଼ିଶାରେ ଶିଳ୍ପ ଓ ସେବା କ୍ଷେତ୍ର ଭାରତ ତୁଳନାରେ ସମାନ କିମ୍ବା ଅଧିକ ଅଭିବୃଦ୍ଧି ହାସଲ କରିଛି




*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ; ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*

## ଚିତ୍ର- ୧୦ ମୁଣ୍ଡପିଛା ଆୟ, ଓଡ଼ିଶା ଓ ଭାରତ, ତଙ୍କା ଚଳନ୍ତି ମୂଲ୍ୟରେ


**ଉଚ୍ଚ ଅଭିବୃଦ୍ଧି ଜାତୀୟ ଆୟସ୍ତର ସହିତ ବ୍ୟବଧାନକୁ ସଙ୍କୁଚିତ କରିଛି**




*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ; ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*

## ଚିତ୍ର- ୧୧ ଦ୍ରୁତ ଅଭିବୃଦ୍ଧି ପାଇଁ ଓଡ଼ିଶାରେ ଅନୁକୂଳ ଶ୍ରମ ବଜାର ଉପଲବ୍ଧ ୨୦୨୩-୨୪


**ଓଡ଼ିଶାରେ ଅଧିକ ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଅଭିବୃଦ୍ଧି ପାଇଁ ଶ୍ରମର ଅଧିକ ଉପଲବ୍ଧତା**




*ଉତ୍ସ: ପିରିଓଡିକ୍ ଲେବର ଫୋର୍ସ ସର୍ଭେ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ମନ୍ତ୍ରଣାଳୟ, ଭାରତ ସରକାର, ୨୦୨୩-୨୪*


## ଚିତ୍ର- ୧୨ ଶ୍ରମଶକ୍ତି ବଣ୍ଟନ

**ଶ୍ରମିକମାନେ ବିବିଧତା ଆଣିବାର କ୍ଷମତାଥିବା ଅଧିକ ମୂଲ୍ୟଯୁକ୍ତ କ୍ଷେତ୍ରକୁ ଆକର୍ଷିତ ..**





*ଉତ୍ସ: ନିଯୁକ୍ତି ଏବଂ ବେକାରୀ ସର୍ବେକ୍ଷଣ ଏବଂ ପିରିଓଡିକ୍ ଲେବର ଫୋର୍ସ ସର୍ଭେ, ଏମଓଏସପିଆଇ, ୨୦୨୩-୨୪, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ, ଭାରତ ସରକାର.*

## ଚିତ୍ର- ୧୩ ବିଭିନ୍ନ ରାଜ୍ୟରେ କ୍ଷେତ୍ର ଅନୁଯାୟୀ ଶ୍ରମଶକ୍ତି ବଣ୍ଟନ, ୨୦୨୩-୨୪, ପ୍ରତିଶତରେ




*ଉତ୍ସ: ନିଯୁକ୍ତି ଏବଂ ବେକାରୀ ସର୍ବେକ୍ଷଣ ଏବଂ ପିରିଓଡିକ୍ ଲେବର ଫୋର୍ସ ସର୍ଭେ, ଏମଓଏସପିଆଇ, ୨୦୨୩-୨୪, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ, ଭାରତ ସରକାର।*

**ଚିତ୍ର- ୧୪ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସହିତ ଭାରତର ବାଣିଜ୍ୟ ପାଇଁ ଓଡିଶା ଏକ ସମ୍ଭାବ୍ୟ ପ୍ରବେଶ ପଥ ପ୍ରଦାନ କରେ**




*ମାନଚିତ୍ର ସ୍କେଲ କରାଯାଇନାହିଁ, କେବଳ ଦୃଷ୍ଟାନ୍ତମୂଳକ ପାଇଁ। ୨୦୨୩-୨୪ରେ ଓଡ଼ିଶାର ମୋଟ ବାଣିଜ୍ୟ ହେଉଛି ୧୧ ବିଲିୟନ ଡଲାର


*ମାନଚିତ୍ର ସ୍କେଲ କରାଯାଇନାହିଁ, କେବଳ ଦୃଷ୍ଟାନ୍ତମୂଳକ ପାଇଁ। ୨୦୨୩-୨୪ରେ ଓଡ଼ିଶାର ମୋଟ ବାଣିଜ୍ୟ ହେଉଛି ୧୨ ବିଲିୟନ ଡଲାର

*ଉତ୍ସ: ଇଣ୍ଟରନ୍ୟାସନାଲ ଟ୍ରେଡ୍ ସେଣ୍ଟର (ଆଇଟିସି) ବାଣିଜ୍ୟ ମାନଚିତ୍ର*

| | ଆମଦାନୀ | ରପ୍ତାନି |
|---|---|---|
| ୧. ଚାଇନା | ୧. ସ୍ମାର୍ଟଫୋନ୍ ଏବଂ ଇଲେକ୍ଟ୍ରୋନିକ୍ ଇଣ୍ଟିଗ୍ରେଟେଡ୍ ସର୍କିଟ୍<br>୨. ସ୍ୱୟଂଚାଳିତ ଡାଟା-ପ୍ରୋସେସିଂ ମେସିନ୍<br>୩. ଜୈବିକ ରାସାୟନିକ ପଦାର୍ଥ | ୧. ଜୈବିକ ରାସାୟନିକ ପଦାର୍ଥ<br>୨. ମାଛ ଓ କ୍ରଷ୍ଟେସିଆନ୍<br>୩. ଇଲେକ୍ଟ୍ରିକାଲ ଟ୍ରାନ୍ସଫର୍ମର, ଷ୍ଟାଟିକ୍ କନଭର୍ଟର |
| ୨. ଇଣ୍ଡୋନେସିଆ | ★୧. ପାମ୍ ଅଏଲ ଏବଂ ଅଂଶ<br>★୨. ଲୁହା ଓ ଇସ୍ପାତ - ଷ୍ଟେନଲେସ୍ ଷ୍ଟିଲ<br>★୩. ଆଲୁମିନିୟମ ଅକ୍ସାଇଡ୍ / ହାଇଡ୍ରୋକ୍ସାଇଡ୍ | ୧. ମୋଟର ଯାନ ଏବଂ ଅଂଶ<br>2. କମ୍ପ୍ରେସନ-ଇଗ୍ନିସନ୍ ପିଷ୍ଟନ୍ ଇଞ୍ଜିନ୍<br>୩. ଜୈବିକ ରାସାୟନିକ ପଦାର୍ଥ |
| ୩. ଅଷ୍ଟ୍ରେଲିଆ | ୧. ସୁନା/ସୁନା ପ୍ଲେଟେଡ୍ ପ୍ଲାଟିନମ୍<br>୨. ଖାଇବା ପନିପରିବା (ଶୁଖିଲା)<br>★୩. ଅଜୈବ ରାସାୟନିକ ପଦାର୍ଥ (ଆଲୁମିନିୟମ ଅକ୍ସାଇଡ୍) | ୧. ଇଞ୍ଜିନ ଏବଂ ମୋଟର<br>୨. ଫାର୍ମାସ୍ୟୁଟିକାଲ ପ୍ରଡକ୍ଟ<br>୩. ଅଳଙ୍କାର ସାମଗ୍ରୀ |
| ୪. ଦକ୍ଷିଣ କୋରିଆ | ୧. ଇଲେକ୍ଟ୍ରୋନିକ୍ ସମନ୍ୱିତ ସର୍କିଟ୍<br>୨. ମୂଲ୍ୟଯୁକ୍ତ ଲୁହା ଓ ଇସ୍ପାତ<br>୩. ପ୍ଲାଷ୍ଟିକ ଓ ସାମଗ୍ରୀ | ୧. ଆଲୁମିନିୟମ ଏବଂ ସାମଗ୍ରୀ ★<br>୨. ଜୈବିକ ରାସାୟନିକ ପଦାର୍ଥ<br>୩. ଲୁହା ଓ ଇସ୍ପାତ - ଫେରୋଲୋୟସ୍ ଏବଂ ଫ୍ଲାଟ୍ ରୋଲ୍ଡ ଉତ୍ପାଦ ★ |
| ୫. ଜାପାନ | ୧. ମେସିନ୍ ଏବଂ ଯାନ୍ତ୍ରିକ ଉପକରଣ<br>୨.ସେମିକଣ୍ଡକ୍ଟର ଡିଭାଇସ୍ ଏବଂ ସମନ୍ୱିତ ସର୍କିଟ୍<br>୩. ତମ୍ବା ଓ ସାମଗ୍ରୀ | ୧. ଜୈବିକ ରାସାୟନିକ ପଦାର୍ଥ<br>୨. ମୋତି ଏବଂ ମୂଲ୍ୟବାନ ଧାତୁ<br>୩. ଯାନବାହାନର ପାର୍ଟସ୍ ଏବଂ ଆକ୍ସେସରିଜ୍ |

*ସୂଚନା: ପାରାଦୀପ ବନ୍ଦର ଦେଇ ଷ୍ଟାର ଚିହ୍ନିତ ସାମଗ୍ରୀ ଆମଦାନୀ/ରପ୍ତାନି କରାଯାଉଛି

ଚିତ୍ର- ୧୫ ଆସନ୍ତା ୫ରୁ ୧୦ ବର୍ଷ ମଧ୍ୟରେ ସାରା ରାଜ୍ୟରେ ଓଡିଶାର ଦ୍ରୁତ ଅଭିବୃଦ୍ଧି ହେବ




ଉତ୍ସ: ପରିବେଶ ପ୍ରଣାଳୀ ଗବେଷଣା ପ୍ରତିଷ୍ଠାନ, 2023, କାଲିଫର୍ଣ୍ଣିଆ, ଶଟଲ ରାଡାର ଟୋପୋଗ୍ରାଫି ମିଶନ, ନାସା
ମାନଚିତ୍ର ସ୍କେଲ୍ କରାଯାଇ ନାହିଁ ।


**ଅଭିବୃଦ୍ଧି କ୍ଲଷ୍ଟର**

୧. ଭୁବନେଶ୍ୱର-କଟକ-ପୁରୀ
୨. ଛତ୍ରପୁର-ବ୍ରହ୍ମପୁର-ଗୋପାଳପୁର
୩. ବାଲେଶ୍ୱର-ଭଦ୍ରକ-ଯାଜପୁର-ପାରାଦ୍ୱୀପ
୪. ସମ୍ବଲପୁର-ଝାରସୁଗୁଡ଼ା
୫.ରାଉରକେଲା
୬. ଜୟପୁର-ସୁନାବେଡା-କୋରାପୁଟ

ସାମଗ୍ରିକ ନିର୍ମାଣ କ୍ଷେତ୍ର ଅଭିବୃଦ୍ଧି ଆକଳନ: ୩୨%

## ଚିତ୍ର- ୧୬ ଓଡ଼ିଶା ଓ ଭାରତର ମାସିକ ମୁଣ୍ଡପିଛା ଉପଭୋକ୍ତା ବ୍ୟୟରେ ବାର୍ଷିକ ହାରାହାରି ଅଭିବୃଦ୍ଧି (୨୦୧୧-୧୨ ରୁ ୨୦୨୩-୨୪)


ଓଡ଼ିଶାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉପଭୋକ୍ତା ବ୍ୟୟର ଅଧିକ ବୃଦ୍ଧି ହିଁ ଉଚ୍ଚ ମୁଣ୍ଡପିଛା ଆୟକୁ ଦର୍ଶାଉଛି




*ଉତ୍ସ: ଘରୋଇ ଉପଭୋକ୍ତା ବ୍ୟୟ ସର୍ଭେ, ୨୦୧୧-୧୨, ୨୦୨୩-୨୪, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ, ଭାରତ ସରକାର*

## ଚିତ୍ର- ୧୭ ଓଡ଼ିଶାରେ ଘରୋଇ ମାସିକ ମୁଣ୍ଡପିଛା ଉପଭୋକ୍ତା ବ୍ୟୟର ଗଠନ, (ପ୍ରତିଶତରେ)


ଓଡ଼ିଶାରେ ଉପଭୋକ୍ତା ବ୍ୟୟରେ ଅଧିକ ବୃଦ୍ଧି ଘଟିବା ସହ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅଣ-ଖାଦ୍ୟ ସାମଗ୍ରୀ ପ୍ରତି ପରିବର୍ତ୍ତନ ପରିଲକ୍ଷିତ ହୋଇଛି




*ଉତ୍ସ: ଘରୋଇ ଉପଭୋକ୍ତା ବ୍ୟୟ ସର୍ଭେ, ୨୦୧୧-୧୨, ୨୦୨୩-୨୪, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ, ଭାରତ ସରକାର*


# ଆର୍ଥିକ ପ୍ରଦର୍ଶନ

## ଚିତ୍ର- ୧୮ ବିତ୍ତୀୟ ନିଅଣ୍ଟ (ଜି.ଏସ.ଡି.ପି.ର % ହିସାବରେ)




*ଉତ୍ସ: ବାର୍ଷିକ ବଜେଟ୍ ଦସ୍ତାବିଜ, ଓଡ଼ିଶା ସରକାର*


## ଚିତ୍ର- ୧୯ ରାଜସ୍ୱ ବଳକା (ଜି.ଏସ.ଡି.ପି.ର % ହିସାବରେ)




*ଉତ୍ସ: ବାର୍ଷିକ ବଜେଟ୍ ଦସ୍ତାବିଜ, ଓଡ଼ିଶା ସରକାର*

ଓଡ଼ିଶାରେ ଆର୍ଥିକ ସ୍ଥିତି ସଦୃଢ


## ଚିତ୍ର- ୨୦ ରାଜ୍ୟ ଋଣ ଭାର (ଜି.ଏସ.ଡି.ପି.ର % ହିସାବରେ)




*ଉତ୍ସ: ବାର୍ଷିକ ବଜେଟ୍ ଦସ୍ତାବିଜ, ଓଡ଼ିଶା ସରକାର*

ଭିତ୍ତିଭୂମି ଖର୍ଚ୍ଚକୁ ତ୍ୱରାନ୍ୱିତ କରି ସମ୍ଭାବ୍ୟ ଅଭିବୃଦ୍ଧିକୁ ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାରଙ୍କ ପାଖରେ ଆର୍ଥିକ ବ୍ୟବସ୍ଥା ଉପଲବ୍ଧ


## ଚିତ୍ର- ୨୧ ବିତ୍ତୀୟ ନିଅଣ୍ଟ ଏବଂ ରାଜସ୍ୱ ବଳକା (ଜି.ଏସ.ଡି.ପି.ର % ହିସାବରେ : ୨୦୨୩-୨୪ ସଂଶୋଧିତ ଆକଳନ)




*ଉତ୍ସ: ବାର୍ଷିକ ବଜେଟ୍ ଦସ୍ତାବିଜ, ଓଡ଼ିଶା ସରକାର; ଷ୍ଟେଟ୍ ଫାଇନାନ୍ସ: ୨୦୨୪-୨୫ ବଜେଟ୍ ର ଏକ ଅଧ୍ୟୟନ, ଭାରତୀୟ ରିଜର୍ଭ ବ୍ୟାଙ୍କ।*


*ଟିପଣୀ: ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି ୧୭ଟି ରାଜ୍ୟ ଅନ୍ତର୍ଭୁକ୍ତ।*

## ଚିତ୍ର- ୨୨ ନୀତି ଆୟୋଗର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ (ଏଫ୍ ଏଚ୍ ଆଇ), ୨୦୨୫ରେ ଓଡ଼ିଶା ଶୀର୍ଷରେ





*ଉସ: ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ ୨୦୨୫, ନୀତି ଆୟୋଗ, ଭାରତ ସରକାର। ଡାଟା ରେଫରେନ୍ସ ଅବଧି ହେଉଛି ୨୦୨୨-୨୩*

## ଚିତ୍ର- ୨୩ ପୁଞ୍ଜି ବ୍ୟୟବରାଦର ଧାରା- ଓଡ଼ିଶା




ଉସ: ବାର୍ଷିକ ବଜେଟ୍ ଦସ୍ତାବିଜ, ଓଡ଼ିଶା ସରକାର


## ଚିତ୍ର- ୨୪ ପୁଞ୍ଜି ବ୍ୟୟବରାଦ ଓ ଜି.ଏସ.ଡି.ପି.ର ଅନୁପାତ: ୨୦୨୪-୨୫ ବଜେଟ୍ ଆକଳନ (ଓଡ଼ିଶା ବନାମ ପ୍ରମୁଖ ରାଜ୍ୟ)




ଉସ: ଷ୍ଟେଟ୍ ଫାଇନାନ୍ସ: ୨୦୨୪-୨୫ ବଜେଟ୍ ର ଏକ ଅଧ୍ୟୟନ, ଭାରତୀୟ ରିଜର୍ଭ ବ୍ୟାଙ୍କ

## କୃଷି ଓ ଆନୁଷଙ୍ଗିକ କ୍ଷେତ୍ର

### ଚିତ୍ର- ୨୫ କୃଷି ଜିଭିଏରେ ବିଭିନ୍ନ ଉପ-କ୍ଷେତ୍ରର ଅଂଶ (ପ୍ରତିଶତରେ)





ପଶୁସମ୍ପଦ ଓ ମତ୍ସ୍ୟଚାଷର ଅବଦାନ ବୃଦ୍ଧି ପାଉଛି ଯାହା କୃଷି କ୍ଷେତ୍ରରେ ବିବିଧତା ସୂଚାଉଛି

*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା*

### ଚିତ୍ର- ୨୬ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ହାରାହାରି ଅଭିବୃଦ୍ଧି: ୨୦୧୯-୨୦ରୁ ୨୦୨୪-୨୫ (ଅଗ୍ରୀମ ଆକଳନ) - ସ୍ଥିର ମୂଲ୍ୟରେ, ଓଡ଼ିଶା ଓ ଭାରତ


ଓଡ଼ିଶାର କୃଷି କ୍ଷେତ୍ରର ଅଭିବୃଦ୍ଧି ଗତ ୫ ବର୍ଷରେ ଭାରତର ହାରାହାରି ଅଭିବୃଦ୍ଧିଠାରୁ ଆଗରେ ରହିଛି




*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ; ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*


### ଚିତ୍ର- ୨୭ କୃଷିର ବିଭିନ୍ନ ଉପ-କ୍ଷେତ୍ରର ହାରାହାରି ଅଭିବୃଦ୍ଧି ହାର - ସ୍ଥିର ମୂଲ୍ୟରେ ୨୦୧୯-୨୦ରୁ ୨୦୨୪-୨୫ (ଅଗ୍ରୀମ ଆକଳନ)

ମତ୍ସ୍ୟ ଚାଷରେ ଦୃଢ଼ ଅଭିବୃଦ୍ଧି ହାସଲ ହୋଇଛି





*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା*

### ଚିତ୍ର- ୨୮ ଖାଦ୍ୟଶସ୍ୟ ଉତ୍ପାଦନରେ ରେକର୍ଡ ବୃଦ୍ଧି




*ଉତ୍ସ: କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା*


### ଚିତ୍ର- ୨୯ ଖାଦ୍ୟଶସ୍ୟ ଉତ୍ପାଦନରେ ହାରାହାରି ବୃଦ୍ଧି ୨୦୧୯-୨୦ ଏବଂ ୨୦୨୩-୨୪ ମଧ୍ୟରେ (ସିଏଜିଆର)




*ଉତ୍ସ: କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ , ଓଡ଼ିଶା*

### ଚିତ୍ର- ୩୦ ଫସଲ ଉତ୍ପାଦନର ହାରାହାରି ବୃଦ୍ଧି ୨୦୧୯-୨୦ ଏବଂ ୨୦୨୩-୨୪ ମଧ୍ୟରେ (ସିଏଜିଆର)

ବାଜରା ମିଶନ ଓ ମୁଖ୍ୟମନ୍ତ୍ରୀ ମକା ମିଶନ କାର୍ଯ୍ୟକାରୀତା ଏବଂ ମାର୍କେଟିଂ ସୁବିଧାରେ ଉନ୍ନତି ଯୋଗୁଁ ଡାଲି, ମକା ଓ ବଗଡା ଖାଦ୍ୟଶସ୍ୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ।





*ଉତ୍ସ: କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ , ଓଡ଼ିଶା*

ପ୍ରତ୍ୟେକ ଉପଖଣ୍ଡରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ଜଳସେଚନ ସମ୍ପ୍ରସାରଣ, ସମୃଦ୍ଧ କୃଷକ ଯୋଜନା ର ଆରମ୍ଭ ତଥା ସର୍ବନିମ୍ନ ସହାୟକ ମୁଲ୍ୟରେ ବୃଦ୍ଧି ଭଳି ସାମ୍ପ୍ରତିକ ପଦକ୍ଷେପ ଯୋଗୁଁ କୃଷିର ଉନ୍ନତି ସହ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇବ ।


## ଚିତ୍ର- ୩୧ ବିଭିନ୍ନ ଫସଲ ଅଧୀନସ୍ଥ କ୍ଷେତ୍ରଫଳ ଓ ବୃଦ୍ଧି

ମକା କ୍ଷେତ୍ରଫଳରେ ୨୫% ବୃଦ୍ଧି





**ବିଭିନ୍ନ ସରକାରୀ ହସ୍ତକ୍ଷେପ ଯଥା: ମେଗା ଉଠା ଜଳସେଚନରେ ଫସଲ ବିବିଧତା, ମୁଖ୍ୟମନ୍ତ୍ରୀ ମକା ମିଶନ, କପାର ପ୍ରୋତ୍ସାହନ ଆଦି ଦ୍ୱାରା କୃଷକମାନଙ୍କର ଆୟ ବୃଦ୍ଧି ସହିତ ଫସଲ ବିବିଧତା ବୃଦ୍ଧି ପାଉଛି ।**


ଆଳୁ କ୍ଷେତ୍ରଫଳରେ ୩୮% ବୃଦ୍ଧି





କପା କ୍ଷେତ୍ରଫଳରେ ୩୯% ବୃଦ୍ଧି




ପନିପରିବା କ୍ଷେତ୍ରଫଳରେ ୧୨% ବୃଦ୍ଧି





ମସଲା ଜାତୀୟ କୃଷିରେ ୨୬% ବୃଦ୍ଧି




*ଉତ୍ସ: କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ , ଓଡ଼ିଶା*

## ଚିତ୍ର- ୩୨ ଖରିଫ ଓ ରବି ଋତୁରେ ଜଳସେଚନ ସମ୍ଭାବନା ସୃଷ୍ଟି





*ଉତ୍ସ: ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର; ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*



ଜଳ ସମ୍ପଦ ସଂରକ୍ଷଣ ଓ ପରିଚାଳନା ପ୍ରୟାସ ପାଇଁ ପଞ୍ଚମ ଜାତୀୟ ଜଳ ପୁରସ୍କାର ୨୦୨୩ରେ ଶ୍ରେଷ୍ଠ ରାଜ୍ୟ ପୁରସ୍କାର


**ଜଳ ବ୍ୟବହାର ଦକ୍ଷତା ବୃଦ୍ଧି ପାଇଁ କ୍ଷୁଦ୍ର ଜଳସେଚନ ଯୋଜନା**



**୨୦୨୩-୨୪ରେ ୦.୫୫ ଲକ୍ଷ ହେକ୍ଟର**

**୨୦୨୪-୨୫ରେ ୧.୫ ଲକ୍ଷ ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି**

## ଚିତ୍ର- ୩୩ ଫସଲର ତୀବ୍ରତା (ପ୍ରତିଶତରେ)




ବିଭିନ୍ନ ଜିଲ୍ଲାରେ କୃଷି ଉତ୍ପାଦକତା ଏବଂ ଜଳ ଯୋଗାଣ ବୃଦ୍ଧି ପାଇଁ ଓଡ଼ିଶା ସରକାର ୮,୪୨୦ କୋଟି ଟଙ୍କା ବିନିଯୋଗରେ ୯୪ଟି ନୂତନ ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି ।





ଭାରତରେ ଫସଲର ତୀବ୍ରତା- ୧୫୫.୪% (୨୦୨୧-୨୨)

*ଉତ୍ସ: କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ,ଓଡ଼ିଶା*

## ଚିତ୍ର- ୩୪ କୃଷି ଋଣ ବିତରଣ (ହଜାର କୋଟି ଟଙ୍କାରେ), ଓଡିଶା


ଋଣ ଉଠାଣରେ ଉଲ୍ଲେଖନୀୟ ବୃଦ୍ଧି ....





*ଉତ୍ସ: ଏସଏଲବିସି, ଓଡ଼ିଶା*

## ଚିତ୍ର- ୩୫ କୃଷି ମୋଟ ସଂଯୋଗିତ ମୂଲ୍ୟରେ କୃଷି ଋଣର ଭାଗିଦାରୀ (ପ୍ରତିଶତରେ) ଓଡିଶା ଓ ଭାରତ




*ଉତ୍ସ ଏସଏଲବିସି ଓଡିଶା ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ*

## ଚିତ୍ର- ୩୬ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ




*ଉତ୍ସ: ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*

**ହାରାହାରି ଦୁଗ୍ଧ ଉତ୍ପାଦନ ଅଭିବୃଦ୍ଧି ହାର ୨୦୧୯-୨୦ରୁ ୨୦୨୩-୨୪**




*ଉତ୍ସ: ମୌଳିକ ପଶୁପାଳନ ପରିସଂଖ୍ୟାନ- 2024, ଭାରତ ସରକାର ଏବଂ ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*

## ଚିତ୍ର- ୩୭ ଓଡ଼ିଶାରେ ଦୁଗ୍ଧର ମୁଣ୍ଡପିଛା ଉପଲବ୍ଧତା (ଗ୍ରାମ୍ / ଦିନରେ)




*ଉତ୍ସ: ମୌଳିକ ପଶୁପାଳନ ପରିସଂଖ୍ୟାନ- 2024, ଭାରତ ସରକାର*

## ଚିତ୍ର- ୩୮ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (ଏମକେୱାଇ) ର ପ୍ରମୁଖ ଲାଭ

**1. Buffalo Entrepreneurship Development (BED)**
60-70% subsidy for establishing dairy units with improved buffalo varieties.

**2. Go-Palan Yojana (GPY)**
60-70% subsidy for establishing dairy units with crossbred cows from other states

**3. Gosampad Bima Yojana (GBY)**
85% subsidy of the premium cost is offered for 3 years starting 2024-25

**4. Calf Rearing Scheme**
50% calf feed subsidy, full insurance premium subsidy, and free healthcare for AI-born calves.

**5. Incentive to Dairy Farmers of DCS (IDF)**
cash incentive of up to INR 5 per litre to dairy farmers during the lean season, (Sep-Feb)

**6. Strengthen of Dairy Organization**
Strengthening frozen semen bank and Bovine Breeding Research


**7. Interventions to boost fodder cultivation**
INR 35,000 subsidy for fodder cultivation & supplying of seasonal & perennial fodder minikits

**8. Support to OMFED**
Strengthening of dairy value chain and upgrading dairy plants




ଦୁଗ୍ଧ ଉତ୍ପାଦନ ବୃଦ୍ଧି, ମୁଣ୍ଡପିଛା କ୍ଷୀର ଉପଲବ୍ଧତା ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଁ ସରକାର ୨୦୨୪-୨୫ରେ ୫ ବର୍ଷ ପାଇଁ ୧,୪୨୩.୫ କୋଟି ଟଙ୍କାର ବଜେଟ୍ ବ୍ୟୟ ବରାଦ ସହିତ ଏକ ବ୍ୟାପକ ଯୋଜନା ଏମକେୱାଇ ଆରମ୍ଭ କରିଛନ୍ତି।


### ଚିତ୍ର- ୩୯ ଓଡ଼ିଶାରେ ଅଣ୍ଡା ଉତ୍ପାଦନ (କୋଟି ସଂଖ୍ୟାରେ)




*ଉତ୍ସ: ମୌଳିକ ପଶୁପାଳନ ପରିସଂଖ୍ୟାନ- ୨୦୨୪, ଭାରତ ସରକାର*

ଓଡ଼ିଶାରେ ମୁଣ୍ଡପିଛା ଅଣ୍ଡାର ଉପଲବ୍ଧତା ସର୍ବଭାରତୀୟ ସ୍ତରଠାରୁ କମ୍। ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଉତ୍ପାଦନ ବଢ଼ାଇବାର ଆବଶ୍ୟକତା ରହିଛି।


### ଚିତ୍ର- ୪୦ ମୁଣ୍ଡପିଛା ଅଣ୍ଡା ଉପଲବ୍ଧତା (ସଂଖ୍ୟାରେ/ବର୍ଷପ୍ରତି) ୨୦୧୯-୨୦ ଓ ୨୦୨୩-୨୪




*ଉତ୍ସ: ମୌଳିକ ପଶୁପାଳନ ପରିସଂଖ୍ୟାନ- ୨୦୨୪, ଭାରତ ସରକାର*




### ଚିତ୍ର- ୪୧ ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ




*ଉତ୍ସ: ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*


ଭାରତର ମୋଟ ମତ୍ସ୍ୟ ଉତ୍ପାଦନରେ ୬ ପ୍ରତିଶତ ଯୋଗଦାନ ସହିତ ଓଡିଶା ଚତୁର୍ଥ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ

### ଚିତ୍ର- ୪୨ ଓଡ଼ିଶାରେ ମତ୍ସ୍ୟ ଆମଦାନି




*ଉତ୍ସ: ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*

### ଚିତ୍ର- ୪୩ ଓଡ଼ିଶାରୁ ମତ୍ସ୍ୟ ଓ ଚିଙ୍ଗୁଡ଼ି ରପ୍ତାନି





*ଉତ୍ସ: ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*

ରାଜ୍ୟରେ ମତ୍ସ୍ୟ ଉତ୍ପାଦନ, ରପ୍ତାନି ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ପାଇଁ ୨୦୨୪-୨୫ରେ ଓଡିଶା ସରକାର ୧୭ଟି ଉପ-ଯୋଜନାକୁ ନେଇ ୫ ବର୍ଷ ପାଇଁ ମୋଟ ୨୨୩୯ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ ଯୋଜନା (ଏମଏମକେୱାଇ) ଆରମ୍ଭ କରିଛନ୍ତି

# ଶିଳ୍ପ କ୍ଷେତ୍ର

## ଚିତ୍ର- ୪୪ ଶିଳ୍ପ ଉପ-କ୍ଷେତ୍ରର ଅଭିବୃଦ୍ଧି (୨୦୨୪-୨୫ ଅଗ୍ରୀମ ଆକଳନ) ସ୍ଥିର ମୂଲ୍ୟରେ, ଓଡ଼ିଶା

**୬.୧%** ଓଡ଼ିଶାରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି (ସ୍ଥିର ମୂଲ୍ୟ, ୨୦୨୪-୨୫ ଅଗ୍ରୀମ ଆକଳନ)





*ବିଦ୍ୟୁତ, ଗ୍ୟାସ, ଜଳ ଯୋଗାଣ ଏବଂ ଅନ୍ୟାନ୍ୟ ଉପଯୋଗୀ ସେବା

*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା*

## ଚିତ୍ର- ୪୫ ଶିଳ୍ପ ଜିଏସଭିଏରେ ବିନିର୍ମାଣର ଅଂଶ ବୃଦ୍ଧି ପାଇଛି ୨୦୧୨-୧୩ ରୁ ୨୦୨୪-୨୫


ଦ୍ରୁତ ଅଗ୍ରଗତି ପଥରେ ଓଡ଼ିଶାର ଶିଳ୍ପ କ୍ଷେତ୍ର




*ଉତ୍ସ: ଓଡ଼ିଶା ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ*

## ଚିତ୍ର- ୪୬ ଶିଳ୍ପ କ୍ଷେତ୍ରର ମୋଟ୍ ସଂଯୋଗିତ ମୂଲ୍ୟ (ଜିଭିଏ)ରେ ରାଜ୍ୟଭିତ୍ତିକ ଅଭିବୃଦ୍ଧି (୨୦୧୭-୧୮ରୁ ୨୦୨୩-୨୪ ହାରାହାରି)

ଶିଳ୍ପ କ୍ଷେତ୍ର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ




*ଟିପ୍ପଣୀ: *ଗୁଜରାଟର ଶିଳ୍ପ ଅଭିବୃଦ୍ଧି ୨୦୧୭-୧୮ ରୁ ୨୦୨୨-୨୩ ମଧ୍ୟରେ ଗଣନା କରାଯାଇଅଛି କାରଣ ୨୦୨୩-୨୪ ର ତଥ୍ୟ ଉପଲବ୍ଧ ନାହିଁ ।*

*ଉତ୍ସ: ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା*

ଚିତ୍ର- ୪୭ ଶିଳ୍ପପତି ମାନଙ୍କସହ ସକ୍ରିୟ ସମ୍ପର୍କ

**ଉତ୍କର୍ଷ ଓଡ଼ିଶା**
ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫

UTKARSH ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025

| | |
|---|---|
| ୧୪୫ | ଚୁକ୍ତିନାମା ସ୍ୱାକ୍ଷରିତ |
| ୫୯୩ | ପ୍ରକଳ୍ପ ସଂଖ୍ୟା |
| ୧୬.୭ ଲକ୍ଷ କୋଟି ଅର୍ଥରାଶି | ନିବେଶ ପ୍ରତିଶ୍ରୁତି |
| ୧୨.୯ ଲକ୍ଷ | ନିଯୁକ୍ତି ସୁଯୋଗ |
| ୨୦ | କ୍ଷେତ୍ର ସଂଖ୍ୟା |


ଉତ୍ସ: ଇପିକଲ, ଓଡ଼ିଶା

**ନିବେଶକ ସମ୍ମିଳନୀ: ୨୦୨୪-୨୦୨୫**







ଚିତ୍ର- ୪୮ ବିଭିନ୍ନ କ୍ଷେତ୍ରରେ ଏକ ଆକର୍ଷଣୀୟ ପୁଞ୍ଜିନିବେଶ ସ୍ଥଳରେ ଓଡ଼ିଶା ପରିଣତ ହୋଇଛି





ଉତ୍ସ: ଇପିକଲ, ଓଡ଼ିଶା ସରକାର

## ଅନୁମୋଦିତ (କ୍ରମବର୍ଦ୍ଧିଷ୍ଣୁ) ନିବେଶ ପରିମାଣ ଏବଂ ନିଯୁକ୍ତି ସମ୍ଭାବନା – ୨୦୧୭-୧୮ ରୁ ୨୦୨୪-୨୫




## ନିଯୁକ୍ତି ସୁଯୋଗ (କ୍ରମବର୍ଦ୍ଧିଷ୍ଣୁ)




ଉତ୍ସ: ଇପିକଲ, ଓଡ଼ିଶା ସରକାର

## ଚିତ୍ର- ୪୯ ଖଣି କ୍ଷେତ୍ର: ଓଡ଼ିଶାର ଉତ୍ପାଦନକୁ ଶକ୍ତି ଯୋଗାଉଛି

**~୪୫%** ଭାରତର ଖଣିଜ ଉତ୍ପାଦନରେ ଓଡ଼ିଶାର ଅବଦାନ–୨୦୨୩-୨୪ : ୬୨,୭୩୭ କୋଟି ଟଙ୍କା


### ଓଡିଶାର ଖଣିଜ ଉତ୍ପାଦନର ମୂଲ୍ୟ

ସି.ଏ.ଜି.ଆର୍ ୨୦% ରୁ ଅଧିକ ₹

୨୦୨୩-୨୪: ୬୨.୭ ହଜାର କୋଟି ଟଙ୍କାରେ

୨୦୧୭-୧୮: ୧୯.୬ ହଜାର କୋଟି ଟଙ୍କାରେ

### ମୂଲ୍ୟ ଅନୁଯାୟୀ ପ୍ରମୁଖ ଖଣିଜ ଉତ୍ପାଦନରେ ରାଜ୍ୟଗୁଡ଼ିକର ଅଂଶ (ପ୍ରତିଶତରେ) – ୨୦୧୭-୧୮ ଏବଂ ୨୦୨୩-୨୪




*ଉତ୍ସ: ଭାରତୀୟ ଖଣି ବ୍ୟୁରୋ, ନାଗପୁର, ଭାରତ ଏବଂ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ*



### ୨୦୨୪ ମାର୍ଚ୍ଚ ସୁଦ୍ଧା ଭାରତର ପ୍ରମୁଖ ଖଣିଜ ଉତ୍ପାଦନରେ ଓଡ଼ିଶାର ଅଂଶ

କ୍ରୋମାଇଟ (୧ ନମ୍ବର ସ୍ଥାନ)
୧୦୦% ଅଂଶ


ବକ୍ସାଇଟ (୧ ନମ୍ବର ସ୍ଥାନ)
~୭୧% ଅଂଶ

ଲୁହା ପଥର(୧ ନମ୍ବର ସ୍ଥାନ)
~୫୭% ଅଂଶ

କୋଇଲା (୩ ନମ୍ବର ସ୍ଥାନ)
~୨୧% ଅଂଶ

ମାଙ୍ଗାନିଜ ଖଣିଜ ପଥର(୪ ନମ୍ବର ସ୍ଥାନ)
~୧୫% ଅଂଶ

### ଖଣିଜ ଉତ୍ପାଦନରେ ସିଏଜିଆର ୨୦୧୭-୧୮ ରୁ ୨୦୨୩-୨୪



ଚିତ୍ର- ୫୦ ଶିଳ୍ପ ଭିତ୍ତିଭୂମି





ଉତ୍ସ: ଇପିକଲ, ଓଡ଼ିଶା ସରକାର

**ପରବର୍ତ୍ତୀ ଉଦ୍ୟମ ସମୂହ**


- ଅଟୋମୋବାଇଲ,ବୈଦ୍ୟୁତିକଯାନ, ସେମିକଣ୍ଡକ୍ଟର ଏବଂ ସୂଚନା ଓ ପ୍ରଯୁକ୍ତି ଶିଳ୍ପ ପାଇଁ ରାଜ୍ୟ ରାଜଧାନୀ ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ପାର୍କ ପ୍ରତିଷ୍ଠା
- ଖୋର୍ଦ୍ଧା ଜିଲ୍ଲାର କାଲିବାଟି ଓ ଭୁଇଁପୁରଠାରେ ଦୁଇଟି ପୋଷାକପତ୍ର ତିଆରି ପାର୍କ ପ୍ରତିଷ୍ଠା
- ରାନ୍ଧିବା ଯୋଗ୍ୟ ଏବଂ ଖାଇବା ଯୋଗ୍ୟ ଉତ୍ପାଦ ପ୍ରସ୍ତୁତ ପ୍ରୋତ୍ସାହିତ କରିବା ପାଇଁ ବୃହତ ଖାଦ୍ୟ ପାର୍କ ନିର୍ମାଣ
- ୧୧ଟି ନୂତନ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାର୍କ ପ୍ରତିଷ୍ଠା ସହିତ ବର୍ତ୍ତମାନ ଥିବା ପାର୍କଗୁଡ଼ିକର ଉନ୍ନତିକରଣ
- ୮ଟି ପ୍ରମୁଖ ସ୍ଥାନରେ ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ (ଏମ୍ ଏମ୍ ଏଲ୍ ପି) ପ୍ରତିଷ୍ଠା
- ଭୁବନେଶ୍ୱର ନିକଟସ୍ଥ ଅରଗାଠାରେ ୨୦୦ ଏକର ପରିମିତ ଉତ୍ସର୍ଗୀକୃତ ସେମିକଣ୍ଡକ୍ଟର ପାର୍କ ନିର୍ମାଣ
- ୨୦୨୭ସୁଦ୍ଧାରାଉରକେଲା, ସମ୍ବଲପୁର, ପାରାଦ୍ୱୀପ ଓ ଧାମରାକୁ ସଂଯୋଗ କରୁଥିବା ଶିଳ୍ପ କରିଡର ପ୍ରତିଷ୍ଠା

### ଚିତ୍ର- ୫୧ ଓଡ଼ିଶାରେ ଶିଳ୍ପ କ୍ଷେତ୍ରରେ ଶ୍ରମଶକ୍ତି




ଟିପ୍ପଣୀ: *୧୫ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ବର୍ଗ ପାଇଁ ଉତ୍ସ: ପିରିଅଡିକ୍ ଲେବର ଫୋର୍ସ ସର୍ଭେ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ , ଭାରତ ସରକାର, ୨୦୧୭-୧୮ ଏବଂ ୨୦୨୩-୨୪


### ଚିତ୍ର- ୫୨ ଶିଳ୍ପ କ୍ଷେତ୍ରରେ ଶ୍ରମଶକ୍ତିର ବଣ୍ଟନ (୨୦୨୩-୨୪)




ଉତ୍ସ: ପିରିଓଡିକ୍ ଲେବର ଫୋର୍ସ ସର୍ଭେ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ , ଭାରତ ସରକାର, ୨୦୨୩-୨୪


**ବିନିର୍ମାଣ ଏବଂ ନିର୍ମାଣ ଉପ-କ୍ଷେତ୍ର 'ଶିଳ୍ପ' କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି କରୁଛି**

### ଚିତ୍ର- ୫୩ ଓଡିଶାର ଏମ.ଏସ.ଏମ.ଇ ସଂଖ୍ୟା




ଟିପ୍ପଣୀ: *ଆଇଏମ୍ଇ - ଅନୌପଚାରିକ ଅଣୁ ଉଦ୍ୟୋଗ
ଉତ୍ସ: ପ୍ରଦର୍ଶନ ସ୍ମାର୍ଟବୋର୍ଡ, ଏମଏସଏମଇ ମନ୍ତ୍ରଣାଳୟ, ଭାରତ ସରକାର

### ଚିତ୍ର- ୫୪ ଓଡ଼ିଶାରେ ଏମ.ଏସ.ଏମ.ଇ. କୁ ଋଣ




ସୂତ୍ର: ଏସଏଲବିସି ରିପୋର୍ଟ, (ବିଭିନ୍ନ ରାଉଣ୍ଡ), ଓଡ଼ିଶା

**ଉଦ୍ୟମ ସାହାଯ୍ୟ ପ୍ରାପ୍ତ ପ୍ଲାଟଫର୍ମ (ୟୁଏପି) ସମେତ ଏମ.ଏସ.ଏମ.ଇ. (ଉଦ୍ୟମ) ପଞ୍ଜୀକରଣ**

## ଚିତ୍ର- ୫୫ ଓଡିଶାର ରପ୍ତାନି ବୃଦ୍ଧି


**୫୪.୪ ହଜାର କୋଟି ଟଙ୍କା** — **ବାଣିଜ୍ୟିକ ପଦାର୍ଥ ରପ୍ତାନି ମୂଲ୍ୟ ୨୦୨୪-୨୫ (ଏପ୍ରିଲ - ନଭେମ୍ବର)**

### ରପ୍ତାନି ପ୍ରୋତ୍ସାହନ ପାଇଁ କାର୍ଯ୍ୟ ଖସଡା

- ଭାରତର ଶ୍ରେଷ୍ଠ ୫ଟି ରପ୍ତାନିକାରୀ ରାଜ୍ୟ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରିବା
- ୨୦୨୬-୨୭ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କାର ରପ୍ତାନି ଲକ୍ଷ୍ୟ ହାସଲ
- ରାଜ୍ୟର ରପ୍ତାନି ରଣନୀତି ପ୍ରସ୍ତୁତ କରିବା ପାଇଁ ରାଜ୍ୟ ରପ୍ତାନି ପ୍ରୋତ୍ସାହନ କମିଟି ଓ ଜିଲ୍ଲାସ୍ତରୀୟ ରପ୍ତାନି ପ୍ରୋତ୍ସାହନ କମିଟି ଗଠନ
- ବହୁମୁଖୀ ରପ୍ତାନି ଉଦ୍ଦେଶ୍ୟରେ ରାଜ୍ୟ ରପ୍ତାନି କାର୍ଯ୍ୟ ଖସଡା ପ୍ରସ୍ତୁତି

*ଉତ୍ସ: ଡ୍ୟାସବୋର୍ଡ, ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ*

## ଚିତ୍ର- ୫୬ ରପ୍ତାନି ସାମଗ୍ରୀର ସଂଗଠନ - ୨୦୨୩-୨୪




*ଟିପ୍ପଣୀ: *ଅନ୍ୟାନ୍ୟ ଉତ୍ପାଦ ମଧ୍ୟରେ ବୟନ, କୃଷି ଏବଂ ଜଙ୍ଗଲ ଉତ୍ପାଦ, ଔଷଧ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଅନ୍ତର୍ଭୁକ୍ତ*
*ଉତ୍ସ: ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ, ଓଡ଼ିଶା।*




## ସେବା କ୍ଷେତ୍ର

### ଚିତ୍ର- ୫୭ ଓଡିଶାର ସେବା ଉପ-କ୍ଷେତ୍ରର ଅଭିବୃଦ୍ଧି (ସ୍ଥିର ମୂଲ୍ୟରେ), ୨୦୨୪-୨୫ ଅଗ୍ରୀମ ଆକଳନ

ସେବା କ୍ଷେତ୍ରରେ ୨୦୨୪-୨୫ରେ ସାମଗ୍ରିକ ଅଭିବୃଦ୍ଧି ପରିଲିକଳ୍ପନା କରାଯାଉଛି ହୋଇଛି


୧୦% ସେବା କ୍ଷେତ୍ରର ମୋଟ୍ ଅଭିବୃଦ୍ଧି (ସ୍ଥିର ମୂଲ୍ୟ, ୨୦୨୪-୨୫ ଅଗ୍ରୀମ ଅଟକଳ)




*ଉତ୍ସ: ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା*


### ଚିତ୍ର- ୫୮ ବ୍ୟାଙ୍କ ଶାଖା ସଂଖ୍ୟା

ଓଡ଼ିଶାରେ ବ୍ୟାଙ୍କ ବ୍ୟବସ୍ଥାରେ ଉନ୍ନତି




***ଉତ୍ସ: ଏସ.ଏଲ.ବି.ସି. ରିପୋର୍ଟ, ଓଡିଶା***


### ଚିତ୍ର- ୫୯ ବିଭିନ୍ନ ଅନୁଷ୍ଠାନ ମାନଙ୍କ ଦ୍ୱାରା ପରିଚାଳିତ ବ୍ୟାଙ୍କ ଶାଖା




***ଉତ୍ସ: ଏସ.ଏଲ.ବି.ସି. ରିପୋର୍ଟ, ଓଡିଶା***


### ଚିତ୍ର- ୬୦ ଓଡିଶାର ରଣଜମା ଅନୁପାତ

**ରଣଜମା ଅନୁପାତ ଅଧିକ ପରିଲକ୍ଷିତ**




*ଉତ୍ସ: ଏସ.ଏଲ.ବି.ସି. ରିପୋର୍ଟ, ଓଡିଶା*


### ଚିତ୍ର- ୬୧ ଜିଲ୍ଲା ୱାରି ରଣ -ଜମା ଅନୁପାତ, ୨୦୨୩-୨୪




*ଉତ୍ସ: ଏସ.ଏଲ.ବି.ସି. ରିପୋର୍ଟ, ଓଡିଶା*

ଟିପ୍ପଣି- ମାନଚିତ୍ର ସ୍କେଲ ପାଇଁ ଉଦ୍ଦିଷ୍ଟ ନୁହେଁ

ଚିତ୍ର- ୬୨ ଓଡିଶାର ପ୍ରାଥମିକତା କ୍ଷେତ୍ର ଋଣ ଏବଂ ଲକ୍ଷ୍ୟ ହାସଲ





*ଉତ୍ସ: ଏସ.ଏଲ.ବି.ସି. ରିପୋର୍ଟ, ଓଡିଶା*





**ଚିତ୍ର- ୬୩ ଅନୁକୂଳ ନୀତି ଏବଂ ଗୁଣାତ୍ମକ ଭିତ୍ତିଭୂମି ଦ୍ୱାରା ପରିଚାଳିତ ଆଇ.ଟି/ଆଇ.ଟି.ଇ.ଏସ.ର ପରବର୍ତ୍ତୀ କେନ୍ଦ୍ର ଭୁବନେଶ୍ୱର**


- ଭୁବନେଶ୍ୱରରେ ୫୦୦ରୁ ଅଧିକ ବୈଷୟିକ ଏବଂ ବି.ପି.ଏମ. ସମ୍ବନ୍ଧୀୟ ବ୍ୟବସାୟ ରହିଛି।
- ଭୁବନେଶ୍ୱରରେ ୨୦୧୨-୧୩ ବର୍ଷରୁ ସଫ୍ଟୱେୟାର ରପ୍ତାନିରେ କ୍ରମାଗତ ଭାବେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ରେକର୍ଡ କରାଯାଇଛି
- ସମୃଦ୍ଧ ଶିକ୍ଷା ପରିବେଶ ଏବଂ ପ୍ରମୁଖ ଅନୁଷ୍ଠାନଗୁଡ଼ିକର କେନ୍ଦ୍ର
- ଗତ ୬ ବର୍ଷରେ ୧ ନିୟୁତ ଅତିରିକ୍ତ ସ୍ନାତକ ।
- ବୈଷୟିକ କ୍ଷେତ୍ରରେ ପ୍ରାୟ ୬୫ ହଜାର ଅଭିଜ୍ଞ ପ୍ରତିଭାଙ୍କୁ ନିଯୁକ୍ତି ଦିଆଯାଇଛି।
- ଟିକସ ଛୁଟି, ସବସିଡି ଫେରସ୍ତ ଏବଂ ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ ପାଇଁ ବ୍ୟବସ୍ଥା

**ସହାୟକ ବ୍ୟାପକ ନୀତି : ଆଇପିଆର, ଆଇଟି ନୀତି, ଡାଟା ସେଣ୍ଟର ନୀତି, ବିପିଓ ନୀତି**










*ଉତ୍ସ: ନାସ୍‌କମ୍ , ୨୦୨୩ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡିଶା ସରକାର*



**ଭିତ୍ତିଭୂମି**



- ୭୫୦+ ଏକର ପ୍ରସ୍ତୁତ ଗୁଣାତ୍ମକ ଭିତ୍ତିଭୂମି
- ରପ୍ତାନିକୁ ସମର୍ଥନ କରିବା ପାଇଁ ଆଇ.ଟି ଏସ.ଇ.ଜେଡ୍.
- ସୁଲଭ ଲିଜ୍ ସହ ୯ ଅଧିସୂଚିତ ସରକାରୀ ଆଇଟି ଟାୱାର
- ୬ଟି ଭାରତୀୟ ସଫ୍ଟୱେର ଟେକ୍ନୋଲୋଜି ପାର୍କ: (ଭାରତରେ ସର୍ବାଧିକ)
- ୬ଟି ଘରୋଇ ମାଲିକାନା ଓ ପରିଚାଳିତ ଆଇଟି ଟାୱାର। ୧୫ଟି ପ୍ରସ୍ତାବିତ ଆଇଟି ପାର୍କ
- ସୁଲଭ ଜମି ଦର
- ଓ-ହବ୍: ଓଡ଼ିଶାର ଷ୍ଟାର୍ଟଅପ୍ ପାଇଁ ଶ୍ରେଷ୍ଠ ସେବା।
- ୨୦+ ଇନକ୍ୟୁବେଟର ସେଣ୍ଟରର ଉପସ୍ଥିତି

## ଭିତ୍ତିଭୂମି

ଚିତ୍ର- ୬୪ ରେଳ ଓ ସଡ଼କ ସଂଯୋଗୀକରଣରେ ଉନ୍ନତି

### ରେଳବାଇ

**ରେକର୍ଡ ଆବଣ୍ଟନ**
୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ରେଳ ଭିତ୍ତିଭୂମି ପାଇଁ ୧୦,୫୮୬ କୋଟି ଟଙ୍କାର ରେକର୍ଡ ବଜେଟ ଆବଣ୍ଟନ

ସଂଯୋଗ ବିହୀନ ଆକାଂକ୍ଷୀ ଜିଲ୍ଲା ଏବଂ ଆଦିବାସୀ ଅଂଚଳକୁ ୮ଟି ନୂଆ ରେଳ ପ୍ରକଳ୍ପକୁ ଅନୁମୋଦନ

ଓଡ଼ିଶାର ଯୋଗାଯୋଗରେ ବୃଦ୍ଧି ପାଇଁ ଆଉ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ ର ଆରମ୍ଭ

### ଜାତୀୟ ରାଜପଥର ପ୍ରଶସ୍ତିକରଣ ଜାରି ରହିଛି




**ଓଡ଼ିଶାରେ ୭୫ ହଜାର କିଲୋମିଟର ରାସ୍ତାର ପରିକଳ୍ପନା ପାଇଁ ନିମ୍ନଲିଖିତ ପ୍ରକଳ୍ପଗୁଡ଼ିକ ଚିହ୍ନଟ**

ଭୁବନେଶ୍ୱର-ପୁରୀ, ଅବାଧ ପ୍ରବେଶ ରୋଧକ, ୮- ଲେନ୍ ବିଶିଷ୍ଟ ରାଜପଥ ଜାତୀୟ ରାଜପଥ- ୩୧୬ ର ୬୦ କିମି

ଉପକୂଳ ରାଜପଥ ପ୍ରକଳ୍ପ ଅଧୀନରେ ଟାଙ୍ଗୀଠାରୁ ଦୀଘା ପର୍ଯ୍ୟନ୍ତ ଭାରତମାଳା ପରିଯୋଜନା

ରାଉରକେଲା-ପାରାଦୀପ ଅର୍ଥନୈତିକ କରିଡର

୭ଟି ଚିହ୍ନଟ ହୋଇଥିବା ସ୍ଥାନକୁ ଦେଇ ବୃହତ ରାଜପଥ ଯୋଗାଯୋଗ ପ୍ରକଳ୍ପ

*ଉତ୍ସ: ପୂର୍ତ୍ତ ବିଭାଗ ଓ ବାଣିଜ୍ୟ ପରିବହନ ବିଭାଗ, ଓଡିଶା ସରକାର*

## ଚିତ୍ର- ୬୫ ବୃଦ୍ଧିପ୍ରାପ୍ତ ବିମାନ ଯୋଗାଯୋଗ

### ପୁରୀରେ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ୫ଟି କାର୍ଯ୍ୟକ୍ଷମ ଓ ଅନେକ ନିର୍ମାଣାଧୀନ ବିମାନବନ୍ଦର




*ଟିପ୍ପଣୀ: ଏନଏସଓପି: ଅଣ-ଅନୁସୂଚୀତ ଅପରେଟର ପରମିଟ୍*


*ଉତ୍ସ: ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର*

ଟିପ୍ପଣୀ- ମାନଚିତ୍ର ସ୍କେଲ ପାଇଁ ଉଦ୍ଦିଷ୍ଟ ନୁହେଁ

ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏସିଆର ସର୍ବବୃହତ କାର୍ଯ୍ୟକ୍ରମ ୱିଙ୍ଗସ ଇଣ୍ଡିଆ ୨୦୨୪ରେ "ଆଞ୍ଚଳିକ ଯୋଗାଯୋଗ ଯୋଜନା"ରେ ସକ୍ରିୟ ଆଭିମୁଖ୍ୟ ପାଇଁ ଓଡ଼ିଶାକୁ "ଶ୍ରେଷ୍ଠ ରାଜ୍ୟ" ପୁରସ୍କାର ମିଳିଛି

### ଭାରତ ଏବଂ ବିଦେଶର ସହରଗୁଡ଼ିକ ସହ ଯୋଗାଯୋଗ ବୃଦ୍ଧି

୨୨ଟି ସହରକୁ ସମଗ୍ର ଭାରତରେ



**ଚାରୋଟି ଅନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳ**

- ଦୁବାଇ
- ସିଙ୍ଗାପୁର
- ବ୍ୟାଙ୍କକ୍
- କୁଆଲାଲମ୍ପୁର

### ନୂଆ ଗନ୍ତବ୍ୟସ୍ଥଳ ନୀତି ୨୦୨୪

**ଭୁବନେଶ୍ୱରରୁ ୫ଟି ସିଧାସଳଖ ବିମାନ ସେବା:- ଡେରାଡୁନ, ଇନ୍ଦୋର, କୋଚି, ଜୟପୁର ଓ ଲକ୍ଷ୍ନୌ**

**ଝାରସୁଗୁଡ଼ା ୪ଟି ସିଧାସଳଖ ବିମାନ ଚଳାଚଳ - ହାଇଦ୍ରାବାଦ, ମୁମ୍ବାଇ, ରାୟପୁର ଓ ଲକ୍ଷ୍ନୌ**

## ଚିତ୍ର- ୬୬ ବନ୍ଦର ଏବଂ ଆଭ୍ୟନ୍ତରୀଣ ଜଳପଥର ବିକାଶ

୧ ସୁଦୀର୍ଘ ସମୁଦ୍ର କୂଳ
ଚିହ୍ନଟ ହୋଇଥିବା ୧୪ଟି ବନ୍ଦର ସ୍ଥଳ

୨ ତିନୋଟି କାର୍ଯ୍ୟକ୍ଷମ ବନ୍ଦର
ପାରାଦ୍ୱୀପ, ଧାମରା ଓ ଗୋପାଳପୁର

୩ ସମୁଦାୟ କ୍ଷମତା
୨୦୦+ ମିଲିଅନ ମେଟ୍ରିକ ଟନ (ବାର୍ଷିକ)

୪ ଓଡ଼ିଶାର ୬ ଜାତୀୟ ଜଳପଥ- ସେଥିରୁ
ଜାତୀୟ ଜଳପଥ ସଂଖ୍ୟା-୫ ଏବଂ ୬୪କୁ
୨୦୩୬ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ


୫ ବିଜ୍ଞାପିତ ମହାନଦୀଶଯ୍ୟା ନଦୀବନ୍ଦରରେ
ଜାହାଜ ନିର୍ମାଣ ଓ ମରାମତି ସୁବିଧା




ଟିପ୍ପଣି- ମାନଚିତ୍ର ସ୍କେଲ ପାଇଁ ଉଦ୍ଦିଷ୍ଟ ନୁହେଁ


*ଉତ୍ସ: ବନ୍ଦର ଓ ଆଭ୍ୟନ୍ତରୀଣ ଜଳ ପରିବହନ, ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର*

## ଚିତ୍ର- ୬୭ ସଂସ୍ଥାପିତ ବିଦ୍ୟୁତ୍ କ୍ଷମତା (ମେଗା ୱାଟରେ)




*ଉତ୍ସ: ଗ୍ରିଡ୍‌କୋ, ଓଡ଼ିଶା ସରକାର*


## ଚିତ୍ର- ୬୮ ଉତ୍ସ ଦ୍ୱାରି ସଂସ୍ଥାପିତ ବିଦ୍ୟୁତ୍ କ୍ଷମତା (ମେଗା ୱାଟରେ) ୨୦୨୩-୨୪, ପ୍ରତିଶତରେ




ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ର ଅଂଶ ଭାଗ


*ଉତ୍ସ: ଗ୍ରିଡ୍‌କୋ, ଓଡ଼ିଶା ସରକାର*

## ଚିତ୍ର- ୬୯ ବିଦ୍ୟୁତ ଉପଲବ୍ଧତା ଏବଂ ବିଦ୍ୟୁତ ଚାହିଦା (ମେଗା ୱାଟରେ)




*ଉତ୍ସ: ଗ୍ରିଡ୍‌କୋ, ଓଡିଶା*


## ଚିତ୍ର- ୭୦ କ୍ଷେତ୍ର ଅନୁଯାୟୀ ବିଦ୍ୟୁତ୍ ବ୍ୟବହାରର ଅଂଶ ଭାଗ




**ଅନ୍ୟାନ୍ୟ ଉପଯୋଗିତା ଏବଂ ବଲ୍କ ଯୋଗାଣ ମଧ୍ୟରେ ବାଣିଜ୍ୟିକ, ସାର୍ବଜନୀନ ଆଲୋକ, ରେଳବାଇ, ସାର୍ବଜନୀନ ଜଳ କାର୍ଯ୍ୟ, ବଲ୍କ ଯୋଗାଣ ଏବଂ ଅନ୍ୟାନ୍ୟ ଅନ୍ତର୍ଭୁକ୍ତ ।*

*ଉତ୍ସ: ଗ୍ରିଡ୍‌କୋ, ଓଡିଶା*


## ଚିତ୍ର- ୭୧ ଡିଜିଟାଲ ଭିତ୍ତିଭୂମି




*ଉତ୍ସ: ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ, ଭାରତ ସରକାର*

## ସାମାଜିକ କ୍ଷେତ୍ର

ଚିତ୍ର- ୭୨ ସ୍ୱାସ୍ଥ୍ୟ କ୍ଷେତ୍ରର ପୁନରୁଦ୍ଧାର




**ଆୟୁଷ୍ମାନ ଭାରତ (ଏବି-ପିଏମଜେଏୱାଇ) ସହିତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି-ଜେଏୱାଇ)ର ମିଶ୍ରଣ**

- ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯିବା ସହ ମହିଳା ସଦସ୍ୟଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ
- ୨୯,୦୦୦ରୁ ଅଧିକ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କ୍ୟାସଲେସ୍ ଚିକିତ୍ସା ସୁବିଧା ଉପଲବ୍ଧ

**ଦୁର୍ଗମ ଅଂଚଳରେ ଚିକିତ୍ସା ପରିବହନ**

- ୮୭୦ଟି ଆମ୍ବୁଲାନସ ଦ୍ୱାରା ଦୈନିକ ପ୍ରାୟ ୩୧୦୦ ରୋଗୀଙ୍କୁ ମାଗଣା ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଯାଇପାରୁଛି
- ୨୦୨୪-୨୫ରେ ଟ୍ରମା ସେବା ଓ ଆମ୍ବୁଲାନ୍ସ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୩୬,୫୪୯ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି

**ଚିକିତ୍ସା କ୍ଷମତାକୁ ସୁଦୃଢ଼ କରିବା**

- ଡାକ୍ତର ଅଭାବ ଦୂର କରିବା ପାଇଁ ଓଡ଼ିଶା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ନିୟମାବଳୀରେ ସଂଶୋଧନ
- ୫୦୦୦ ନୂଆ ଡାକ୍ତର ଓ ୧୨୬ ଦନ୍ତ ଚିକିତ୍ସକ ନିଯୁକ୍ତି

**ଶିଶୁ ଏବଂ ସ୍ୱତନ୍ତ୍ର ଯତ୍ନ ପାଇଁ ଗୁରୁତ୍ୱାରୋପ**

- ପ୍ରତି ଜିଲ୍ଲାରେ ଶିଶୁ କର୍କଟ ୟୁନିଟ୍ ପ୍ରତିଷ୍ଠା କରାଯିବ
- କେନ୍ଦୁଝର ଓ ସୋନପୁରରେ ୨ଟି ନୂଆ ଇଏସଆଇ ହସ୍ପିଟାଲ କୁ ମଞ୍ଜୁରୀ

ଓଡ଼ିଶାର ଦୂରଦୂରାଞ୍ଚଳ ପର୍ଯ୍ୟନ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

*ଉତ୍ସ: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା ସରକାର*

ଚିତ୍ର- ୭୩  ଦୁର୍ବଳ ଗୋଷ୍ଠୀ ପାଇଁ ସହାୟତା

## # ପି.ଏମ.-ଜନମନ ଯୋଜନା

- ଏଥିରେ ଓଡ଼ିଶା ସମେତ ୧୮ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ରହୁଥିବା ୭୫ଟି ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି) କୁ ଅନ୍ତର୍ଭୁକ୍ତ କରାଯାଇଛି
- ଏହି ଆଦିବାସୀ ସମ୍ପ୍ରଦାୟମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ ସଚେତନ କରି ବ୍ୟକ୍ତିଗତ ଅଧିକାର ଏବଂ ବସ୍ତିଗୁଡ଼ିକୁ ମୌଳିକ ସୁବିଧା ପ୍ରଦାନ କରିବା ଲକ୍ଷ୍ୟ ରଖିଛି

## # ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ

- ଆବାସିକ ବ୍ୟବସ୍ଥାରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଓଡ଼ିଶାରେ ସର୍ବାଧିକ ମଞ୍ଜୁରୀପ୍ରାପ୍ତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ରହିଛି
- ବର୍ତ୍ତମାନ ୧୭ଟି ଜିଲ୍ଲାରେ ୪୭ଟି ଇଏମଆରଏସ କାର୍ଯ୍ୟକ୍ଷମ ଥିବା ବେଳେ ୧୧,୪୫୦ ଜଣ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି
- ବର୍ତ୍ତମାନ ଅତିରିକ୍ତ ୫୨ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ନିର୍ମାଣାଧୀନ ରହିଛି।









- ଆଦିବାସୀ ଅଂଚଳରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ସାମାଜିକ ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଅଭାବକୁ ଦୂର କରିବାକୁ ଲକ୍ଷ୍ୟ ରଖାଯାଇଛି
- କଭରେଜ୍:
- ୪୮,୧୫,୬୭୦ ଅନୁସୂଚିତ ଜନଜାତି ଜନସଂଖ୍ୟା
- ୨୭ ଟି ଜିଲ୍ଲାର ୭,୬୬୭ ଟି ଆଦିବାସୀ ଗ୍ରାମ

## # ପ୍ରଧାନମନ୍ତ୍ରୀ ଆଦିବାସୀ ଉନ୍ନୟନ ଗ୍ରାମ

- ୮୦+ ବ୍ୟକ୍ତିଙ୍କ  ମାସିକ ସାମାଜିକ ସୁରକ୍ଷା ଭତ୍ତା ୧୫୦୦ ଟଙ୍କାରୁ ପାଇଁ ୩୫୦୦ ଟଙ୍କାକୁ ବୃଦ୍ଧି
- ମଧୁ ବାବୁ ପେନସନ୍ ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ କୁ ଅନ୍ତର୍ଭୁକ୍ତ କରାଯିବ

## ପେନସନ ରାଶିର ବୃଦ୍ଧି

*ଉତ୍ସ: ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ ବିଭାଗ, ଅନୁସୂଚିତ ଜନଜାତି ଓ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡିଶା ସରକାର*

# ମୁଖ୍ୟାଂଶ ଓ କାର୍ଯ୍ୟକାରୀ ସାରାଂଶ

# ପ୍ରଥମ ଅଧ୍ୟାୟ

## ଅର୍ଥନୀତିର ସ୍ଥିତି : ଏକ ସ୍ଥୂଳ ଦୃଷ୍ଟିକୋଣ

### ଅଭିବୃଦ୍ଧି



୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶା ଅର୍ଥନୀତିର ଆକାର ୯.୫ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ଯାହା ପ୍ରାୟ ୧୧୩ ବିଲିୟନ ଆମେରିକୀୟ ଡଲାର ଅଟେ । ୨୦୨୪-୨୫ ମସିହାରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ବାସ୍ତବରେ ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଏହି ବର୍ଷରେ ଓଡିଶା ଅର୍ଥନୀତିର ସମସ୍ତ କ୍ଷେତ୍ରରେ ସୁଦୃଢ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଏହା ସର୍ବଭାରତୀୟ ସ୍ତରର ୬.୪ ପ୍ରତିଶତ ତୁଳନାରେ ଅଧିକ । ରାଜ୍ୟ ଅର୍ଥନୀତିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଯୋଗଦାନ ପ୍ରାୟ ୧୯ ପ୍ରତିଶତ ଓ ଏହାର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ଅଟେ । ଯାହା ସର୍ବଭାରତୀୟ ସ୍ତରର ଅଭିବୃଦ୍ଧି ସହ ପ୍ରାୟତଃ ସମାନ। ଅପର ପକ୍ଷରେ ରାଜ୍ୟ ଅର୍ଥନୀତିରେ ଶିଳ୍ପ କ୍ଷେତ୍ରର ଯୋଗଦାନ ୪୪ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୬.୧ ପ୍ରତିଶତ ଯାହାକି ସର୍ବଭାରତୀୟ ସ୍ତର ସହିତ ପ୍ରାୟ ସମାନ। ରାଜ୍ୟରେ ସେବାକ୍ଷେତ୍ରର ଯୋଗଦାନ ପ୍ରାୟ ୩୭ ପ୍ରତିଶତ ଏବଂ ଏହାର ୧୦ ପ୍ରତିଶତ ହାରରେ ଅଭିବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଦୃଢ ଅଭିବୃଦ୍ଧି, ବାଣିଜ୍ୟ ଏବଂ ମରାମତି ସେବା କ୍ଷେତ୍ରର ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଏହାର ପ୍ରମୁଖ ଯୋଗଦାନକାରୀ । ସାଧାରଣତଃ ବିଶ୍ୱସ୍ତରରେ ବିକଶିତ ଅର୍ଥନୀତି ଗୁଡିକରେ ସେବା କ୍ଷେତ୍ରର ବୃହତ ଅଂଶ ଯୋଗଦାନ ରହିଥାଏ । ଉଦାହରଣ ସ୍ୱରୁପ ୨୦୨୧ ରେ ଆମେରିକାର ମୋଟ ସଂଯୋଗିତ ମୂଲ୍ୟରେ ସେବା କ୍ଷେତ୍ରର ଅଂଶ ୭୭.୬ ପ୍ରତିଶତ ଥିଲା । ସେବା କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ଭବିଷ୍ୟତର ଅର୍ଥନୀତି ପାଇଁ ଏକ ଶୁଭ ସଙ୍କେତ ଅଟେ ।

### ମୁଣ୍ଡ ପିଛା ଆୟ



୨୦୨୪-୨୫ ଆର୍ଥିକ ବର୍ଷରେ ମୁଣ୍ଡପିଛା ଆୟ ୧୦.୬ ପ୍ରତିଶତ ବୃଦ୍ଧି ପାଇ ୧.୮୩ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିଛି ଏବଂ ସର୍ବଭାରତୀୟ ମୁଣ୍ଡପିଛା ଆୟଠାରୁ ଏହାର ବ୍ୟବଧାନ ଏକ ଅଙ୍କ (୮.୮ ପ୍ରତିଶତ)କୁ ହ୍ରାସ ପାଇଛି । ଅନ୍ୟ ରାଜ୍ୟ ତୁଳନାରେ ମୁଣ୍ଡପିଛା ଆୟ ହିସାବରେ ଓଡିଶା ଏକାଦଶ ସ୍ଥାନରେ ରହିଛି । ୨୦୨୩-୨୪ ଆର୍ଥିକ ବର୍ଷର ତଥ୍ୟ ଅନୁଯାୟୀ ଯଦି ଓଡିଶା ମୁଣ୍ଡପିଛା ଆୟବୃଦ୍ଧିକୁ ୧.୦ ପ୍ରତିଶତ ପଏଣ୍ଟରେ ତ୍ୱରାନ୍ୱିତ କରିବାରେ ସଫଳ ହୁଏ, ତେବେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ସ୍ତରର ମୁଣ୍ଡପିଛା ଆୟ ସହିତ ପ୍ରାୟ ସମକକ୍ଷ ହୋଇପାରିବ । ଆଗାମୀ ଦିନରେ ରାଜ୍ୟ ଏକ ଦ୍ରୁତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ । ଅଭିବୃଦ୍ଧିର ପ୍ରମୁଖ ସହାୟକ ଯଥା; ଜମି, ଶ୍ରମ, ପୁଞ୍ଜି, ସମ୍ବଳ ଏବଂ ଭିତ୍ତିଭୂମି ଅଟେ । ୨୦୨୩ ମସିହାରେ ୧.୫ ଲକ୍ଷ ବର୍ଗ କିଲୋମିଟର ମୋଟ ଭୌଗୋଳିକ କ୍ଷେତ୍ରର ପ୍ରାୟ ୪.୩ ପ୍ରତିଶତ ନିର୍ମିତ କ୍ଷେତ୍ର ଥିଲା । ସମ୍ଭାବ୍ୟ ନିବେଶକଙ୍କ ପାଇଁ ରାଜ୍ୟ ପର୍ଯ୍ୟାପ୍ତ ଜମି ପ୍ରଦାନ କରୁଛି । ଗତ ୬ ବର୍ଷରେ ଶ୍ରମଶକ୍ତିର ଆକାର ୫୩ ପ୍ରତିଶତ ବୃଦ୍ଧି ପାଇ ଏବେ ପ୍ରାୟ ୨.୨୨ କୋଟିରେ ପହଞ୍ଚିଛି । ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ଓଡିଶାରେ ପାଖାପାଖି ୧ ନିୟୁତ ସ୍ନାତକ ଯୋଡି ହୋଇଛନ୍ତି ।

୭ ପ୍ରତିଶତ ସିଏଜିଆର୍ ହାରରେ ଏହା ବୃଦ୍ଧି ପାଇଛି, ଯାହା କି ୧୭ ଗୋଟି ପ୍ରମୁଖ ରାଜ୍ୟ ମଧ୍ୟରେ ଚତୁର୍ଥ ସ୍ଥାନ ଅଟେ । ଫଳତଃ ଓଡିଶାରେ ବାଣିଜ୍ୟ ସେବା କ୍ଷେତ୍ରରେ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହେବା ସହ ଅର୍ଥନୀତିରେ ସୁଫଳ ମିଳିପାରିବ ।

## ନିଯୁକ୍ତି

ବିଭିନ୍ନ ନିଯୁକ୍ତି ସୂଚକାଙ୍କରେ ଓଡିଶାରେ ଉନ୍ନତି ପରିଲକ୍ଷିତ ହୋଇଛି । ଶ୍ରମଶକ୍ତି ଅଂଶଗ୍ରହଣ ହାର ଏବଂ ଉଭୟ ପୁରୁଷ ଓ ମହିଳା ଶ୍ରମିକଙ୍କ ଜନସଂଖ୍ୟା ଅନୁପାତ ସର୍ବଭାରତୀୟ ହାରାହାରି ଠାରୁ ଓଡିଶାରେ ଅଧିକ ଅଟେ । ସର୍ବଭାରତୀୟ ହାରାହାରି ତୁଳନାରେ ଓଡିଶାରେ ଜନସଂଖ୍ୟାର ଅଧିକ ଅନୁପାତ କାର୍ଯ୍ୟକ୍ଷମ ବୟସ (୧୫+)ରେ ନିୟୋଜିତ ହୋଇଛନ୍ତି । ଯଦିଓ ବିଭିନ୍ନ ବୃତ୍ତି, ଅଞ୍ଚଳ ଏବଂ ଶିକ୍ଷରେ ଭିନ୍ନତା ରହିଛି ଏହି ହାରାହାରି ଧାରା ରାଜ୍ୟରେ କାର୍ଯ୍ୟ ଏବଂ ଉତ୍ପାଦକତା ପ୍ରତି ଏକ ସକରାତ୍ମକ ମନୋଭାବକୁ ସୂଚାଇ ଥାଏ ।

## ଅଭିବୃଦ୍ଧି ପାଇଁ ସହାୟକ

କୃଷି, ଶିଳ୍ପ ଏବଂ ସେବା କ୍ଷେତ୍ରର ଅଭିବୃଦ୍ଧି ପାଇଁ ରାଜ୍ୟ ଭିତ୍ତିଭୂମିର ବିକାଶ କରୁଛି । କୃଷି ଉତ୍ପାଦନ ପାଇଁ ଜଳସେଚନକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଭାବେ ବିବେଚନା କରାଯାଏ। ବିଭିନ୍ନ ଜିଲ୍ଲାରେ କୃଷି ଉତ୍ପାଦକତା ଏବଂ ଜଳ ଯୋଗାଣ ବୃଦ୍ଧି ପାଇଁ ଓଡିଶା ସରକାର ୮,୪୨୦ କୋଟି ଟଙ୍କା ବିନିଯୋଗରେ ୯୪ଟି ନୂତନ ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଓଡିଶା ଏହାର ଖଣିଜ ଶିଳ୍ପ ଓ ଖଣିଜ ଭିତ୍ତିକ ଉତ୍ପାଦନ ପାଇଁ ଜଣାଶୁଣା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ଭାରତର ୨୧ ପ୍ରତିଶତ କୋଇଲା ଏବଂ ୫୭ ପ୍ରତିଶତ ଲୁହାପଥର ଉତ୍ପାଦନ କରିଥିଲା। ବିବିଧ କ୍ଷେତ୍ରରେ ଶିଳ୍ପକୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ଭବିଷ୍ୟତର ପ୍ରାସଙ୍ଗିକ ଶିଳ୍ପ ଭିତ୍ତିଭୂମିକୁ ବିକାଶ କରୁଛି । 'କନେକ୍ଟ ଓଡିଶା' ଯୋଜନା ଅଧିନରେ ୮ଟି ପ୍ରମୁଖ ସ୍ଥାନରେ ବାଣିଜ୍ୟ ଓ ଲଜିଷ୍ଟିକ୍ସ ସୁବିଧା ନିମନ୍ତେ ଅଟୋମୋବାଇଲ, ଇଲେକ୍ଟ୍ରିକ୍ ଯାନ, ଆଇଟି, ପୋଷାକ ଉତ୍ପାଦନ ପାଇଁ ପାର୍କ, ସେମିକଣ୍ଡକ୍ଟର ପାର୍କ, ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ଭଳି ଶିଳ୍ପକୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ରାଜଧାନୀ ଅଞ୍ଚଳରେ ଏଫଡିଆଇ ପାର୍କ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୨୦୨୪-୨୫ ବଜେଟରେ ଓଡିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ପ୍ରାୟ ୧୦,୫୮୬ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ରେଳ ଲାଇନ୍ ନଥିବା ଆକାଂକ୍ଷୀ ଜିଲ୍ଲା ଏବଂ ଆଦିବାସୀ ବହୁଳ ଅଞ୍ଚଳକୁ ସଂଯୋଗ କରିବା ପାଇଁ ୧୯,୦୦୦ କୋଟି ଟଙ୍କାର ୮ଟି ନୂତନ ରେଳ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ରାଜ୍ୟରେ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଆଉ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳର ଯୋଜନା ରହିଛି । ମୋଟ ୩୬୦ କିଲୋମିଟର ବିଶିଷ୍ଟ ୪ଟି ନୂଆ ଜାତୀୟ ରାଜପଥ ନିର୍ମାଣ ମଧ୍ୟ ଘୋଷଣା କରାଯାଇଛି। ସେବା କ୍ଷେତ୍ରର ଅଭିବୃଦ୍ଧି ପାଇଁ ଆଇଟି, ପର୍ଯ୍ୟଟନ ଏବଂ ଆର୍ଥିକ ସେବା କ୍ଷେତ୍ର ପ୍ରମୁଖ ସ୍ତମ୍ଭ ଅଟନ୍ତି । ବିଶ୍ୱସ୍ତରୀୟ ପାରଙ୍ଗମତା କେନ୍ଦ୍ର (ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର) ପାଇଁ ଭାରତ ହେଉଛି ସବୁଠାରୁ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ । ତେଣୁ ରାଜ୍ୟକୁ ସବୁଠାରୁ ପସନ୍ଦ ଯୋଗ୍ୟ ସ୍ଥାନରେ ପରିଣତ କରିବା ପାଇଁ ଓଡିଶା ଅଧିକ ପୁଞ୍ଜିନିବେଶ କରୁଛି । ଭୁବନେଶ୍ୱର-କଟକ-ପୁରୀ ତ୍ରିଭୁଜ ଅଞ୍ଚଳ ସମେତ ବ୍ରହ୍ମପୁର ଓ ସମ୍ବଲପୁର-ଝାରସୁଗୁଡା-ରାଉରକେଲା କରିଡରରେ ଅତ୍ୟାଧୁନିକ ହବ୍ ବିକଶିତ କରିବାକୁ ମଧ୍ୟ ରାଜ୍ୟ ସରକାର ଲକ୍ଷ ରଖିଛନ୍ତି । ଭୁବନେଶ୍ୱର, ରାଉରକେଲା, ବାଲେଶ୍ୱର, ବ୍ରହ୍ମପୁର, କୋରାପୁଟ ଓ ଯାଜପୁର ଭଳି ସହରରେ ୬ଟି ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ରହିଛି । ଏଥିସହ ସମ୍ବଲପୁର ଓ ଅନୁଗୁଳରେ ଆଉ ଦୁଇଟି ନୂତନ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ନିର୍ମାଣ ହେବାକୁ ଯାଉଛି । ରାଜ୍ୟରେ ଏକ ଅତ୍ୟାଧୁନିକ ଇନକ୍ୟୁବେସନ୍ ସେଣ୍ଟର, ଓ-ହବ୍ ମଧ୍ୟ ରହିଛି, ଯାହା ଷ୍ଟାର୍ଟଅପ୍ ଗୁଡିକୁ ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ । ସୁଭଦ୍ରା ଅଧିନରେ ସିଧାସଳଖ ଟଙ୍କା ହସ୍ତାନ୍ତର ଜରିଆରେ ମହିଳାମାନଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ପ୍ରଦାନ କରିବାର ପରିବର୍ତ୍ତନମୂଳକ କାର୍ଯ୍ୟକ୍ରମ ହେଉଛି ଡିଜିଟାଲ ବିକାଶର ପଦଚିହ୍ନ । ଏହା ଫିନଟେକ୍ କମ୍ପାନି ଗୁଡିକ ପାଇଁ ଋଣ ଯୋଗ୍ୟତା ଆକଳନ କରିବାରେ ଗୁରୁତ୍ୱପୂର୍ଣ୍ଣ ଡାଟା ପଏଣ୍ଟ ହୋଇପାରିବ ଏବଂ ଅଣୁ ଉଦ୍ୟୋଗୀ ମାନଙ୍କ ଓ ଅଣସେବାପ୍ରାପ୍ତ ବର୍ଗକୁ ଋଣ ପ୍ରଦାନ କରାଯାଇପାରିବ ।

ପରିବହନ ଯୋଗଯୋଗ ଉପରେ ପର୍ଯ୍ୟଟନ ଅତ୍ୟନ୍ତ ନିର୍ଭରଶୀଳ । ରାଜ୍ୟ ସରକାର ବାଣିଜ୍ୟିକ ପରିଚାଳନା ପାଇଁ ତିନୋଟି ବିମାନ ବନ୍ଦର ଯଥା ; ଗଞ୍ଜାମର ରଙ୍ଗେଇଲୁଣ୍ଡା, ଅମର୍ଦ୍ଦା (ମୟୂରଭଞ୍ଜ), ଦାଣ୍ଡବୋଷ (ମୟୁରଭଞ୍ଜ) ଉନ୍ନତିକରଣ କରୁଛନ୍ତି ଏବଂ ନୂଆ ଜିଲ୍ଲା ନୀତିରେ ରାଜ୍ୟ ପାଇଁ ୯ଟି ନୂଆ ଘରୋଇ ମାର୍ଗ ଯୋଡାଯାଇଛି । ଏହା କେବଳ ପୁରୀ ଓ ଭୁବନେଶ୍ୱରକୁ ନୁହେଁ ବରଂ ରାଜ୍ୟ ବ୍ୟାପି ପର୍ଯ୍ୟଟକଙ୍କ ପ୍ରବାହକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି ।

## ସହର ଗୁଡିକ ଅଭିବୃଦ୍ଧିର କାରକ

ସହରଗୁଡିକୁ ସାଧାରଣତଃ ଅଭିବୃଦ୍ଧିର ଇଞ୍ଜିନ ବୋଲି କୁହାଯାଏ। ସହର ଗୁଡିକ ଶ୍ରମିକ, ଫାର୍ମ, ଛାତ୍ର ଏବଂ ଅନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସହକର୍ମୀଙ୍କ ଶିକ୍ଷଣକୁ ସୁଗମ କରିଥାଏ । ଓଡିଶାରେ ଦୃତ ସହରୀକରଣ (ବର୍ତ୍ତମାନ ପ୍ରାୟ ୧୮ ପ୍ରତିଶତ) ହେବାର ଯଥେଷ୍ଟ ସମ୍ଭାବନା ରହିଛି । ୨୦୧୭ ମସିହା ପରଠାରୁ ନିର୍ମିତ କ୍ଷେତ୍ରର ଅଭିବୃଦ୍ଧିକୁ ଆଧାର କରି ଓଡିଶାରେ ଆଗାମୀ ୫-୧୦ ବର୍ଷ ମଧ୍ୟରେ ନିର୍ମିତ (ବିଲ୍ଟଅପ) କ୍ଷେତ୍ରରେ ଦୃତ ଅଭିବୃଦ୍ଧି ଘଟିବ । ସେଗୁଡିକ ହେଲା (୧) ଭୁବନେଶ୍ୱର-କଟକ-ପୁରୀ (୪୮.୭୧%)(୨) ଛତ୍ରପୁର-ବ୍ରହ୍ମପୁର-ଗୋପାଳପୁର (୩୧.୨୨%) (୩) ବାଲେଶ୍ୱର-ଭଦ୍ରକ-ଯାଜପୁର-ପାରାଦ୍ୱୀପ (୩୮.୩୬%) (୪) ସମ୍ବଲପୁର-ଝାରସୁଗୁଡା (୩୪.୬୭%) (୫) ରାଉରକେଲା (୨୪.୮୫%) ଏବଂ ଜୟପୁର-ସୁନାବେଡା-କୋରାପୁଟ (୩୩.୬୨%) । ଏହା ଦ୍ୱାରା କୋଠାବାଡି ଓ ଜମିଜମା ବ୍ୟବସାୟ, ଆର୍ଥିକ ସେବା, ବ୍ୟକ୍ତିଗତ ଯତ୍ନ ସେବା, ମନୋରଞ୍ଜନ ସେବା ଇତ୍ୟାଦି ବିଭିନ୍ନ ଉପଭୋକ୍ତା ସେବାର ଚାହିଦା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ବିଗତ ୧୧ ବର୍ଷ ମଧ୍ୟରେ (୨୦୧୧-୧୨ ରୁ ୨୦୨୨-୨୩) ବିଭିନ୍ନ ପ୍ରକାରର ସେବାର ବ୍ୟବହାର ବୃଦ୍ଧି ପାଇଛି । ଘରୋଇ ବ୍ୟବହାର ବାସ୍କେଟରେ ଅଣ-ଖାଦ୍ୟ ସାମଗ୍ରୀର ଅଂଶ ଭାଗରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଅଣ-ଖାଦ୍ୟ ସାମଗ୍ରୀର ଅଂଶ ଗ୍ରାମୀଣ କ୍ଷେତ୍ରରେ ୨୦୧୧-୧୨ ଆର୍ଥିକ ବର୍ଷର ୪୯.୬ ପ୍ରତିଶତରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୫୦.୪ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ସହରାଞ୍ଚଳରେ ୪୧.୫ ପ୍ରତିଶତରୁ ୫୮.୫ ପ୍ରତିଶତକୁ ବୃଦ୍ଧି ପାଇଛି । ଆୟ ବୃଦ୍ଧି ସହିତ, ଉପଭୋଗ ବାସ୍କେଟରେ ସାଧାରଣତଃ ଅଣ-ଖାଦ୍ୟ ସାମଗ୍ରୀର ଅଂଶ ବୃଦ୍ଧି ପାଇଥାଏ ।

## ବିତ୍ତୀୟ ବ୍ୟବସ୍ଥା

ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁପାତରେ ଓଡିଶାର ଋଣ ହାର ଦେଶରେ ସର୍ବନିମ୍ନ । ୨୦୧୯-୨୦ ପାଇଁ ଶେଷ ଉପଲବ୍ଧ ଆକଳନରୁ ଜଣାଯାଏ ଯେ ଓଡିଶାରେ ନିବେଶ ହାର ଜିଏଫ୍‌ସିଏଫ୍, ଜିଏସ୍‌ଡିପିର ପ୍ରାୟ ୩୧.୯ ପ୍ରତିଶତ । ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଦୁଇଟି ବୃହତ୍ ଅର୍ଥନୈତିକ ପ୍ରତିବନ୍ଧକକୁ ଦୂର କରିବା ଦିଗରେ ରାଜ୍ୟ ଅଧୁନା ଅଗ୍ରସର ହେଉଛି ।

ପ୍ରଥମତଃ ସରକାରୀ ଖର୍ଚ୍ଚ ମାଧ୍ୟମରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ବିକଳ୍ପ ବିତ୍ତୀୟ ବ୍ୟବସ୍ଥା ବ୍ୟବହାର କରୁଛି । ୨୦୨୪-୨୫ ବଜେଟ୍ ଆକଳନରେ ରାଜ୍ୟ ସରକାର ୫୮,୧୯୫ କୋଟି ଟଙ୍କାର ପୁଞ୍ଜି ବ୍ୟୟ ବରାଦ (ଜିଏସ୍‌ଡିପିର ପ୍ରାୟ ୬.୧ ପ୍ରତିଶତ) ପାଇଁ ବଜେଟ୍ କରିଥିଲେ, ଯାହା କି ଦେଶରେ ସର୍ବାଧିକ ଅଟେ । ନିକଟରେ ଭାରତ ସରକାର ରେଳବାଇ, ବନ୍ଦର, ଜାତୀୟ ରାଜପଥ ଏବଂ ବିମାନବନ୍ଦର ଭିତ୍ତିଭୂମି କ୍ଷେତ୍ରରେ ଅନେକ ନିବେଶ ଯୋଜନା ଘୋଷଣା କରିଛନ୍ତି। ଏହା ଦ୍ୱାରା ରାଜ୍ୟକୁ ନୂତନ ଅଭିବୃଦ୍ଧିର ପଥକୁ ନେବା ପାଇଁ ବିଭିନ୍ନ ନୀତିଗତ ସଂସ୍କାର ଦ୍ୱାରା ସମର୍ଥିତ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଦ୍ୱିତୀୟତଃ, ରାଜ୍ୟ ନିଜର ପୁଞ୍ଜି ଦକ୍ଷତାରେ ଉନ୍ନତି କରୁଛି (ପ୍ରତି ୧ ଟଙ୍କାର ପୁଞ୍ଜି ବିନିଯୋଗରେ ଉତ୍ପାଦନର ପରିମାଣ) । କମ୍ ପୁଞ୍ଜି ଭିତ୍ତିକ କ୍ଷେତ୍ରକୁ ବିବିଧତା, ଜ୍ଞାନ ଆଦାନପ୍ରଦାନ ପାରଦର୍ଶୀଙ୍କ ଠାରୁ ବୈଷୟିକ ଜ୍ଞାନ କୌଶଳର ଆହରଣ ଓ ସ୍ଥାନୀୟ ପ୍ରତିଦ୍ୱନ୍ଦିତା ବୃଦ୍ଧି ମଧ୍ୟରେ ଉତ୍ପାଦନ କ୍ଷମତା ବୃଦ୍ଧି ଏହାକୁ ସମ୍ଭବ କରିପାରିଛି ।

## ରପ୍ତାନି

ବିଶ୍ୱ ଅର୍ଥନୀତିରେ ସମୟକ୍ରମେ ବିଶ୍ୱ ମୂଲ୍ୟ ଶୃଙ୍ଖଳା ଗୁରୁତ୍ୱ ବହନ କରିଛି । ସମଗ୍ର ଉତ୍ପାଦ ଗୋଟିଏ ରାଷ୍ଟ୍ରରେ ଉତ୍ପାଦିତ ହେବା ପରିବର୍ତ୍ତେ ସମ୍ପୃକ୍ତ ଦେଶର ସ୍ୱତନ୍ତ୍ରତାକୁ ବଜାୟ ରଖି ନିର୍ଦ୍ଦିଷ୍ଟ କାର୍ଯ୍ୟ ଅନ୍ୟ ଦେଶମାନଙ୍କ ଦ୍ୱାରା ମଧ୍ୟ ସମ୍ପାଦନ କରାଯାଇଥାଏ । ଉଦାହରଣ ସ୍ୱରୂପ, ଆପଲର ଆଇ-ଫୋନ୍ ଯନ୍ତ୍ରାଂଶ ୫୦ରୁ ଅଧିକ ଅଲଗା ଅଲଗା ଦେଶରେ ଉତ୍ପାଦିତ ହୁଏ । ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଅଂଶଗ୍ରହଣ କେବଳ ବଜାରର ଆକାରକୁ ବଢାଇନଥାଏ ବରଂ ଉତ୍ପାଦକତାକୁ ମଧ୍ୟ ବଢାଇଥାଏ । କାରଣ କମ୍ପାନୀଗୁଡିକ ବିଶ୍ୱସ୍ତରୀୟ ପ୍ରତିଯୋଗୀଙ୍କ ସହ ପ୍ରତିଦ୍ୱନ୍ଦିତା କରିଥାଆନ୍ତି। ୨୦୨୩-୨୪ ମସିହାରେ ମୋଟ ରାଜ୍ୟ ଘରୋଇ ଉତ୍ପାଦକୁ ଓଡିଶାର ରପ୍ତାନିର ଅଂଶଦାନ ୧୨ ପ୍ରତିଶତ ଥିବା ବେଳେ ସର୍ବଭାରତୀୟ ସ୍ତରରେ ଏହା ୨୨ ପ୍ରତିଶତ ରହିଛି। ଅପର ପକ୍ଷରେ ରପ୍ତାନି ଭିତ୍ତିକ ଶିଳ୍ପଗୁଡିକର ସୁବିଧା ନିମନ୍ତେ ଓଡିଶାର ଯଥେଷ୍ଟ ସୁଯୋଗ ରହିଛି । ପ୍ରଥମତଃ, ସୁଦୀର୍ଘ ଉପକୂଳ ରେଖା, ପୂର୍ବ ଏସିଆ



ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ସହଜରେ ପ୍ରବେଶ ପଥର ସୁଯୋଗ ସୃଷ୍ଟି କରିପାରିବ । ଦ୍ୱିତୀୟତଃ, ଅନ୍ୟାନ୍ୟ ଉପକୂଳ ରାଜ୍ୟମାନଙ୍କ ତୁଳନାରେ ସୁଲଭ ମୂଲ୍ୟରେ ଜମି ଉପଲବ୍ଧ ହେବା ଓଡିଶାକୁ ନିବେଶକ ମାନଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ସ୍ଥାନରେ ପରିଣତ କରିଛି । କ୍ରମେ ଓଡିଶା ଉଭୟ ରପ୍ତାନି ଓ ଆମଦାନୀ ପାଇଁ ଭାରତର ପୂର୍ବ ପ୍ରବେଶ ଦ୍ୱାର ହୋଇପାରିବ । ସଫ୍ଟୱେୟାର ରପ୍ତାନି ବୃଦ୍ଧି ଏବଂ ଉତ୍ପାଦନ ବାସ୍କେଟରେ ବିବିଧତା ତଥା ଓଡିଶାର ପ୍ରାକୃତିକ ପରିସ୍ଥିତିର ଫାଇଦା ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ରପ୍ତାନି ତ୍ୱରାନ୍ୱିତ ହେବ ଏବଂ ସର୍ବଭାରତୀୟ ହାରାହାରିର ନିକଟତର ରାଜ୍ୟଭାବେ ଓଡିଶା ମୋଟ ଘରୋଇ ଉତ୍ପାଦରେ ଯୋଗଦାନ କରିବ ବୋଲି ଆଶା କରାଯାଉଛି ।

## ଉପଭୋକ୍ତାଙ୍କ ଚାହିଦା



୨୦୨୩-୨୪ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ଖର୍ଚ୍ଚରେ ଓଡିଶା ପଞ୍ଚଦଶ ସ୍ଥାନରେ ଥିବା ବେଳେ ସହରାଞ୍ଚଳରେ ଏକାଦଶ ସ୍ଥାନରେ ରହିଛି। ରାଜ୍ୟ ସରକାର ୨୧ରୁ ୬୦ ବର୍ଷ ବୟସର ମହିଳାଙ୍କୁ ନଗଦ ଅର୍ଥ ହସ୍ତାନ୍ତର କରିବା ପାଇଁ 'ସୁଭଦ୍ରା' ନାମକ ଏକ ଯୁଗାନ୍ତକାରୀ ଯୋଜନା ଆରମ୍ଭ କରିଛନ୍ତି, ଯାହା ଉଭୟ ମହିଳା ସଶକ୍ତୀକରଣ ଏବଂ ଉପଭୋକ୍ତାଙ୍କ ଚାହିଦାକୁ ବଢାଇବାରେ ସହାୟକ ହେବ। ଏହି ଯୋଜନାର ରୂପରେଖ ଏପରି ଯେ ଏହାର ଲାଭ ନିମ୍ନ ଆୟକାରୀ ପରିବାରକୁ ହିଁ ମିଳିଥାଏ, ଯେଉଁମାନଙ୍କର ବିଭିନ୍ନ ସାମଗ୍ରୀ ବ୍ୟବହାର କରିବାର ପ୍ରବଣତା ସାଧାରଣତଃ ଅଧିକ ଥାଏ । ବ୍ୟବହାର କରିବାର ପ୍ରବୃତ୍ତିର ଆକଳନ (ଏମ୍.ପି.ସି.ଇ.) ଅନୁଯାୟୀ, ବର୍ଷର ପାଞ୍ଚ ଭାଗରୁ ପ୍ରଥମ ତିନି ଭାଗରେ ଗୋଟିଏ ପରିବାରର ମାସିକ ମୁଣ୍ଡପିଛା ଖର୍ଚ୍ଚ ୦.୭୩ ଅର୍ଥାତ୍ ପରିବାରଟିର ଆୟରେ ୧ ପ୍ରତିଶତ ବୃଦ୍ଧି ଦ୍ୱାରା ବ୍ୟବହାରରେ ୦.୭୩ ପ୍ରତିଶତ ବୃଦ୍ଧି ଘଟିଥାଏ। ଉପଭୋକ୍ତାଙ୍କ ସଞ୍ଚୟ ପ୍ରବଣତା ବୃଦ୍ଧି ଯୋଗୁଁ ମାସିକ ମୁଣ୍ଡପିଛା ଖର୍ଚ୍ଚ ମଧ୍ୟ (ଏମ୍.ପି.ସି.ଇ.) ଆୟ ବୃଦ୍ଧି ସହିତ ହ୍ରାସ ପାଇଥାଏ। ସର୍ବୋଚ୍ଚ ସ୍ତରରେ ଏମ୍‌ପିସିଇ ୦.୧୫ ରହିଥାଏ। ସୁଭଦ୍ରା ଯୋଜନା ଅଧୀନରେ ୧ କୋଟି ମହିଳାଙ୍କୁ ୫ ବର୍ଷ ପାଇଁ ବାର୍ଷିକ ଦୁଇଥର ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଓଡିଶା ସରକାର ଲକ୍ଷ୍ୟ ରଖିଛନ୍ତି । ଅର୍ଥାତ୍ ପାଞ୍ଚ ବର୍ଷ ମଧ୍ୟରେ ୫୦ ହଜାର କୋଟି ଟଙ୍କାର ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି। 'ସୁଭଦ୍ରା' ଯୋଜନା ୭୨୯୫ କୋଟି ଟଙ୍କାର ଅତିରିକ୍ତ ଉପଭୋକ୍ତା ଚାହିଦା ସୃଷ୍ଟି କରିପାରେ।

ଜଣେ ବ୍ୟକ୍ତିର ବ୍ୟୟ ଅନ୍ୟ ଜଣେ ବ୍ୟକ୍ତିର ଆୟ ଅଟେ । ତେଣୁ ବର୍ଦ୍ଧିତ ଚାହିଦା ପୂରଣ କରୁଥିବା ବ୍ୟବସାୟୀମାନେ ମଧ୍ୟ ଅତିରିକ୍ତ ଆୟର ଅନୁକୂଳ ପ୍ରଭାବ ଅନୁଭବ କରିବେ ଏବଂ ନିଜେ ଅଧିକ ଉପାର୍ଜନ କରିବେ । ଫଳତଃ ଆୟ ଚକ୍ର ଜାରି ରହିବ । ଗୁଣାତ୍ମକ ପ୍ରଭାବକୁ ଆକଳନ କରିବା ପାଇଁ ଉପାଦାନ-ଉତ୍ପାଦ ପଦ୍ଧତି ପ୍ରୟୋଗ କରି ଆକଳନ କରାଯାଏ ଯେ, ୫ ବର୍ଷ ମଧ୍ୟରେ ସୁଭଦ୍ରା ଯୋଜନା ୧ରୁ ୧.୫ ଲକ୍ଷ କୋଟି ଟଙ୍କାର ମୋଟ ଉତ୍ପାଦନ ପ୍ରଭାବ ସୃଷ୍ଟି କରିପାରେ । ବିଭିନ୍ନ ବିଶ୍ଲେଷଣରୁ ଜଣାଯାଏ ଯେ ମହିଳାମାନଙ୍କୁ ନଗଦ ଟଙ୍କା ହସ୍ତାନ୍ତର ଯୋଜନା ଗୁରୁତ୍ୱପୂର୍ଣ୍ଣ ସାମାଜିକ ତଥା ଅର୍ଥନୈତିକ ପ୍ରଭାବ ସୃଷ୍ଟି କରିଥାଏ । ଅତିରିକ୍ତ ଆୟ ମିଳିବା ସହିତ, ବ୍ୟକ୍ତି ତା'ପରେ ନୂତନ ବ୍ୟବସାୟ ପ୍ରତିଷ୍ଠା କିମ୍ବା ସମ୍ପ୍ରସାରଣ କରିପାରିବ, ଯାହା ଦ୍ୱାରା ସେମାନଙ୍କର ଆୟ ବୃଦ୍ଧି ହୋଇପାରିବ । ଗତ ଚାରି-ପାଞ୍ଚ ବର୍ଷ ମଧ୍ୟରେ ଓଡିଶାର କୃଷିକ୍ଷେତ୍ରରେ ମହିଳା ଚାଷୀଙ୍କର ସଂଖ୍ୟାରେ ମଧ୍ୟ ଯଥେଷ୍ଟ ଅଭିବୃଦ୍ଧି (ପ୍ରାୟ ୮୭ ପ୍ରତିଶତ) ଘଟିଛି । ତେଣୁ 'ସୁଭଦ୍ରା' ଭଳି ଯୋଜନାର ଆୟ ସମ୍ବନ୍ଧୀୟ ଏକ ଅତିରିକ୍ତ ନିର୍ଭରଯୋଗ୍ୟ ଉତ୍ସ ମହିଳାମାନଙ୍କୁ ସେମାନଙ୍କ ଚାଷ କାର୍ଯ୍ୟରେ ବିନିଯୋଗ କରିବାକୁ ଏବଂ ଅଧିକ ରୋଜଗାର କରିବାକୁ ପ୍ରୋତ୍ସାହିତ କରିପାରିବ ବୋଲି ଆଶା କରାଯାଏ ।

## ମୁଦ୍ରାସ୍ଫୀତି

ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବ୍ୟାଘାତ, ପାଣିପାଗର ପ୍ରତିକୂଳ ପରିସ୍ଥିତି ଏବଂ ହ୍ରାସ ପାଉଥିବା ଅମଳ ମୁଦ୍ରାସ୍ଫୀତି ଉପରେ ଚାପ ପକାଇଛି । ଖାଦ୍ୟ ଦରବୃଦ୍ଧି, ମୁଦ୍ରାସ୍ଫୀତିର ମୁଖ୍ୟ କାରଣ ହୋଇଛି । ୨୦୨୪-୨୫ (ଏପ୍ରିଲ୍-ଡିସେମ୍ବର) ମଧ୍ୟରେ ଓଡିଶାରେ ସିପିଆଇ ମୁଦ୍ରାସ୍ଫୀତି ୬.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । କେନ୍ଦ୍ର ଅର୍ଥନୈତିକ ସର୍ଭେ ୨୦୨୪-୨୫ ଅନୁଯାୟୀ, ପନିପରିବା ମୂଲ୍ୟରେ ଋତୁକାଳୀନ ହ୍ରାସ ଏବଂ ଖରିଫ୍ ଅମଳର ଆଗମନ ସହିତ ନିକଟ ଭବିଷ୍ୟତରେ ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ପାଇବ ବୋଲି ଆଶା କରାଯାଉଛି ।



ଓଡିଶାର ମୁଦ୍ରାସ୍ଫୀତି ଦୃଷ୍ଟିକୋଣକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ସକାରାତ୍ମକ ମତ ରଖିଛି । ଜାନୁୟାରୀ ୨୦୨୫ ମୁଦ୍ରାନୀତିର ବିବୃତି ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୪.୮ ପ୍ରତିଶତ ରହିବ, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୫.୪ ପ୍ରତିଶତ ଥିଲା । ସ୍ୱାଭାବିକ ମୌସୁମୀ ରହିଲେ ୨୦୨୫-୨୬ରେ ମୁଦ୍ରାସ୍ଫୀତି ହାର ୪.୨ ପ୍ରତିଶତ ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁମାନ କରୁଛି ।

## ସାମଗ୍ରିକ ଦୃଷ୍ଟିକୋଣ

ବିଭିନ୍ନ ସୁଯୋଗର ଫାଇଦା ଉଠାଇ ମଧ୍ୟମ ଅବଧିରେ ଓଡିଶା ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବାର ସାମର୍ଥ୍ୟ ରଖିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ବାସ୍ତବ ଅଭିବୃଦ୍ଧି ହାର ୮ ରୁ ୮.୫ ରହିବ ବୋଲି ଆକଳନ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ନେଇ ଭବିଷ୍ୟତର ଶିଳ୍ପ, ସୁଦୀର୍ଘ ଉପକୂଳ ରେଖା, ଅଭିବୃଦ୍ଧି ପାଇଁ ଅନୁକୂଳ ଏବଂ ଲାଭଦାୟକ ଜନସଂଖ୍ୟାକୁ ଉପଯୋଗ କରି ଓଡିଶା ଏକ ନୂତନ ଅଭିବୃଦ୍ଧିର ପଥ ପ୍ରଶସ୍ତ କରିପାରିବ ବୋଲି ଆଶା କରାଯାଏ। ଓଡିଶାର ଅନେକ ସ୍ଥଳରେ ପ୍ରାକୃତିକ ପରିବେଶ ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ମଧ୍ୟ ପରିଣତ କରିଛି। ଅତ୍ୟାବଶ୍ୟକୀୟ ଭିତ୍ତିଭୂମି ବିକାଶରେ ବହୁମୁଖୀ ସୁବିଧା ଯଥା ; ଉଦ୍ୟାନ, ବନ୍ଦର କ୍ଷମତା, ଆଭ୍ୟନ୍ତରୀଣ ଜଳପଥ, ଡିଜିଟାଲ ଓ ରେଳ ସଂଯୋଗ ଆଧାରିତ ସମବେତ ପୁଞ୍ଜିନିବେଶରୁ ଭବିଷ୍ୟତରେ ଉଲ୍ଲେଖନୀୟ ଲାଭ ଆଶା କରାଯାଉଛି। ଏହାବ୍ୟତୀତ ଅଗ୍ରଣୀ କ୍ଷେତ୍ରରେ ମହିଳାଙ୍କ ସମେତ ଶିଳ୍ପ ସମ୍ବନ୍ଧୀୟ କର୍ମଚାରୀ ପ୍ରଶିକ୍ଷଣ ଓଡିଶାର ଅର୍ଥନୀତିରେ ପରିବର୍ତ୍ତନ ଆଣିବା ଏବଂ "ବିକଶିତ ଓଡିଶା"ର ସ୍ୱପ୍ନ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ।

★★★★★

# ଦ୍ୱିତୀୟ ଅଧ୍ୟାୟ

## ନିପୁଣ ଓ ଦୀର୍ଘସ୍ଥାୟୀ ବିତ୍ତୀୟ ସମୃଦ୍ଧି

### ପ୍ରମୁଖ ଆର୍ଥିକ ସୂଚକ

୨୦୨୪-୨୫ ମସିହାରେ ଓଡିଶାର ବଜେଟ୍ ଆକଳନ ୨.୬୫ ଲକ୍ଷ କୋଟି ଟଙ୍କା ଥିଲା, ଯାହା ରାଜ୍ୟ ଅର୍ଥନୀତିର ପ୍ରାୟ ୨୮ ପ୍ରତିଶତ ଅଟେ। ରାଜ୍ୟର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରି ଜନସାଧାରଣଙ୍କ ପାଇଁ ସମୃଦ୍ଧି ଆଣିବା ଏବଂ ଆର୍ଥିକ ଶୃଙ୍ଖଳା ବଜାୟି ରଖିବା ଲକ୍ଷ୍ୟରେ ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି। ୨୦୨୪-୨୫ ବଜେଟ୍ ଆକଳନରେ ବିତ୍ତୀୟ ନିଅଣ୍ଟ ୩.୪ ପ୍ରତିଶତ ଏବଂ ମୋଟ ରାଜ୍ୟ ଘରୋଇ ଉତ୍ପାଦର ୨.୯ ପ୍ରତିଶତ ରାଜସ୍ୱ ବଳକାକୁ ନିର୍ଦ୍ଧାରିତ ସୀମା ମଧ୍ୟରେ ରଖିବା, ଉଚ୍ଚଗୁଣାତ୍ମକ ବ୍ୟୟ ସୁନିଶ୍ଚିତ କରିବା, ଋଣକୁ ସ୍ଥାୟୀ ସ୍ତରରେ ବଜାୟି ରଖିବା ଏବଂ ଉତ୍ପାଦକ ପୁଞ୍ଜି ବ୍ୟୟ ଅଭିବୃଦ୍ଧି ପାଇଁ ଋଣ ପାଣ୍ଠି ବ୍ୟବହାର କରିବା ଭଳି ବିତ୍ତୀୟ ପରିଚାଳନା ନୀତିକୁ ଓଡିଶା କାର୍ଯ୍ୟକାରୀ କରିଛି ।

### ଓଡିଶାର ରାଜସ୍ୱ ଆଦାୟ

୨୦୨୪-୨୫ ବଜେଟ ଆକଳନରେ ଓଡିଶାର ରାଜସ୍ୱ ଆୟ ୨.୧୧ ଲକ୍ଷ କୋଟି ଟଙ୍କା ଥିଲା ଏବଂ ଏହା ୨୦୨୩-୨୪ ସଂଶୋଧିତ ଆକଳନ ତୁଳନାରେ ୧୩.୭ ପ୍ରତିଶତ ବୃଦ୍ଧି ହୋଇଛି, ଏହା ଉଭୟ ନିଜସ୍ୱ ଟିକସ ଏବଂ ଅଣ-ଟିକସ ରାଜସ୍ୱରେ ବୃଦ୍ଧି ଯୋଗୁଁ ସମ୍ଭବ ହୋଇଛି। ଗତ କିଛି ବର୍ଷ ମଧ୍ୟରେ ରାଜସ୍ୱ ଆଦାୟର ଢାଞ୍ଚାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ୨୦୨୧-୨୨ ମସିହାରେ ରାଜ୍ୟରେ ନିଜସ୍ୱ ରାଜସ୍ୱ ଯୋଗଦାନ ୬୨ ପ୍ରତିଶତରୁ ୨୦୨୪-୨୫ ବଜେଟ ଆକଳନ (ବିଇ) ରେ ୫୬ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ କେନ୍ଦ୍ରୀୟ ହସ୍ତାନ୍ତରର ଅଂଶ (ଉଭୟ କେନ୍ଦ୍ର ଟିକସ ଏବଂ କେନ୍ଦ୍ରରୁ ଅନୁଦାନରେ ଭାଗ) ସମାନ ଅବଧିରେ ୩୮ ପ୍ରତିଶତରୁ ୪୪ ପ୍ରତିଶତକୁ ବୃଦ୍ଧି ପାଇଛି।

### ପ୍ରମୁଖ ରାଜସ୍ୱ ସୂଚକ

ରାଜ୍ୟର ଅଧିକାଂଶ ଟିକସ ରାଜସ୍ୱ ଆଦାୟ (ଉଭୟ ନିଜସ୍ୱ ଟିକସ ଏବଂ ଅଂଶୀଦାର ଟିକସ)ରୁ ଆସିଥାଏ । ୨୦୨୪-୨୫ ବଜେଟ ଆକଳନ (ବିଇ)ରେ ଟିକସ ରାଜସ୍ୱ ୧.୧୫ ଲକ୍ଷ କୋଟି ଟଙ୍କା ଥିବା ବେଳେ ଅଣଟିକସ ରାଜସ୍ୱ ୯୫,୭୬୮ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ୨୦୨୩-୨୪ ସଂଶୋଧିତ ଆକଳନ (ଆରଇ) ତୁଳନାରେ ୨୦୨୪-୨୫ ବଜେଟ୍ ଆକଳନ (ବିଇ)ରେ ଟିକସ ରାଜସ୍ୱ ୧୦.୮ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବା ବେଳେ ଅଣଟିକସ ରାଜସ୍ୱ ୧୭.୫ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି। ଟିକସ ରାଜସ୍ୱ ମୋଟ ରାଜ୍ୟ ଘରୋଇ ଉତ୍ପାଦର ୨୦୨୨-୨୩ ମସିହାରେ ୧୧.୮ ପ୍ରତିଶତ ଥିବାବେଳେ ୨୦୨୪-୨୫ ବଜେଟ୍ ଆକଳନ (ବିଇ)ରେ ଏହା ୧୨.୧ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ପ୍ରତିଶତ ହିସାବରେ ଅଣଟିକସ ରାଜସ୍ୱ ୨୦୨୨-୨୩ ମସିହାରେ ୮.୧ ପ୍ରତିଶତ ଥିବାବେଳେ ୨୦୨୪-୨୫ ବଜେଟ୍ ଆକଳନ (ବିଇ)ରେ ଏହା ୧୦.୧ ପ୍ରତିଶତକୁ ବୃଦ୍ଧି ପାଇଛି।

୨୦୨୪-୨୫ ବଜେଟ୍ ଆକଳନ (ବିଇ)ରେ ୧.୧୫ ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ମଧ୍ୟରୁ ରାଜ୍ୟ ନିଜସ୍ୱ ଉତ୍ସରୁ ୬୦,୦୦୦ କୋଟି ଟଙ୍କା ଏବଂ ବାକି ୫୫,୨୩୨ କୋଟି ଟଙ୍କା କେନ୍ଦ୍ରିୟ ଟିକସ ହସ୍ତାନ୍ତରରୁ ଆଦାୟ କରିଛି । ୨୦୨୪-୨୫ ବଜେଟ୍ ଆକଳନ ଅନୁସାରେ ଦ୍ରବ୍ୟ ଓ ସେବା ଟିକସ  ରାଜ୍ୟର ନିଜସ୍ୱ ଟିକସର ମୁଖ୍ୟ ଅଂଶ । ଏହାସହିତ ରାଜ୍ୟର ବିକ୍ରି କର / ମୂଲ୍ୟଯୁକ୍ତ କର (ଭାଟ୍), ରାଜ୍ୟ ଉତ୍ପାଦ ଶୁଳ୍କ ରାଜ୍ୟର ନିଜସ୍ୱ ଟିକସକୁ ୮୨.୦ ପ୍ରତିଶତ ଅବଦାନ କରିଛି । ୨୦୨୨-୨୩ ରୁ ୨୦୨୩-୨୪ ସଂଶୋଧିତ ଆକଳନ (ଆରଇ) ଅବଧି ମଧ୍ୟରେ ନିଜସ୍ୱ ଟିକସ ରାଜସ୍ୱ ଓ ମୋଟ ଘରୋଇ ଉତ୍ପାଦର ଅନୁପାତର ବୃଦ୍ଧିହାର ୧ରୁ ଅଧିକ ଥିଲା ଯାହା ୧.୩ ଅଟେ ।

୨୦୨୪-୨୫ ବଜେଟ୍ ଆକଳନ (ବିଇ)ରେ ରାଜ୍ୟ ସରକାର ପ୍ରାୟ ୫୮,୦୦୦ କୋଟି ଟଙ୍କାର ନିଜସ୍ୱ ଅଣଟିକସ ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହା ରାଜସ୍ୱ ଆଦାୟର ପ୍ରାୟ ୨୭.୫ ପ୍ରତିଶତ ଅଟେ । ୨୦୨୪-୨୫ ବଜେଟ୍ ଆକଳନ (ବିଇ) ରେ ମୋଟ ନିଜସ୍ୱ ଅଣଟିକସ ରାଜସ୍ୱର ପ୍ରାୟ ୮୪ ପ୍ରତିଶତ ଖଣି ରୟାଲିଟି ଥିଲା । ମୁଖ୍ୟତଃ ଖଣି ଲିଜ୍‌ରୁ ଆୟ ବୃଦ୍ଧି ଯୋଗୁଁ ଓଡିଶାର ଅଣଟିକସ ରାଜସ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏହି ବର୍ଦ୍ଧିତ ଆର୍ଥିକ କ୍ଷମତା ରାଜ୍ୟକୁ ଭିତ୍ତିଭୂମି ବିକାଶ ସମେତ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ସୁଯୋଗ ସୃଷ୍ଟି କରିଛି । ଏହା ରାଜ୍ୟବ୍ୟାପି ଶିଳ୍ପ କ୍ଲଷ୍ଟର୍ (Cluster) ବିକାଶରେ ସହାୟକ ହେବ ।

କେନ୍ଦ୍ର ଦ୍ୱାରା ରାଜ୍ୟଗୁଡ଼ିକୁ ହସ୍ତାନ୍ତରିତ ପାଣ୍ଠି ହେଉଛି କେନ୍ଦ୍ର ସରକାରଙ୍କ ଠାରୁ ଟିକସ ଏବଂ ଅନୁଦାନର ବିଭାଜିତ ଅଂଶର ସମଷ୍ଟି । ୨୦୨୪-୨୫ ବଜେଟ୍ ଆକଳନ (ବିଇ)ରେ ଓଡିଶା ମୋଟ ୯୩,୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ହସ୍ତାନ୍ତର ପାଇବା ପାଇଁ ଯୋଜନା କରିଥିଲା । ଏହି ହସ୍ତାନ୍ତର ରାଜ୍ୟ ବଜେଟ୍‌ର ପ୍ରାୟ ୩୫.୧ ପ୍ରତିଶତ ହୋଇଥିବା ବେଳେ ବିଭାଜିତ ଟିକସ ଅଂଶରେ ରାଜ୍ୟର ଅଂଶରୁ ପ୍ରାୟ ୨୧ ପ୍ରତିଶତ ଏବଂ କେନ୍ଦ୍ରୀୟ ଅନୁଦାନରୁ ପ୍ରାୟ ୧୪ ପ୍ରତିଶତ ଆସିଥାଏ । ବିଶେଷ କରି ୨୦୨୪-୨୫ ବଜେଟ୍ ଆକଳନ (ବିଇ) ପାଇଁ ରାଜ୍ୟ ସରକାର ବିଭାଜିତ ଟିକସ ପୁଞ୍ଜିରୁ ୫୫,୨୩୨ କୋଟି ଟଙ୍କା ଏବଂ କେନ୍ଦ୍ର ସରକାରଙ୍କ ଅନୁଦାନ ବାବଦରେ ପ୍ରାୟ ୩୭,୬୬୮ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହି ଅନୁଦାନ ମୁଖ୍ୟତଃ (୧) ସମଗ୍ର ଶିକ୍ଷା ଅଭିଯାନ (୨) ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ଗ୍ରାମୀଣ (୩) ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (୪) ସାମଗ୍ରୀ ଓ ସେବା ଟିକସ (ଜିଏସଟି) କ୍ଷତିପୂରଣ ଏବଂ (୫) ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ସମେତ ଅନେକ ପ୍ରମୁଖ କ୍ଷେତ୍ରପାଇଁ ଉଦ୍ଦିଷ୍ଟ ଥିଲା ।

## ରାଜ୍ୟର ବ୍ୟୟ

ବ୍ୟୟ ଦିଗରେ, ୨୦୨୪-୨୫ ବଜେଟ ଆକଳନ (ବିଇ) ପାଇଁ ୨.୬୫ ଲକ୍ଷ କୋଟି ଟଙ୍କା ମୋଟ ବ୍ୟୟ ମଧ୍ୟରୁ ରାଜସ୍ୱ ଖର୍ଚ୍ଚ ପ୍ରାୟ ୧.୮୩ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା, ଏହା ମୋଟ ଖର୍ଚ୍ଚର ୬୯.୩ ପ୍ରତିଶତ । ପୁଞ୍ଜି ବ୍ୟୟ ଅଟକଳ ୫୮,୧୯୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା, ଯାହା କି ମୋଟ ଖର୍ଚ୍ଚର ୨୨ ପ୍ରତିଶତ । ୨୦୨୩-୨୪ ସଂଶୋଧିତ ଆକଳନ (ଆରଇ) ତୁଳନାରେ ୨୦୨୪-୨୫ ବଜେଟ୍ ଆକଳନ (ବିଇ)ରେ ମୋଟ ଖର୍ଚ୍ଚ ୧୫.୨ ପ୍ରତିଶତ ବୃଦ୍ଧି ପାଇଛି । ଏହି ଅଭିବୃଦ୍ଧି ମୁଖ୍ୟତଃ ପୁଞ୍ଜି ବ୍ୟୟରେ ୨୬.୧ ପ୍ରତିଶତ ବୃଦ୍ଧି ଯୋଗୁଁ ହୋଇଥିବା ବେଳେ ରାଜସ୍ୱ ବ୍ୟୟ ୨୦୨୩-୨୪ ସଂଶୋଧିତ ଆକଳନ (ଆରଇ)ତୁଳନାରେ ୧୨.୬ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା । ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ତୁଳନାରେ ଓଡିଶାର ମୋଟ ବ୍ୟୟ ଅନୁପାତ ୨୮ ପ୍ରତିଶତ (ଋଣ ପରିଶୋଧକୁ ବାଦ୍ ଦେଇ ୨୫.୭ ପ୍ରତିଶତ) ରହିଛି, ଯାହାକି ୨୦୨୦-୨୧ ତୁଳନାରେ ୪.୯ ପ୍ରତିଶତ ପଏଣ୍ଟ ଅଧିକ । ପୁଞ୍ଜି ବ୍ୟୟ ୨୦୨୨-୨୩ ସଂଶୋଧିତ ଆକଳନରେ ମୋଟ ରାଜ୍ୟ ଘରୋଇ ଉତ୍ପାଦ ୪.୪ ପ୍ରତିଶତ ଥିବା ବେଳେ ୨୦୨୪-୨୫ ବଜେଟ୍ ଆକଳନ (ବିଇ)ରେ ଏହା ୬.୧ ପ୍ରତିଶତକୁ ବୃଦ୍ଧି ପାଇଛି । ସମୁଦାୟ ଖର୍ଚ୍ଚର ପ୍ରାୟ ୭୩ ପ୍ରତିଶତ ବିକାଶ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଥିଲା, ଯେଉଁଥିରେ ଉଭୟ ରାଜସ୍ୱ ବ୍ୟୟ ଓ ପୁଞ୍ଜି ବ୍ୟୟ ଏବଂ ବିକାଶ ମୂଳକ ପଦକ୍ଷେପ ପାଇଁ ସ୍ଥାନୀୟ ସରକାରମାନଙ୍କୁ ପ୍ରଦାନ କରାଯାଉଥିବା ଋଣ ଏବଂ ବିଭିନ୍ନ ବିକାଶର ଅଗ୍ରୀମ ଅନ୍ତର୍ଭୁକ୍ତ ଥିଲା । ୨୦୨୪-୨୫ ବଜେଟ ଆକଳନରେ ମୋଟ ରାଜ୍ୟ ଘରୋଇ ଉତ୍ପାଦର ପ୍ରତିଶତ ହିସାବରେ ବିକାଶମୂଳକ ବ୍ୟୟ କ୍ଷେତ୍ରରେ ଓଡିଶା ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ହାରାହାରି ଠାରୁ ଅଧିକ । ଇତି ମଧ୍ୟରେ ମୋଟ ଖର୍ଚ୍ଚର ପାଖାପାଖି ୧୮.୬ ପ୍ରତିଶତ ଅଣଉନ୍ନୟନ କ୍ଷେତ୍ର ଯଥା ପେନ୍‌ସନ୍, ସଚିବାଳୟ ସେବା, ପୋଲିସ ଏବଂ ଦେୟ ପାଇଁ ଆବଣ୍ଟନ କରାଯାଇଥିଲା । ସମୁଦାୟ ଖର୍ଚ୍ଚର ପ୍ରାୟ ୦.୭ ପ୍ରତିଶତ ସ୍ଥାନୀୟ ସଂସ୍ଥାକୁ ଅନୁଦାନ ଆକାରରେ ଏବଂ ବାକି ୮.୦ ପ୍ରତିଶତ ଋଣ ପରିଶୋଧ ପାଇଁ ଉଦ୍ଦିଷ୍ଟ ଥିଲା ।

୨୦୨୪-୨୫ ବଜେଟ ଆକଳନରେ ଓଡିଶାର ସାମାଜିକ କ୍ଷେତ୍ରରେ ଖର୍ଚ୍ଚ ୧.୨୮ ଲକ୍ଷ କୋଟି ଟଙ୍କା ଥିଲା । ଏହା ୨୦୨୩-୨୪ ସଂଶୋଧିତ ଆକଳନ ତୁଳନାରେ ପ୍ରାୟ ୨୩.୬ ପ୍ରତିଶତ ଅଧିକ ଅଟେ। ମୋଟ ରାଜ୍ୟ ଘରୋଇ ଉତ୍ପାଦର ସାମାଜିକ କ୍ଷେତ୍ରର ଖର୍ଚ୍ଚ ପ୍ରତିଶତ ହିସାବରେ ୨୦୨୩-୨୪ ସଂଶୋଧିତ ଆକଳନରେ ୧୨.୦ ପ୍ରତିଶତ ଥିବାବେଳେ ୨୦୨୪-୨୫ ବଜେଟ ଆକଳନରେ ଏହା ୧୩.୫ ପ୍ରତିଶତକୁ ବୃଦ୍ଧି ପାଇଛି । ଚିକିତ୍ସା, ଜନସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଜଳ ଯୋଗାଣ ଓ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଥିବା ବେଳେ ୨୦୨୩-୨୪ ସଂଶୋଧିତ ଆକଳନରେ ମୋଟ ରାଜ୍ୟ ଘରୋଇ ଉତ୍ପାଦର ପ୍ରତିଶତ ହିସାବରେ ବ୍ୟୟ ୧.୯ ପ୍ରତିଶତ ଓ ୧.୧ ପ୍ରତିଶତ ଥିବାବେଳେ ୨୦୨୪-୨୫ ବଜେଟ ଆକଳନରେ ଯଥାକ୍ରମେ ୨.୨ ପ୍ରତିଶତ ଓ ୧.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ଦଶନ୍ଧି (୨୦୧୫-୧୬ ରୁ ୨୦୨୪-୨୫ ବଜେଟ ଆକଳନ) ମଧ୍ୟରେ ସାମାଜିକ କ୍ଷେତ୍ରର ବ୍ୟୟ ୧୫.୦ ପ୍ରତିଶତ ବାର୍ଷିକ ଚକ୍ରବୃଦ୍ଧି (ସିଏଜିଆର) ହାରରେ ବୃଦ୍ଧି ପାଇଛି ।

## ଋଣ ଭାର

କେନ୍ଦ୍ରୀୟ ଅର୍ଥ ଆୟୋଗ ଏବଂ ଓଡିଶାର ଆର୍ଥିକ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା ଆଇନ,୨୦୦୫ ଦ୍ୱାରା ନିର୍ଦ୍ଧାରିତ ୨୫ ପ୍ରତିଶତ ସୀମାଠାରୁ କମ୍ ଋଣ-ଜିଏସ୍‌ଡିପି ଅନୁପାତକୁ ଓଡିଶା ବଜାୟ ରଖିଛି । ୨୦୨୪-୨୫ ବଜେଟ ଆକଳନରେ ଋଣ-ଜିଏସଡିପି ଅନୁପାତ ୧୩.୨ ପ୍ରତିଶତ ଥିଲା ଏବଂ ଭାରତର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ଏହା ସର୍ବନିମ୍ନ ଥିଲା । ସେହିପରି ୨୦୨୪-୨୫ ବଜେଟ ଆକଳନରେ ସୁଧଦେୟ ଓ ରାଜସ୍ୱ ପ୍ରାପ୍ତି (ଆଇପି-ଆରଆର)ର ଅନୁପାତ (୨.୬ ପ୍ରତିଶତ) ନିର୍ଦ୍ଧାରିତ ସୀମା (୧୫ ପ୍ରତିଶତ) ମଧ୍ୟରେ ରହିଛି। ଋଣଭାରର ସଂରଚନାରେ ମଧ୍ୟ କେତେକ ଉଚ୍ଚ ମୂଲ୍ୟଯୁକ୍ତ ଋଣ ଉତ୍ସରୁ କମ୍ ମୂଲ୍ୟଯୁକ୍ତ ଋଣ ଉତ୍ସକୁ ପରିବର୍ତ୍ତିତ ହୋଇଛି । ରାଜ୍ୟ ସରକାରଙ୍କ ପ୍ରମୁଖ ଋଣର ଉତ୍ସ ଗୁଡିକ ହେଲା ନାବାର୍ଡ(ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ) ଏବଂ ଓଏମବିଏଡିସି (ଓଡିଶା ଖଣିଜ ସମ୍ପଦ ବିକାଶ ନିଗମ)ରୁ ୩୧ ପ୍ରତିଶତ, ଜିପିଏଫ୍ (ସାଧାରଣ ଭବିଷ୍ୟନିଧି ପାଣ୍ଠି)ରୁ ୨୪ ପ୍ରତିଶତ, ଭାରତ ସରକାରଙ୍କ ଠାରୁ ଋଣ ୨୩ ପ୍ରତିଶତ, ଖୋଲା ବଜାରରୁ ୧୭ ପ୍ରତିଶତ ଏବଂ ଏନ୍‌ଏସ୍‌ଏସ୍‌ଏଫ୍ (ଜାତୀୟ କ୍ଷୁଦ୍ର ସଞ୍ଚୟ ପାଣ୍ଠି)ରୁ ଅବଶିଷ୍ଟ ୫ ପ୍ରତିଶତ ।

## ବିତ୍ତୀୟ ସଂସ୍କାର

ଏକ ଦୃଢ ଆର୍ଥିକ ଭିତ୍ତିଭୂମି ଆଶାରେ ଓଡିଶା ସରକାର ଏହାର ରାଷ୍ଟ୍ରୀୟ ବିତ୍ତ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଅନେକ ସଂସ୍କାର ଆଣିଛନ୍ତି । କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା(ସିଏସ୍‌ଏସ୍) କାର୍ଯ୍ୟକାରୀ କରିବା ପାଇଁ ସରକାର ନିକଟରେ ଏସ୍‌ଏନ୍‌ଏ-ସ୍ୱର୍ଣ୍ଣ ମଡେଲ ନାମକ ବିକଳ୍ପ ପାଣ୍ଠି ପ୍ରବାହ ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି । ବଛାବଛା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର କାର୍ଯ୍ୟକାରିତା ନିମନ୍ତେ ଏହି ମଡେଲ ଗ୍ରହଣ କରିବାରେ ଓଡିଶା ହେଉଛି ଦେଶର ପ୍ରଥମ ରାଜ୍ୟ। ପିଏଫ୍‌ଏମ୍‌ଏସ୍, ଷ୍ଟେଟ୍ ଆଇଏଫ୍‌ଏମ୍‌ଏସ୍ ଏବଂ ଆରବିଆଇର ଇ-କୁବେର ବ୍ୟବସ୍ଥାକୁ ଯୋଜନା କାର୍ଯ୍ୟକାରୀ ଏଜେନ୍ସିରେ ମିଶ୍ରଣ ମାଧ୍ୟମରେ ଏହି ବ୍ୟବସ୍ଥା ଜଷ୍ଟ-ଇନ୍-ଟାଇମ୍ ପାଣ୍ଠି ପ୍ରଦାନକୁ ସୁନିଶ୍ଚିତ କରେ । ଉଭୟ କେନ୍ଦ୍ର ଓ ରାଜ୍ୟର ଭାଗ ସମ୍ବଳିତ ଏହି ପାଣ୍ଠି ସିଧାସଳଖ ହିତାଧିକାରୀ ଓ ବିକ୍ରେତାଙ୍କୁ ଠିକ୍ ସମୟରେ ପ୍ରଦାନ କରାଯାଏ । ରାଜ୍ୟ ସରକାର ଆଇଏଫ୍‌ଏମ୍‌ଏସ୍‌ରେ ଜଷ୍ଟ-ଇନ୍-ଟାଇମ୍ ଫଣ୍ଡିଂ ସିଷ୍ଟମର (ଜେଆଇଟିଏଫ୍‌ଏସ୍) କାର୍ଯ୍ୟକ୍ଷମତା ବିକଶିତ କରିଛନ୍ତି । ଜେଆଇଟିଏଫ୍‌ଏସ୍‌ର ଉଦ୍ଦେଶ୍ୟ ଦେଉଛି ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ରାଜ୍ୟ ସରକାରଙ୍କ ଆକାଉଣ୍ଟରୁ ଜଷ୍ଟ ଇନ୍ ଟାଇମ୍ ଅର୍ଥ ପ୍ରଦାନ ସୁନିଶ୍ଚିତ କରିବା ।

ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ପୁଞ୍ଜି ବ୍ୟୟ ବୃଦ୍ଧିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୀର୍ଘମିଆଦୀ ବିତ୍ତୀୟ ସ୍ଥାୟୀତ୍ୱ ନୀତି ଦ୍ୱାରା ଏହାର ବିତ୍ତୀୟ ନୀତି ପରିଚାଳିତ ହେବ ବୋଲି ଓଡିଶା ରାଜ୍ୟ ସଙ୍କେତ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁସନ ଫର ଟ୍ରାନ୍ସଫର୍ମିଙ୍ଗ ଇଣ୍ଡିଆ(ନୀତି ଆୟୋଗ) ଦ୍ୱାରା ପ୍ରକାଶିତ ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ (ଏଫ୍‌ଏଚ୍‌ଆଇ) ୨୦୨୫ ରିପୋର୍ଟରେ ଓଡିଶା ୬୭.୮ ର ସର୍ବାଧିକ ସାମଗ୍ରୀକ ଏଫ୍‌ଏଚ୍‌ଆଇ ସ୍କୋର ସହିତ ପ୍ରଥମ ସ୍ଥାନରେ ରହିଛି । ଭାରତୀୟ ରାଜ୍ୟ ଗୁଡିକ ମଧ୍ୟରେ ଆର୍ଥିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଓଡିଶା ଏକ ସଫଳ ରାଜ୍ୟ, ଯାହା ଏହାର ସାର୍ବଜନୀନ ଅର୍ଥର ପ୍ରଭାବଶାଳୀ ପରିଚାଳନା, ଆର୍ଥିକ ଶୃଙ୍ଖଳା ପାଳନ ଏବଂ ବିଚକ୍ଷଣ ଆର୍ଥିକ ନୀତି ମାଧ୍ୟମରେ ସ୍ଥାୟୀ ଅଭିବୃଦ୍ଧି ଏବଂ ବିକାଶ ବଜାୟି ରଖିବାର କ୍ଷମତାକୁ ଦର୍ଶାଇଥାଏ ।

★★★★★

# ତୃତୀୟ ଅଧ୍ୟାୟ

## କୃଷି ଓ ଆନୁଷଙ୍ଗିକ କ୍ଷେତ୍ର:
## ଜଳବାୟୁ ସହନଶୀଳ - ଖାଦ୍ୟ ଉତ୍ପାଦନ ବ୍ୟବସ୍ଥା

### ମୋଟ ସଂଯୋଗିତ ମୂଲ୍ୟ ଏବଂ ଅଭିବୃଦ୍ଧି ହାର

କୃଷି ଓଡିଶାର ଅର୍ଥନୈତିକ ମେରୁଦଣ୍ଡ, ଯେଉଁଥିରେ ୬୦ ପ୍ରତିଶତରୁ ଅଧିକ ଲୋକ କାମ କରୁଛନ୍ତି ଏବଂ ମୋଟ ଶ୍ରମଶକ୍ତିର ପ୍ରାୟତଃ ଅଧା କୃଷିକ୍ଷେତ୍ରରେ ନିୟୋଜିତ ଅଛନ୍ତି। ରାଜ୍ୟ ବିକାଶର ଲକ୍ଷ୍ୟ ପ୍ରାୟ ୧.୧ କୋଟି କୃଷକ ଓ କୃଷି ଶ୍ରମିକଙ୍କୁ ସଶକ୍ତ କରିବା ଉପରେ ନିର୍ଭର କରୁଛି। 'ସମୃଦ୍ଧ କୃଷକ ଓଡିଶା' ଭଳି ପଦକ୍ଷେପର ଲକ୍ଷ୍ୟ ହେଉଛି ଧାନ ପାଇଁ ଲାଭଦାୟକ ମୂଲ୍ୟ ପ୍ରଦାନ କରିବା, ସ୍ୱଚ୍ଛ କ୍ରୟ ପଦ୍ଧତିକୁ ସୁନିଶ୍ଚିତ କରିବା ଏବଂ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଠିକ୍ ସମୟରେ ହିତାଧିକାରୀଙ୍କୁ ଦେୟ ପ୍ରଦାନ କରିବା, ଯାହା କୃଷକଙ୍କ ଆୟ ବୃଦ୍ଧି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

ଖରିଫ୍ ୨୦୨୪ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ କୃଷକ କଲ୍ୟାଣକାରୀ ପଦକ୍ଷେପ ସ୍ୱରୂପ, ସରକାର କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କାର ଏମ୍.ଏସ୍.ପି ସହିତ ୮୦୦ ଟଙ୍କାର ଇନପୁଟ୍ ସହାୟତା ପ୍ରଦାନ କରିଛନ୍ତି ଯାହା କୃଷକଙ୍କ ଆୟ ବୃଦ୍ଧି ପାଇଁ ସରକାଙ୍କର ପ୍ରତିଶ୍ରୁତିକୁ ପ୍ରତିଫଳିତ କରୁଛି। ଏହାବ୍ୟତୀତ, ସିଏମ-କିଷାନ ଏବଂ ପିଏମ-କିଷାନ ଯୋଜନା ଅଧୀନରେ ବାର୍ଷିକ ୧୦,୦୦୦ ଟଙ୍କାର ସିଧାସଳଖ ହସ୍ତାନ୍ତର କୃଷକମାନଙ୍କ ଆର୍ଥିକ ସ୍ଥିରତା ଏବଂ ଉତ୍ପାଦନ ସ୍ତରକୁ ବୃଦ୍ଧି କରୁଛି।

୨୦୨୪-୨୫ ବର୍ଷରେ ରାଜ୍ୟର ମୋଟ ସଂଯୋଗିତ ମୂଲ୍ୟ (ଜିଭିଏ)ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଆବଦାନ ୧୯ ପ୍ରତିଶତ ରହିଛି । ୨୦୨୪-୨୫ ବର୍ଷରେ ଏହି କ୍ଷେତ୍ରର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି, ଯାହା ସର୍ବଭାରତୀୟ ସ୍ତରର ଅଭିବୃଦ୍ଧି ହାର ସହ ପ୍ରାୟ ସମାନ। କୃଷି, ପଶୁପାଳନ ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ସୁଦୃଢ ଅଭିବୃଦ୍ଧି ହେବବୋଲି ଆଶା କରାଯାଉଛି, ଯାହାକି କୃଷି ବିକାଶକୁ ତ୍ୱରାନ୍ୱିତ କରିବାରେ ସେମାନଙ୍କ ବର୍ଦ୍ଧିତ ଗୁରୁତ୍ୱକୁ ସୂଚାଉ ଅଛି । ଅପରପକ୍ଷରେ ୨୦୨୪-୨୫ ବର୍ଷରେ ପଶୁସମ୍ପଦ କ୍ଷେତ୍ର ୬.୨ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବା ବେଳେ ମତ୍ସ୍ୟ ଓ ବନୀକରଣ କ୍ଷେତ୍ରରେ ୬.୭ ପ୍ରତିଶତ ଅଭିବୃଦ୍ଧି ହେବବୋଲି ଆକଳନ କରାଯାଇଛି । ମତ୍ସ୍ୟ ଓ ପଶୁସମ୍ପଦ କ୍ଷେତ୍ରର ତ୍ୱରାନ୍ୱିତ ଅଭିବୃଦ୍ଧି ଓଡିଶାର କୃଷକ ସମାଜର ଆୟବୃଦ୍ଧି ପାଇଁ ଏକ ଶୁଭ ସୂଚନା । ଏହା ସରକାରଙ୍କ ଅନୁକୂଳ ନୀତି ଯୋଗୁଁ ସମ୍ଭବ ହୋଇପାରିଛି । ଅନ୍ୟପକ୍ଷରେ କୃଷକ ମାନଙ୍କ ସାମୁହିକ ଉନ୍ନତି ପାଇଁ ମତ୍ସ୍ୟ ଓ ପଶୁସମ୍ପଦକୁ ମଧ୍ୟ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି ।

### ଫସଲ ପ୍ରଣାଳୀ

ଓଡିଶାରେ ନିଟ୍ ଚାଷଜମି ୫୫.୯ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି, ଯାହାକି ମୋଟ ଭୌଗୋଳିକ କ୍ଷେତ୍ରର ୩୬ ପ୍ରତିଶତ ଅଟେ । ଏହା ପୂର୍ବବର୍ଷ ତୁଳନାରେ ୨.୪ ପ୍ରତିଶତ ଅଧିକ ଅଟେ । ଉନ୍ନତ ଜଳସେଚନ ସୁବିଧା ଏବଂ ଧାନ ଫସଲ ପରିଚାଳନା କାର୍ଯ୍ୟକ୍ରମ ଭଳି ଉନ୍ନତିମୂଳକ କୃଷି କାର୍ଯ୍ୟକ୍ରମ ଯୋଗୁଁ ୨୦୨୩-୨୪ ବର୍ଷରେ ମୋଟ

ଫସଲ କ୍ଷେତ୍ର ମଧ୍ୟ ପୂର୍ବବର୍ଷ ତୁଳନାରେ ୪.୩ ପ୍ରତିଶତ ବୃଦ୍ଧି ପାଇ ୯୧.୪ ଲକ୍ଷ ହେକ୍ଟରରେ ପହଞ୍ଚିଛି । ୨୦୧୯-୨୦ ବର୍ଷରେ ଫସଲର ତୀବ୍ରତା ୧୫୪ ପ୍ରତିଶତ ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୧୬୪ ପ୍ରତିଶତକୁ ବୃଦ୍ଧି ପାଇଛି ।


ଧାନ ଆମ ରାଜ୍ୟର ମୁଖ୍ୟ ଫସଲ ହୋଇଥିଲେ ମଧ୍ୟ ଫସଲ ବିବିଧତା ଦିଗରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳୁଛି । ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଓଡିଶାରେ ମୋଟ ଚାଷଜମିରେ ଧାନର ଅଂଶ ୪୮ ପ୍ରତିଶତରୁ ୪୫ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟ, ମକା ଓ କପାଚାଷର ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି । ୨୦୨୩-୨୪ ବର୍ଷରେ ରାଜ୍ୟରେ ଉତ୍ପାଦିତ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଡାଲିଜାତୀୟ ଫସଲର ମୋଟ ଚାଷଜମି କ୍ଷେତ୍ରଫଳର ୨୩ ପ୍ରତିଶତ ଥିବାବେଳେ ଉଦ୍ୟାନ କୃଷି ମୋଟ ଚାଷଜମି କ୍ଷେତ୍ରଫଳର ୧୨ ପ୍ରତିଶତ ଅଟେ । ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ୩୯ ପ୍ରତିଶତ ବୃଦ୍ଧି ପାଇଥିବା କପା ଓ ମସଲା କ୍ଷେତ୍ରରେ ୨୬ ପ୍ରତିଶତର ଉଲ୍ଲେଖନୀୟ ବୃଦ୍ଧି ଘଟିଛି । କୃଷକଙ୍କ ଆୟ ବୃଦ୍ଧି କରିବାରେ ଉଦ୍ୟାନ କୃଷିର ଭୂମିକା ଉପରେ ଏଗୁଡିକର ଅଧିକ ମୂଲ୍ୟ ଆଲୋକପାତ କରେ। ରାଜ୍ୟର କୃଷି ନୀତିରେ ଉଦ୍ୟାନ କୃଷି ଓ ଉଚ୍ଚ ମୂଲ୍ୟର ଫସଲର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି, ଯାହା ଦ୍ୱାରା ଏହି କ୍ଷେତ୍ରଗୁଡିକର ବିକାଶ ଏବଂ କୃଷକଙ୍କ ଆୟରେ ଉନ୍ନତି ହୋଇପାରିବ ।

## ମୁଖ୍ୟ ଫସଲ ଉତ୍ପାଦନ



ବିଗତ କିଛିବର୍ଷ ମଧ୍ୟରେ ଓଡିଶା ଖାଦ୍ୟଶସ୍ୟ ଉତ୍ପାଦନରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ଏବଂ ଖାଦ୍ୟଶସ୍ୟ ଉତ୍ପାଦନ ୨୦୧୯-୨୦ ବର୍ଷରେ ୧୧୬.୯ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ ମସିହାରେ ଏହା ୧୪୩ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ଏହାର ବର୍ଷଓ୍ୱାରୀ ଅଭିବୃଦ୍ଧି ହାର ୫.୨ ପ୍ରତିଶତ ଅଟେ । ଧାନ ଉତ୍ପାଦନରେ ଓଡିଶା ଭାରତରେ ପଞ୍ଚମ ସ୍ଥାନରେ ରହିଛି, ଯାହା ଜାତୀୟ ଉତ୍ପାଦନର ୮ ପ୍ରତିଶତ ଅଟେ। ଧାନ ଉତ୍ପାଦନ ୨୦୧୯-୨୦ ମସିହାରେ ୯୭.୬ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ ବର୍ଷରେ ୧୧୫.୪ ଲକ୍ଷ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି ଯାହାର ବର୍ଷଓ୍ୱାରୀ ଅଭିବୃଦ୍ଧି ହାର ୪.୩ ପ୍ରତିଶତ ଅଟେ ।


ମକା ମିଶନ ଏବଂ ଶ୍ରୀ-ଅନ୍ନ ଅଭିଯାନ ଭଳି ପଦକ୍ଷେପ ଦ୍ୱାରା ମକା ଏବଂ ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟ ଉତ୍ପାଦନରେ ମଧ୍ୟ ଓଡିଶାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଛି । ମକା ଉତ୍ପାଦନ ୨୦୧୯-୨୦ ବର୍ଷରେ ୭.୩ ଲକ୍ଷ ମେଟ୍ରିକ୍‌ଟନ୍ ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୧୧.୫ ପ୍ରତିଶତ ସିଏଜିଆର୍‌ରେ ବୃଦ୍ଧି ପାଇ ୧୧.୩ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ଏହି ସମୟ ସଧରେ ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟ ଉତ୍ପାଦନ ଦ୍ୱିଗୁଣିତ ହୋଇ ୩.୨ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଛି । ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଚାଷକ୍ଷେତ୍ର ହ୍ରାସ ପାଇଥିଲେ ମଧ୍ୟ ଚିନାବାଦାମ ସମେତ ତୈଳବୀଜ କ୍ଷେତ୍ରରେ ଉତ୍ପାଦନରେ ସାମାନ୍ୟ ବୃଦ୍ଧି ଘଟିଛି । ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ତୈଳ ପାଇଁ ତାଳ ଚାଷକୁ ସକ୍ରିୟଭାବେ ପ୍ରୋତ୍ସାହିତ କରୁଛନ୍ତି । ୨୦୧୯-୨୦ ମସିହାରେ ତୈଳ-ପାମ୍‌କ୍ଷେତ୍ର ୬.୭ ହଜାର ହେକ୍ଟର ଥିବାବେଳେ ୨୦୨୩-୨୪ ମସିହାରେ ଏହା ୮.୮ ହଜାର ହେକ୍ଟରକୁ ବୃଦ୍ଧି ପାଇଛି, ଯାହାକି ୭.୧ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାରକୁ ଦର୍ଶାଉଛି । ତୈଳ-ପାମ ଉତ୍ପାଦନ ୨୦୧୯-୨୦ ବର୍ଷରେ ୨୩.୨ ମେଟ୍ରିକ ଟନ୍ ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୩୦.୭ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି, ଯାହାକି ୭.୩ ପ୍ରତିଶତ ବର୍ଷଓ୍ୱାରୀ ଅଭିବୃଦ୍ଧି ହାର ଅଟେ । ୨୦୧୯-୨୦ ବର୍ଷରେ



ପନିପରିବା ଉତ୍ପାଦନ ୯୭.୩୪ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୧୦୯.୩ ଲକ୍ଷ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଁ ୩ ପ୍ରତିଶତ ବର୍ଷଓ୍ୱାରୀ ଚକ୍ରବୃଦ୍ଧି ହାରରେ ବଢୁଛି । ଜାତୀୟ ଉତ୍ପାଦନରେ ଓଡିଶା ୫.୨ ପ୍ରତିଶତ ଅଂଶ ଯୋଗକରି ଭାରତର ସପ୍ତମ ବୃହତ୍ତମ ପନିପରିବା ଉତ୍ପାଦନକାରୀ ରାଜ୍ୟ ଭାବେ ପରିଗଣିତ ହୋଇଛି । ବାଇଗଣ, କୋବି, କଖାରୁ, ଛତୁ ଏବଂ କନ୍ଦମୂଳରେ ଓଡିଶା ଏକ ଅଗ୍ରଣୀ ଉତ୍ପାଦନକାରୀ ରାଜ୍ୟ । ଫଳ ଉତ୍ପାଦନରେ ଓଡିଶା କ୍ରମାଗତ ଅଭିବୃଦ୍ଧି ହାସଲ କରିଛି । ୨୦୧୯-୨୦ ବର୍ଷରେ ଓଡିଶାରେ ଫଳ ଉତ୍ପାଦନ ୨୪.୮ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୩୭୦.୯୮ ହଜାର ହେକ୍ଟର ଜମିରେ ଚାଷ ହୋଇ ୨୬.୩୬ ଲକ୍ଷ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି । ରାଜ୍ୟର ଫଳ ଉତ୍ପାଦନରେ ଚାରୋଟି ପ୍ରମୁଖ ଫଳ ରହିଛି, ଯଥା କମଳା ଓ ଲେମ୍ବୁ ଜାତୀୟ

ସାଇଟ୍ରାସ ଫଳ, ପଣସ, କଦଳୀ ଏବଂ ଆମ୍ବ, ଯାହା ସାମୂହିକ ଭାବରେ ରାଜ୍ୟର ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ (୭୭ ପ୍ରତିଶତ) ଅଟେ। ଏହି ଉପଲବ୍ଧି ଗୁଡିକ ଓଡିଶାର କୃଷି ପ୍ରଗତି ଏବଂ ଉତ୍ପାଦକତା ତଥା ନିରନ୍ତରତା ସମ୍ବନ୍ଧୀୟ ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ପ୍ରମୁଖ ମୂଳ କୃଷି ଉପାଦାନ (ଇନପୁଟ୍)



**ଜଳ ସେଚିତ ଅଞ୍ଚଳ:** ରାଜ୍ୟ ବିଭିନ୍ନ ପ୍ରକଳ୍ପରେ ପୁଞ୍ଜିନିବେଶ କରି ଜଳସେଚନ କ୍ଷମତାକୁ ଯଥେଷ୍ଟ ବୃଦ୍ଧିକରିଛି, ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ୬୨.୬ ଲକ୍ଷ ହେକ୍ଟରରୁ ୭୨.୨ ଲକ୍ଷ ହେକ୍ଟର (ଉଭୟ ଖରିଫ୍ ଓ ରବି) କ୍ଷେତ୍ରରେ ବୃଦ୍ଧି ହୋଇଛି, ଯାହା ବର୍ତ୍ତମାନ ମୋଟ ଚାଷଜମି (ଜିସିଏ)ର ୭୯ ପ୍ରତିଶତ ଅଟେ । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (ପିଏମକେଏସୱାଇ) କାର୍ଯ୍ୟକାରୀ ହେବା ଦ୍ୱାରା ଜଳ ବ୍ୟବହାର ଦକ୍ଷତାରେ ମଧ ଉନ୍ନତି ଘଟିଛି, ସ୍ପ୍ରିଙ୍କଲର ଏବଂ ବୁନ୍ଦାଜଳ ସେଚନକୁ ୨୦୧୯-୨୦ ବର୍ଷରେ ୮,୪୮୯ ହେକ୍ଟରରୁ ୨୦୨୩-୨୪ ବର୍ଷରେ ୫୩,୭୩୩ ହେକ୍ଟରକୁ ବୃଦ୍ଧି କରାଯାଇଛି । ଜଳସେଚନ ପରିସର ବୃଦ୍ଧି ଏବଂ କୃଷି ଉତ୍ପାଦକତା ଓ ଅଭିବୃଦ୍ଧି ପାଇଁ ଓଡିଶା ସରକାର ୮,୪୨୦ କୋଟି ଟଙ୍କା ନିବେଶରେ ୯୪ଟି ନୂଆ ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି ।

**ଋଣ:** ରାଜ୍ୟରେ କୃଷିକୁ ଋଣ ପ୍ରବାହ ବୃଦ୍ଧି କରିବା ପାଇଁ ସରକାର ସୁଧ ଛାଡ ଯୋଜନା, ବଳରାମ, ସଫଳ ଇତ୍ୟାଦି ଅନେକ ଯୋଜନା ପ୍ରଣୟନ କରିଛନ୍ତି । କୃଷିଋଣ ବିତରଣ ୨୦୧୯-୨୦ ବର୍ଷରେ ୨୮.୭ ହଜାର କୋଟିଟଙ୍କା ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୬୯.୪ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଫଳରେ କୃଷିଋଣ ଓ କୃଷିମୋଟ ବର୍ଦ୍ଧିତ ମୂଲ୍ୟର ଅନୁପାତ ୨୦୧୯-୨୦ବର୍ଷରେ ୨୫.୬ ପ୍ରତିଶତ ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୪୬.୯ ପ୍ରତିଶତକୁ ବୃଦ୍ଧି ପାଇଛି ।



## କୃଷି ଯାନ୍ତ୍ରିକୀକରଣ

ଉଲ୍ଲେଖଯୋଗ୍ୟ, ଯନ୍ତ୍ରପାତି କ୍ରୟ ପାଇଁ ରିହାତି ବଣ୍ଟନ ୨୦୧୯-୨୦ ବର୍ଷରେ ୨୧୩.୯ କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ ବର୍ଷରେ ଏହା ୬୨୪.୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ରାଜ୍ୟରେ ଯାନ୍ତ୍ରିକୀକରଣକୁ ବୃଦ୍ଧି କରିଛି। ୨୦୨୩-୨୪ ବର୍ଷରେ ୯୬,୮୬୨ଟି ଯନ୍ତ୍ରପାତି ସହାୟତା ଅଧୀନରେ ଯୋଗାଇ ଦିଆଯାଇଥିବା ବେଳେ ୭୪,୩୩୪ ଜଣ ଚାଷୀ ଉପକୃତ ହୋଇଛନ୍ତି । ଏହାବ୍ୟତୀତ କ୍ଷୁଦ୍ର ଚାଷୀ ମାନଙ୍କ ପାଇଁ ଯାନ୍ତ୍ରିକୀକରଣକୁ ଅର୍ଥନୈତିକ ଦୃଷ୍ଟିରୁ ଉପଯୋଗୀ କରିବା ପାଇଁ ପୁଞ୍ଜି ନିବେଶ ରିହାତି ଦେଇ ଅଭିଯାନ୍ତ୍ରିକ ସଂଚାଳନ କେନ୍ଦ୍ର ପ୍ରତିଷ୍ଠାକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି । ବର୍ତ୍ତମାନ ସମଗ୍ର ଓଡିଶାରେ ୨୮୦୦ ସିଏଚସି କାର୍ଯ୍ୟ କରୁଛି । ଏହି ପ୍ରୟାସ ଗୁଡିକ କୃଷିକ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି ଫଳତଃ କୃଷକମାନେ ଶ୍ରମ ଆହ୍ୱାନର ମୁକାବିଲା କରି ପାରିବେ ଓ ନିରନ୍ତର ଭାବରେ ଉତ୍ପାଦନରେ ଉନ୍ନତି କରି ପାରିବେ ।




## ବଜାର ଉପଲବ୍ଧତା




କୃଷକମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଉଚିତ ମୂଲ୍ୟରେ ବିକ୍ରି କରିପାରିବା, ମଧ୍ୟସ୍ଥିଙ୍କ ଶୋଷଣ ହ୍ରାସ କରିବା ଓ ଫସଲ ବିବିଧତା ଏବଂ ଅଭିନବତାକୁ ପ୍ରୋତ୍ସାହିତ କରିବା ପାଇଁ ବଜାର ପ୍ରବେଶ ଗୁରୁତ୍ୱପୂର୍ଣ୍ଣ ଅଟେ। ରାଜ୍ୟରେ ଇ-ନାମ ଅଧୀନରେ ଇ-କାରବାର ସହିତ ୬୬ଟି ନିୟନ୍ତ୍ରିତ ବଜାର କମିଟି (ଆର.ଏମ.ସି.) କାର୍ଯ୍ୟ କରୁଛି। ଅମଳ ପରବର୍ତ୍ତୀ ପରିଚାଳନା ପଦ୍ଧତିରେ ଉନ୍ନତି ଆଣିବା ଏବଂ ଭିତ୍ତିଭୂମି ବିକାଶ ମାଧ୍ୟମରେ କ୍ଷତି ହ୍ରାସ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଯେପରିକି ଗୋଦାମ, ଶୀତଳଭଣ୍ଡାର ଇତ୍ୟାଦି ନିର୍ମାଣ କରିବା, ଯାହା କୃଷକମାନଙ୍କୁ ଉପକୃତ କରିବ । ସରକାର ୨୦୨୪ ବର୍ଷରେ ଏକ ଶୀତଳଭଣ୍ଡାର ନୀତି ଆଣିଥିଲେ ଏବଂ ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରେ ଗୋଟିଏ ଶୀତଳଭଣ୍ଡାର ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ଦୁଗ୍ଧ ଉତ୍ପାଦନ




୨୦୨୩-୨୪ ବର୍ଷରେ ଓଡିଶାର ଦୁଗ୍ଧ ଉତ୍ପାଦନ ଜାତୀୟ ଅଭିବୃଦ୍ଧି ହାର ୩.୮ ତୁଳନାରେ ୬.୪କୁ ବୃଦ୍ଧି ପାଇଛି । ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଓଡିଶାର ଦୁଗ୍ଧ ଉତ୍ପାଦନ ୨୩.୭ ଲକ୍ଷ ମେଟ୍ରିକ୍ ଟନରୁ ୨୬.୪ ଲକ୍ଷ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି ଯାହାରକି ସିଏଜିଆର ୨.୭ ପ୍ରତିଶତ ଅଟେ । ଏହି ଅଗ୍ରଗତି ସତ୍ତ୍ୱେ ୨୦୨୩-୨୪ ବର୍ଷରେ ରାଜ୍ୟର ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଦୈନିକ ୧୫୬ ଗ୍ରାମ ଥିବାବେଳେ ଏହାଜାତୀୟ ହାରାହାରି ୪୭୧ ଗ୍ରାମଠାରୁ ଯଥେଷ୍ଟ କମ୍ ରହିଛି, ଯାହା ଭବିଷ୍ୟତରେ ଅଭିବୃଦ୍ଧିର ଉନ୍ନତ ସମ୍ଭାବନାକୁ ସୂଚାଉ ଅଛି । ଏହି ବ୍ୟବଧାନକୁ ଦୂର କରିବା ଏବଂ  ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଗୋମାତା ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (ଏମକେଓ୍ୱାଇ) ଇତ୍ୟାଦି ପଦକ୍ଷେପ ଆରମ୍ଭ କରିଛନ୍ତି, ଯାହାର ଉଦ୍ଦେଶ୍ୟ ଅଧିକ ଉତ୍ପାଦନକାରୀ ଗାଈଙ୍କ ସଂଖ୍ୟା ବୃଦ୍ଧି କରିବା, ପଶୁସମ୍ପଦର ସ୍ୱାସ୍ଥ୍ୟ ଓ ଖାଦ୍ୟ ପରିଚାଳନାରେ ଉନ୍ନତି ଆଣିବା ଏବଂ ଭିତ୍ତିଭୂମିରେ ଉନ୍ନତି ଆଣିବା । ଏହାବ୍ୟତୀତ, ମୁଖ୍ୟମନ୍ତ୍ରୀ କୃଷିଯୋଜନା ଅଧୀନରେ ମଇଁଷି ପ୍ରଜାତିକୁ ନେଇ କ୍ଷୁଦ୍ର ଦୁଗ୍ଧ ୟୁନିଟ୍ ପ୍ରତିଷ୍ଠା ପାଇଁ ସହାୟତା ପ୍ରଦାନ କରି ମଇଁଷି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ଦ୍ୱାରା ଦୁଗ୍ଧ ଉତ୍ସରେ ମଧ୍ୟ ବିବିଧତା ଆସିବ । ବର୍ତ୍ତମାନ ଓଡିଶାର ଦୁଗ୍ଧ ଉତ୍ପାଦନରେ ମଇଁଷି କ୍ଷୀରର ଯୋଗଦାନ ମାତ୍ର ୨.୧ ପ୍ରତିଶତ ଥିବାବେଳେ ଜାତୀୟ ସ୍ତରରେ ଏହା ୪୩.୬ ପ୍ରତିଶତ ରହିଛି । ଉପରୋକ୍ତ କାର୍ଯ୍ୟକ୍ରମ ଗୁଡିକର ଉଦ୍ଦେଶ୍ୟ ହେଉଛି ଅଧିକ ଉତ୍ପାଦନକାରୀ ଗାଈଙ୍କ ସଂଖ୍ୟା ବୃଦ୍ଧିକରିବା, ପଶୁଖାଦ୍ୟ ପରିଚାଳନାରେ ଉନ୍ନତି ଆଣବା ଏବଂ ରାଜ୍ୟର ଅଭିବୃଦ୍ଧିରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ଯୋଗଦାନ ବଢାଇବା । ଫଳତଃ ଗୋରୁ ପ୍ରଜାତି ପରିଚାଳନାର ପାରମ୍ପରିକ ଅଭ୍ୟାସକୁ ଅନୁକୂଳ କରିବା ଭଳି ଆହ୍ୱାନର ମୁକାବିଲା କରାଯାଇ ପାରିବ ।

## କୁକୁଡା ପାଳନ କ୍ଷେତ୍ର



ଓଡିଶାରେ କୁକୁଡା ପାଳନ କେନ୍ଦ୍ରଗୁଡିକୁ ବ୍ୟାପକ ପ୍ରୋତ୍ସାହନ ଏବଂ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ବାଣିଜ୍ୟିକ, ଅର୍ଦ୍ଧ-ବାଣିଜ୍ୟିକ ଏବଂ କ୍ଷୁଦ୍ର କୁକୁଡା ପାଳନ ୟୁନିଟ୍ ଗୁଡିକର ପ୍ରୋତ୍ସାହନ ମାଧ୍ୟମରେ କୁକୁଡାଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ୨୦୨୩-୨୪ ବର୍ଷରେ ଅଣ୍ଡା ଉତ୍ପାଦନରେ ଉଲ୍ଲେଖନୀୟ ଭାବେ ୯.୨ ପ୍ରତିଶତ ବୃଦ୍ଧି ଘଟିଛି, ଯାହା ଜାତୀୟ ଅଭିବୃଦ୍ଧି ହାର ୬.୮ ପ୍ରତିଶତକୁ ଅତିକ୍ରମ କରିଯାଇଛି । ସର୍ବଭାରତୀୟ ଅଣ୍ଡା ଉତ୍ପାଦନରେ ଓଡିଶାର ଅବଦାନ ୨.୬ ପ୍ରତିଶତ ରହିଛି । ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ରାଜ୍ୟର ଅଣ୍ଡା ଉତ୍ପାଦନ ୧୧.୮ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାରରେ ବୃଦ୍ଧି ପାଇଥିବା ବେଳେ ଉତ୍ପାଦନ ୨୩୮ କୋଟିରୁ ୩୭୨ କୋଟିକୁ ବୃଦ୍ଧି ପାଇଛି । ଏହି ଅଭିବୃଦ୍ଧିର ଏକ ପ୍ରମୁଖ କାରକ ହେଉଛି ବାଣିଜ୍ୟିକ କୁକୁଡା ଚାଷକ୍ଷେତ୍ର, ଯାହା ଓଡିଶାର ମୋଟ ଅଣ୍ଡା ଉତ୍ପାଦନର ୮୮ ପ୍ରତିଶତ ଅଟେ । ରାଜ୍ୟରେ ବାଣିଜ୍ୟିକ କୁକୁଡା ଲେୟାର ଫାର୍ମସଂଖ୍ୟା ୨୦୧୧-୧୨ ବର୍ଷରେ ୬୧ ଥିବାବେଳେ ଆଜି ତାହା ୧୭୧କୁ ବୃଦ୍ଧି ପାଇଛି । ବାଣିଜ୍ୟିକ କୁକୁଡା ପ୍ରାଧାନ୍ୟ ବଜାୟି ରଖିଥିବା ବେଳେ ବିକଳ୍ପ ଉତ୍ସ ଯଥା ବତକ, କ୍ୱେଲ, ପଡିଆ କୁକୁଡା ଓ ଦେଶୀ କୁକୁଡା ଇତ୍ୟାଦି ମାଧ୍ୟମରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ମଧ୍ୟ ଯଥେଷ୍ଟ ସୁଯୋଗ ରହିଛି । ଏହିସବୁ ଉପାୟ ଗୁଡିକୁ ଅନୁଧ୍ୟାନ କରି ଓଡିଶା କେବଳ ଅଣ୍ଡାର ବଢୁଥିବା ଚାହିଦାକୁ ପୂରଣ କରିପାରିବ ନାହିଁ ବରଂ କୃଷକଙ୍କ ଆୟ ମଧ୍ୟ ବୃଦ୍ଧି କରିପାରିବ ।



୨୦୨୩-୨୪ ବର୍ଷରେ ଓଡିଶାର ମାଂସ ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ୬.୮ ପ୍ରତିଶତ ବୃଦ୍ଧି ପାଇ ୨.୪ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଥିବା ବେଳେ ଭାରତର ମାଂସ ଉତ୍ପାଦନ ୫.୧ ପ୍ରତିଶତକୁ ବୃଦ୍ଧି ପାଇଛି । ଓଡିଶାରେ ମାଂସ ଉତ୍ପାଦନ ମୁଖ୍ୟତଃ କୁକୁଡାରୁ ୫୬ ପ୍ରତିଶତ ହୋଇଥିବା ବେଳେ ତା ପଛକୁ ଛେଳି/ମେଣ୍ଢା ୪୨ ପ୍ରତିଶତ ଏବଂ ଅବଶିଷ୍ଟ ଘୁଷୁରି ମାଂସରୁ ଆସିଥାଏ ।

## ମତ୍ସ୍ୟସମ୍ପଦ

ଓଡିଶା ଭାରତର ଚତୁର୍ଥ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ, ଯାହା ସର୍ବଭାରତୀୟ ଉତ୍ପାଦନରେ ୬ ପ୍ରତିଶତ ଯୋଗଦାନ ଦେଇଥାଏ ଏବଂ ୨୦୨୩-୨୪ ବର୍ଷରେ ମାଛ ଉତ୍ପାଦନ ୬.୮ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଜାତୀୟ ଅଭିବୃଦ୍ଧି ହାର ୪.୧ ପ୍ରତିଶତକୁ ଅତିକ୍ରମ କରିଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ଉତ୍ପାଦନ ୮.୨ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୧୧.୨ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି, ଯେଉଁଥିରେ ବର୍ଷଓ୍ୱାରୀ ଅଭିବୃଦ୍ଧି ହାର ୮.୩ ପ୍ରତିଶତ ଥିବାବେଳେ ଜାତୀୟ ସ୍ତରରେ ଏହା ୬.୬ ପ୍ରତିଶତ ଅଟେ ।

ରାଜ୍ୟ ମତ୍ସ୍ୟବୀହନ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ହାସଲ କରିଛି। ୨୦୧୯-୨୦ ବର୍ଷରେ ଜାଆଁଳ ଉତ୍ପାଦନ ୯୪.୭ କୋଟିରୁ ୨୦୨୩-୨୪ ବର୍ଷରେ ୩୧୦ କୋଟିକୁ ବୃଦ୍ଧି ପାଇଛି ଏବଂ ସେହି ସମୟ ମଧ୍ୟରେ ବୀହନ (ସ୍ପନ) ଉତ୍ପାଦନ ୩୪୭.୨ କୋଟିରୁ ୧୦୯୪.୯ କୋଟିକୁ ବୃଦ୍ଧି ପାଇଛି, ଯାହା ଉଭୟ ସରକାରୀ ଓ ବେସରକାରୀ ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ପାଇଁ ସରକାରୀ ପ୍ରୋତ୍ସାହନ ଏବଂ ସମର୍ଥନ ଦ୍ୱାରା ସମ୍ଭବ ହୋଇଛି ।

୨୦୨୩-୨୪ ବର୍ଷରେ ଓଡିଶାର ମତ୍ସ୍ୟ ରପ୍ତାନୀ ୧୦.୨ ପ୍ରତିଶତ ବୃଦ୍ଧି ପାଇ ୨.୯୮ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି, ଯେଉଁଥିରେ ଆମେରିକୀୟ ଧଳାଗୋଡ ଚିଙ୍ଗୁଡି ଭଳି ବିଦେଶୀ ପ୍ରଜାତିର ପ୍ରଚଳନ ଯୋଗୁଁ ରପ୍ତାନି ପରିମାଣ ଏବଂ ମୂଲ୍ୟ ବୃଦ୍ଧି କରିବା ସହ ବିଶ୍ୱବଜାରରେ ଓଡିଶାର ଉପସ୍ଥିତିକୁ ଜାହିର କରିଛି । ମୂଲ୍ୟ ଦୃଷ୍ଟିରୁ ଓଡିଶାରୁ ସାମୁଦ୍ରିକ ରପ୍ତାନି ୨୦୧୯-୨୦ ବର୍ଷରେ ୩୨୪୩.୩ କୋଟି ଟଙ୍କା ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୩୯୫୪.୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଏହି ସମୟ ମଧ୍ୟରେ ୫.୧ ପ୍ରତିଶତ ବର୍ଷଓ୍ୱାରୀ ଅଭିବୃଦ୍ଧି ହାରକୁ ଦର୍ଶାଉଛି ।

ଏହାବ୍ୟତୀତ ମତ୍ସ୍ୟଚାଷ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି, ସାମାଜିକ-ଅର୍ଥନୈତିକ ବିକାଶ, ମହିଳା ସଶକ୍ତୀକରଣ ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇ ଗତ ୫ ବର୍ଷ ମଧ୍ୟରେ ୨୨୩୯ କୋଟି ଟଙ୍କାର ବଜେଟ ସହିତ ମତ୍ସ୍ୟଚାଷ କ୍ଷେତ୍ରକୁ ପୁନଃଗଠିତ କରିବା ପାଇଁ ରାଜ୍ୟ ସରକାର ଏକ ପ୍ରମୁଖ ଯୋଜନା "ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ ଯୋଜନା" (ଏମ୍.ଏମ୍.କେ.ଓ୍ୱାଇ) ଆରମ୍ଭ କରିଛନ୍ତି ।

★★★★★

# ଚତୁର୍ଥ ଅଧ୍ୟାୟ

## ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ

### ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ

ଆଇଏସ୍‌ଏଫ୍‌ଆର୍ ୨୦୨୩ ରିପୋର୍ଟ ଅନୁଯାୟୀ ଓଡିଶାରେ ୫୮,୫୯୭ ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପକ ଜଙ୍ଗଲ ଓ ବୃକ୍ଷରାଜି ରହିଛି । ଏହା ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରର ୩୭.୬ ପ୍ରତିଶତ ଅଟେ । ସେଥିରୁ ୫୨,୪୩୪ ବର୍ଗ କିଲୋମିଟର ଜଙ୍ଗଲ ଓ ୬,୧୬୩ ବର୍ଗ କିଲୋମିଟର ବୃକ୍ଷଲତା ଦ୍ୱାରା ଆଚ୍ଛାଦିତ ରହିଛି । ୨୦୨୧ରୁ ୨୦୨୩ ମଧ୍ୟରେ ରାଜ୍ୟରେ ଉଲ୍ଲେଖନୀୟ ଭାବରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ ୫୫୯ ବର୍ଗ କିଲୋମିଟର ବୃଦ୍ଧି ଘଟିଛି, ଯାହାକି ଏଭଳି ଅଭିବୃଦ୍ଧି କ୍ଷେତ୍ରରେ ଦେଶରେ ତୃତୀୟ ସର୍ବୋଚ୍ଚ ଅଟେ । ୧୯୮୮ ମସିହାରେ ଜାତୀୟ ଜଙ୍ଗଲ ନୀତିକୁ ଅନୁସରଣ କରୁଥିବା ଅଳ୍ପ କେତୋଟି ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ ଯେଉଁମାନେ ୩୩ ପ୍ରତିଶତରୁ ଅଧିକ ଜଙ୍ଗଲ ବଜାୟି ରଖି ପରିବେଶର ସ୍ଥିରତା ଏବଂ ନିରନ୍ତର ବିକାଶରେ ଯୋଗଦାନ କରିଛି ।

ଜିଲ୍ଲା ଦୃଷ୍ଟିରୁ ୨୦୨୧ ମସିହା ପର ଠାରୁ ଗଞ୍ଜାମ ଓ ରାୟଗଡାରେ ଯଥାକ୍ରମେ ୨୪୦ ବର୍ଗ କିଲୋମିଟର ଓ ୧୪୫ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି । ଓଡିଶାର ୩୦ଟି ଜିଲ୍ଲାମଧ୍ୟରୁ ୧୩ଟି ଜିଲ୍ଲାରେ ମୋଟ ଭୌଗୋଳିକ କ୍ଷେତ୍ରର ୩୩ ପ୍ରତିଶତରୁ ଅଧିକ ଜଙ୍ଗଲ ରହିଛି । ନିଜ ଭୌଗୋଳିକ କ୍ଷେତ୍ର ତୁଳନାରେ ଯଥାକ୍ରମେ, କନ୍ଧମାଳରେ ୬୭.୩ ପ୍ରତିଶତ ଓ ଗଜପତିରେ ୫୭.୮ ପ୍ରତିଶତ ସହିତ ଜଙ୍ଗଲ କ୍ଷେତ୍ରରେ ଏ ଦୁହେଁ ଅଗ୍ରଣୀ ଜିଲ୍ଲା ଅଟନ୍ତି ।

ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ବନୀକରଣ କାର୍ଯ୍ୟ, ଜଙ୍ଗଲ ସୁରକ୍ଷାକୁ ଅଗ୍ରଗାମୀ କରିବା ସହିତ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଜଙ୍ଗଲ ନିଆଁ ନିବାରଣ ମାଧ୍ୟମରେ ଜଙ୍ଗଲ ସଂରକ୍ଷଣକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରୁଛନ୍ତି । ୨୦୨୩-୨୪ ବର୍ଷରେ ବିଭିନ୍ନ ବୃକ୍ଷରୋପଣ ଯୋଜନା ଅଧିନରେ ମୋଟ ୫୮୭୭.୫ ହେକ୍ଟର କୃତ୍ରିମ ପୁର୍ନଜନନ ଉପାୟରେ ବୃକ୍ଷରୋପଣ, ୩୭,୫୧୩.୬୧ ହେକ୍ଟର ସହାୟକ ପ୍ରାକୃତିକ ପୁର୍ନଜନନ ଉପାୟରେ ବ୍ୟବଧାନ ଯୁକ୍ତ ବୃକ୍ଷରୋପଣ ଓ ୩୧୧୧.୮୭ ବର୍ଗ କିଲୋମିଟର ପଥପାର୍ଶ୍ୱ ବନୀକରଣ ହାସଲ କାରାଯାଇଛି । ଏହାବ୍ୟତୀତ ରାଜ୍ୟରେ ସବୁଜ ବଳୟ ସୃଷ୍ଟି ପାଇଁ ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନ ଗୁଡିକୁ ୪୦୮.୬ ଲକ୍ଷ ଚାରା ବଣ୍ଟନ କରାଯାଇଛି ଓ ରାଜ୍ୟର ବିଭିନ୍ନ ବିଭାଗ ପକ୍ଷରୁ ୨୫୪.୪ ଲକ୍ଷ ଚାରା ରୋପଣ କରାଯାଇଛି । ୨୦୨୪-୨୫ ମଧ୍ୟରେ ବିଭିନ୍ନ ବନୀକରଣ ଯୋଜନା ଅଧୀନରେ ୧.୯୫ କୋଟି ଚାରା ରୋପଣ କରାଯାଇଛି ଏବଂ ୨.୩୩ କୋଟି ଚାରା ବଣ୍ଟନ କରାଯାଇଛି ।

### ହେନ୍ତାଳ ବଣର ବିସ୍ତାର

ଉପକୂଳବର୍ତ୍ତୀ ଅଞ୍ଚଳକୁ ମୃତ୍ତିକା କ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ରକ୍ଷା କରିବା ପାଇଁ ଓଡିଶାର ହେନ୍ତାଳ ଜଙ୍ଗଲ ଅତ୍ୟାବଶ୍ୟକ । ଏହାବ୍ୟତୀତ ହେନ୍ତାଳବଣ ବିଭିନ୍ନ ପ୍ରଜାତିକୁ ଆଶ୍ରୟ ଦେବା ଓ ସଂଖ୍ୟା ଦୃଷ୍ଟିରୁ ବଢିବାରେ ସାହାଯ୍ୟ କରିବା ସହ ଅଙ୍ଗାରକାମ୍ଳ ପରିମାଣ ହ୍ରାସ ପାଇଁ ଉଲ୍ଲେଖନୀୟ ଅବଦାନ କରିଥାଏ । ୨୦୧୧ରୁ ୨୦୨୩ ମଧ୍ୟରେ ଓଡିଶାର ହେନ୍ତାଳ ବନାଞ୍ଚଳ ୨୨୨ ବର୍ଗ କିଲୋମିଟରରୁ ୨୫୯.୧ ବର୍ଗ କିଲୋମିଟରକୁ ବୃଦ୍ଧି ପାଇଛି, ଯାହାକି ୧୭ ପ୍ରତିଶତର ଅଭିବୃଦ୍ଧି ହାର

ଅଟେ । ଏହି ଅଭିବୃଦ୍ଧି ହେନ୍ତାଳବଣର ପ୍ରାକୃତିକ ପୁନରୁଦ୍ଧାର ଏବଂ ନୂତନ ବୃକ୍ଷ ରୋପଣ କାର୍ଯ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ଜାରି ରହିଥିବା ପ୍ରୟାସକୁ ପ୍ରତିଫଳିତ କରୁଛି। ହେନ୍ତାଳବଣ ମୁଖ୍ୟତଃ କେନ୍ଦ୍ରାପଡା (୨୧୨.୬୯ ବର୍ଗ କିଲୋମିଟର), ଭଦ୍ରକ (୩୨.୩୯ ବର୍ଗ କିଲୋମିଟର), ଜଗତସିଂହପୁର(୮.୪୨ ବର୍ଗ କିଲୋମିଟର), ବାଲେଶ୍ୱର (୪.୮୨ ବର୍ଗ କିଲୋମିଟର) ଏବଂ ପୁରୀ (୦.୭୪ ବର୍ଗ କିଲୋମିଟର) ଆଦି ପାଞ୍ଚଟି ଜିଲ୍ଲାରେ ଦେଖିବାକୁ ମିଳେ। ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପ୍ରଦାନ, ସ୍ଥାନୀୟ ପରିବେଶ ଏବଂ ଗୋଷ୍ଠୀଜୀବିକା ପାଇଁ ଏହି ହେନ୍ତାଳବଣ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ବନ୍ୟଜନ୍ତୁଙ୍କ ସୁରକ୍ଷା

୩୭.୬ ପ୍ରତିଶତ ଜଙ୍ଗଲ ଥିବା ଓଡିଶା ଜୈବ ବିବିଧତାର ଏକ ପ୍ରମୁଖସ୍ଥଳ, ଯାହା ମହାବଳ ବାଘ, ଭାରତୀୟ ହାତୀ ଏବଂ ଅଲିଭରିଡଲେ ସାମୁଦ୍ରିକ କଇଁଛ ଭଳି ଐତିହାସିକ ପ୍ରଜାତି ଗୁଡିକୁ ବୃଦ୍ଧି ପାଇବାରେ ସାହାଯ୍ୟ କରେ। ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ୮୩୮୦.୭ ବର୍ଗ କିଲୋମିଟରକୁ ସଂରକ୍ଷିତ ଅଞ୍ଚଳ ଭାବେ ବିବେଚନା କରିଛନ୍ତି, ଯାହାକି ଏହାର ୧୩.୭ ପ୍ରତିଶତ ଜଙ୍ଗଲ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଓଡିଶାରେ ଉଭୟ ଆନ୍ତଃ ଏବଂ ଅନ୍ତଃ ସଂରକ୍ଷଣ ପଦ୍ଧତି ଅବଲମ୍ବନ କରାଯାଉଛି। ଅନ୍ତଃ ସଂରକ୍ଷଣ କ୍ଷେତ୍ରରେ ଓଡିଶାରେ ଗୋଟିଏ ଜାତୀୟ ଉଦ୍ୟାନ, ୧୯ଟି ଅଭୟାରଣ୍ୟ, ୨ଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ଗୋଟିଏ ଜୈବମଣ୍ଡଳ, ୨ଟି ସଂରକ୍ଷିତ ଅଭୟାରଣ୍ୟ ଏବଂ ୩ଟି ହାତୀ ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏହାବ୍ୟତୀତ ଓଡିଶା ଅନ୍ୟ ଏକ ଜାତୀୟ ଉଦ୍ୟାନ, ତିନୋଟି ଅଭୟାରଣ୍ୟ, ଦୁଇଟି ବ୍ୟାଘ୍ର ଅଭୟାରଣ୍ୟ ପ୍ରକଳ୍ପ ଏବଂ ଏକ ଜୈବମଣ୍ଡଳ ସମେତ ରାଜ୍ୟର ସଂରକ୍ଷଣ ପ୍ରୟାସକୁ ବିସ୍ତାରିତ କରିବାକୁ ଯୋଜନା କରିଛି। ପ୍ରାକୃତିକ ବାସସ୍ଥଳୀ ବ୍ୟତୀତ ଜୀବଜନ୍ତୁ ମାନଙ୍କ ବଞ୍ଚିବା ସୁନିଶ୍ଚିତ କରିବା ତଥା ବିଭିନ୍ନ ପ୍ରଜାତିର ପ୍ରଜନନ ଓ ଗବେଷଣା ପାଇଁ ସୁରକ୍ଷିତ ପରିବେଶ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ୧୦ଟି ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନର ପ୍ରତିଷ୍ଠା କରିଛନ୍ତି।

ବନ୍ୟଜନ୍ତୁ ମାନଙ୍କୁ ଶିକାର ଓ ଅନ୍ୟାନ୍ୟ ବିପଦରୁ ରକ୍ଷାକରିବା ପାଇଁ ଓଡିଶା ଅନେକ ପଦକ୍ଷେପ ଗ୍ରହଣ କରିଛି। ଏଥିରେ ୬୨୯ଟି ଆଣ୍ଟି ପୋଚିଂ/ ଡିପ୍ରିଡେସନ/ ହାତୀ ସୁରକ୍ଷା ସ୍କ୍ୱାଡ ମୁତୟନ କରିବା, ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସମୁଦାୟକୁ ଜ୍ଞାତ କରାଇବା, ଜନସୁରକ୍ଷା ଗଜ ରକ୍ଷା ଏବଂ ଗଜ ସାଥୀ ଭଳି ଅଭିନବ ପଦକ୍ଷେପ ଗ୍ରହଣ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ । ଏହାବ୍ୟତୀତ ବନ୍ୟ ପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ସେମାନଙ୍କୁ ବିଭିନ୍ନ ବିପଦରୁ ରକ୍ଷା କରିବା ପାଇଁ ଓଡିଶା ଏଆଇ (କୃତ୍ରିମ ବୁଦ୍ଧିମତା) ଏବଂ ଡ୍ରୋନ୍ ଭଳି ଆତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରୁଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରଦାନ ପାଇଁ ସୌରବାଡ, ନିରିକ୍ଷଣ ସ୍ତମ୍ଭ ଏବଂ ଅନୁକମ୍ପା ଅନଲାଇନ୍ ପୋର୍ଟାଲ୍ ଇତ୍ୟାଦି ଭିତ୍ତିଭୂମିର ବିକାଶ ଦ୍ୱାରା ଏହି ପ୍ରୟାସ ବଳବତ୍ତର ରହିଛି, ଯାହା ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଏକ ବ୍ୟାପକ ଆଭିମୁଖ୍ୟକୁ ଦର୍ଶାଇଥାଏ।

ବାସସ୍ଥଳୀ ବିକାଶ ହେଉଛି ଓଡିଶାର ସୁରକ୍ଷା ନୀତିର ଏକ ମୂଳଦୁଆ, ଯେଉଁଥିରେ ନଷ୍ଟପ୍ରାୟ ଜଙ୍ଗଲର ପୁନରୁଦ୍ଧାର, ସବୁଜ କରିଡର ସୃଷ୍ଟି ଏବଂ ଆର୍ଦ୍ରଭୂମି ଓ ତୃଣଭୂମି ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ୧୩୦ଟି ନୂତନ ଜଳାଶୟ ସୃଷ୍ଟି ଓ ୨୭୩ଟି ପୁରାତନ ଜଳାଶୟର ପୁନରୁଦ୍ଧାର ସହିତ ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୧୨୫୦ ହେକ୍ଟର ପଶୁ ଖାଦ୍ୟ ନିମନ୍ତେ ଘାସଚାଷ ଓ ୩୩୭ ହେକ୍ଟର ହେନ୍ତାଳ ଜାତିର ବୃକ୍ଷରୋପଣ ଆଦି ପ୍ରୟାସ ଉଲ୍ଲେଖନୀୟ ଅଟେ । ଏହାବ୍ୟତୀତ ବନ୍ୟଜନ୍ତୁଙ୍କ ଉଦ୍ଧାର ଓ ଥଇଥାନ ପାଇଁ ତ୍ୱରିତ ପ୍ରତିକ୍ରିୟା ଦଳ ଓ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା (ଏମ୍.ଭି.ଏସ୍) ମଧ୍ୟ କାର୍ଯ୍ୟକାରୀ ହେଉଛି।

## ଜଙ୍ଗଲ ଓ ଜୀବିକା

ଜଙ୍ଗଲ କେବଳ ପରିବେଶର ସୁରକ୍ଷା ଏବଂ ଜୈବବିବିଧତା ସଂରକ୍ଷଣ କରେ ନାହିଁ ବରଂ ସମ୍ପ୍ରଦାୟ, ବିଶେଷକରି ଜଙ୍ଗଲ ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକଙ୍କ ଜୀବିକାକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଦେଶର ତୃତୀୟ ସର୍ବାଧିକ ଆଦିବାସୀ ଜନସଂଖ୍ୟା ଓଡିଶାରେ ରହିଛି, ଯାହାକି ମୋଟ ଜନସଂଖ୍ୟାର ୨୨.୮ ପ୍ରତିଶତ ଅଟେ । ଓଡିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି), ଓଡିଶା ବନୀକରଣ କ୍ଷେତ୍ର ବିକାଶ ସୋସାଇଟି ଏବଂ ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା (ଓବିଡିଏ) ଭଳି ରାଜ୍ୟ ଅନୁଷ୍ଠାନ ଆଦିବାସୀଙ୍କୁ ସ୍ଥାୟୀ ଜୀବିକା ସୁଯୋଗ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଓଡିଶା ହେଉଛି ଦେଶର ତୃତୀୟ ବୃହତ୍ତମ କେନ୍ଦୁପତ୍ର ଉତ୍ପାଦନକାରୀ ରାଜ୍ୟ ଏବଂ ଏହି ଶିଳ୍ପ ବାର୍ଷିକ ପ୍ରାୟ ୧୦୦ ଲକ୍ଷ ମାନବ

ଦିବସ ନିଯୁକ୍ତି ସୃଷ୍ଟି କରିଥାଏ । କେନ୍ଦୁପତ୍ର ବ୍ୟବସାୟକୁ ସୁଦୃଢ଼ କରିବା ପାଇଁ ଓଡିଶା ସରକାର"କେନ୍ଦୁପତ୍ର ତୋଳାଳି କଲ୍ୟାଣ ଯୋଜନା" ଅଧୀନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମୁଦାୟ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ।

## ପରିବେଶ ଶୃଙ୍ଖଳର ସଂରକ୍ଷଣ

ଜଙ୍ଗଲ, ଆର୍ଦ୍ରଭୂମି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ପରିବ୍ୟାପ୍ତ ଓଡିଶାର ବିବିଧ ପରିବେଶ ଶୃଙ୍ଖଳ, ଖାଦ୍ୟ, ଜଳ ଓ ବାୟୁ ଶୁଦ୍ଧିକରଣ, ଜଳବାୟୁ ନିୟନ୍ତ୍ରଣ ଏବଂ ପାରମ୍ପରିକ ସମୃଦ୍ଧି ଭଳି ଅତ୍ୟାବଶକୀୟ ସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଓଡିଶାରେ ପ୍ରସିଦ୍ଧ ଚିଲିକାହ୍ରଦ ଓ ହୀରାକୁଦ ଜଳଭଣ୍ଡାର ସମେତ ୬ଟି ରାମସାର ସ୍ଥଳ ରହିଛି ଯାହାକି ବନ୍ୟା ନିୟନ୍ତ୍ରଣ, ଭୂତଳ ଜଳ ପୁନରୁଦ୍ଧାର ଏବଂ କାର୍ବନ ପୃଥକୀ କରଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଓଡିଶା ଆର୍ଦ୍ରଭୂମି ଉନ୍ନୟନ କର୍ତ୍ତୃପକ୍ଷ ଆର୍ଦ୍ରଭୂମିର ସଂରକ୍ଷଣକୁ ପ୍ରାଥମିକତା ଦେଇ ପରିବେଶ ବ୍ୟବସ୍ଥାର ସୁରକ୍ଷା ପାଇଁ ପ୍ରୟାସ, ସାମୂହିକ ଅଂଶଗ୍ରହଣ ଏବଂ ଗୋବିନ୍ଦପୁର 'ପକ୍ଷୀଗ୍ରାମ'ରେ ପରିବେଶର ଅନୁକୂଳ ବିକାଶ ଭଳି ଅଭିନବ ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଛନ୍ତି।

ଆମ ରାଜ୍ୟରେ ହଜାର ହଜାର କିସମର ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି ରହୁଥିବାରୁ ଓଡିଶା ଜୈବବିବିଧତା ବୋର୍ଡ ଏବଂ ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ରଭଳି ଅନୁଷ୍ଠାନ ମାଧ୍ୟମରେ ଓଡିଶା ସକ୍ରୀୟ ଭାବରେ ଏହାର ଜୈବବିବିଧତାକୁ ସୁରକ୍ଷିତ ରଖିବାର ଚେଷ୍ଟା ଜାରି ରଖିଛି। ଜୈବବିବିଧତା ଐତିହ୍ୟସ୍ଥଳୀ ସୃଷ୍ଟି, ଉଦ୍ଭିଦ ଓ ଜୀବଜନ୍ତୁ ସଂରକ୍ଷଣ ଏବଂ ସ୍ଥାନୀୟ ଜୈବସମ୍ପଦ-ସମ୍ବଳିତ ଦସ୍ତାବିଜ ପାଇଁ ୭,୨୫୬ ଜୈବବିବିଧତା ପଞ୍ଜିକା ପ୍ରତିଷ୍ଠା ଆଦି ପଦକ୍ଷେପ ଅନ୍ତର୍ଭୁକ୍ତ ।

ଓଡିଶାର ସଂରକ୍ଷଣ ନୀତିରେ ସାମୂହିକ ସମ୍ପୃକ୍ତି ଓ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ବିଦ୍ୟାଳୟରେ ଇକୋ କ୍ଲବ ଓ ଏନର୍ଜି କ୍ଲବ ଭଳି କାର୍ଯ୍ୟକ୍ରମ ପରିବେଶସ ଚେତନାକୁ ପ୍ରୋତ୍ସାହିତ କରୁଛି। ରାଜ୍ୟର ପ୍ରାକୃତିକ ଐତିହ୍ୟର ସଂରକ୍ଷଣ ପାଇଁ ପରିବେଶ ଅଧ୍ୟୟନ କେନ୍ଦ୍ରରେ ଶିକ୍ଷାଗତ ସାମଗ୍ରୀ ଓ ଚଳଚ୍ଚିତ୍ର ମାଧ୍ୟମରେ ଜନସାଧାରଣଙ୍କ ପରିବେଶ ପ୍ରତି ଭଲପାଇବା ବୃଦ୍ଧି କରିବା ଏବଂ ପାରମ୍ପରିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉଛି।

## ଜଳବାୟୁ ପରିବର୍ତ୍ତନ

ଭୌଗୋଳିକ ଅବସ୍ଥିତି ଓ ଜଳବାୟୁର ପରିବର୍ତ୍ତିତ ପରିସ୍ଥିତି ଯୋଗୁଁ ଓଡିଶା ଜଳବାୟୁ ପରିବର୍ତ୍ତନ ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ରାଜ୍ୟରେ ବାତ୍ୟା ଓ ବନ୍ୟାଠାରୁ ଆରମ୍ଭ କରି ଗ୍ରୀଷ୍ମ ପ୍ରବାହ ଓ ମରୁଡି ଭଳି ଅନେକ ପ୍ରତିକୂଳ ପାଣିପାଗ ଜନିତ ଘଟଣା ଦେଖିବାକୁ ମିଳୁଛି। ଜଳବାୟୁ ପରିବର୍ତ୍ତନ ରାଜ୍ୟର ଅଭିବୃଦ୍ଧି ଓ ବିକାଶକୁ ବାଧାପ୍ରାପ୍ତ କରିବାର ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବ ପ୍ରତି ଓଡିଶାର ଦୁର୍ବଳତାକୁ ଦୂର କରିବା ପାଇଁ ଜଳବାୟୁ ପରିବର୍ତ୍ତନ ଉପରେ ରାଜ୍ୟ କାର୍ଯ୍ୟ ଯୋଜନା (ଏସଏପିସିସି) କାର୍ଯ୍ୟକାରୀ କରିବା, ଜଳବାୟୁ ବଜେଟ୍ ଏବଂ ଇଭି ଓ ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହିତ କରିବାଭଳି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଜଳବାୟୁ ପ୍ରଶମନ ଏବଂ ପରିବେଶ ଅନୁକୂଳତା ଉପରେ ଧ୍ୟାନ କେନ୍ଦ୍ରିତ ପ୍ରକଳ୍ପ ଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପଦକ୍ଷେପ ଗୁଡିକ ନିଆଯାଇଛି।

୨୦୧୦-୧୫ ଅବଧି ପାଇଁ ଆରମ୍ଭ ହୋଇଥିବା ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ କରିବାରେ ଓଡିଶା ହେଉଛି ଦେଶର ପ୍ରଥମ ରାଜ୍ୟ ଯାହା ବର୍ତ୍ତମାନ ୨୦୨୧ରୁ ୨୦୩୦ ପର୍ଯ୍ୟନ୍ତ ଅଦ୍ୟତନ ହୋଇଛି। ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ରାଜ୍ୟ କାର୍ଯ୍ୟ ଯୋଜନା ସର୍ବଭାରତୀୟ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଜାତୀୟ କାର୍ଯ୍ୟ ଯୋଜନା (ଏନ୍ଏପିସିସି)ର ଏକ ସମ୍ପ୍ରସାରଣ ଅଟେ, ଯାହା ନିର୍ଦ୍ଦିଷ୍ଟ ସ୍ଥାନୀୟ ପ୍ରତିକୂଳ ଅବସ୍ଥାକୁ ଅନ୍ତର୍ଭୁକ୍ତ କରିବା ଏବଂ ପ୍ରତ୍ୟେକ ରାଜ୍ୟ ମଧ୍ୟରେ ଆଞ୍ଚଳିକ ସୁଯୋଗର ବ୍ୟବହାର କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଏହି ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍ଡିଜି) ୨୦୩୦ ସହିତ ସମନ୍ୱିତ ହେଉଛି, ଯାହା ଜଳବାୟୁ ସହନଶୀଳତା ପାଇଁ ଏକ ସମନ୍ୱିତ ଉଦ୍ୟମକୁ ସୁନିଶ୍ଚିତ କରିବ। ଏହି ଯୋଜନାରେ ୧୨ଟି ପ୍ରମୁଖ ପ୍ରାଥମିକତା କ୍ଷେତ୍ରରେ ନୀତି ଏବଂ କାର୍ଯ୍ୟକ୍ଷମ ଲକ୍ଷ୍ୟ ରଖାଯାଇଛି ; ଯେଉଁଥିରେ ଉଭୟ ପ୍ରଶମନ ଏବଂ ଅନୁକୂଳ ପଦକ୍ଷେପ ଉପରେ ୨.୪୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜଙ୍ଗଲ କ୍ଷେତ୍ରବୃଦ୍ଧି, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ, ସୌର ଓ ଗ୍ରିଡ ସଂଯୋଜିତ ପବନ ଶକ୍ତିକୁ ପ୍ରୋତ୍ସାହିତ କରିବା, ଇଭିକୁ ପ୍ରୋତ୍ସାହିତ କରିବା, ସ୍ଥାୟୀ ଖଣି, ବର୍ଜ୍ୟବସ୍ତୁ ପରିଚାଳନା, ଜଳବାୟୁ ସହନଶୀଳ କୃଷି ଆଦି ପ୍ରମୁଖ ପଦକ୍ଷେପ ଗୁଡିକ ଗ୍ରହଣ କରାଯାଇଛି।

★★★★★

# ପଞ୍ଚମ ଅଧ୍ୟାୟ

## ଶିଳ୍ପ କ୍ଷେତ୍ର: ନିଯୁକ୍ତି ଏବଂ ଅଭିବୃଦ୍ଧି ପ୍ରତି ଗୁରୁତ୍ୱ

### ଶିଳ୍ପ ଭିତ୍ତିକ ପ୍ରଦର୍ଶନ

ଓଡିଶାରେ ଶିଳ୍ପ କ୍ଷେତ୍ରର ଆକାର ପାଖାପାଖି ୩.୭ ଲକ୍ଷ କୋଟି ଟଙ୍କା, ଯାହାକି ୨୦୨୪-୨୫ ବର୍ଷରେ ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟର ୪୩.୯ ପ୍ରତିଶତ ଅଟେ । ୨୦୨୪-୨୫ ବର୍ଷରେ ଏହି କ୍ଷେତ୍ରର ଅଭିବୃଦ୍ଧି ହାର ୬.୧ ପ୍ରତିଶତ ରହିବ ବୋଲି ମଧ୍ୟ ଆକଳନ କରାଯାଇଛି। ଖଣି, ଉତ୍ପାଦନ, ନିର୍ମାଣ, ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଏବଂ ଅନ୍ୟାନ୍ୟ ଉପଯୋଗିତା ସେବାଭଳି ୪ଟି ଉପ-କ୍ଷେତ୍ରକୁ ନେଇ ଏହି କ୍ଷେତ୍ର ଗଠିତ। ୨୦୨୪-୨୫ ବର୍ଷରେ ଉତ୍ପାଦନ କ୍ଷେତ୍ରରେ ୫୨.୬ ପ୍ରତିଶତ, ଖଣି ଖନନରେ ୨୧.୨ ପ୍ରତିଶତ, ନିର୍ମାଣରେ ୧୮.୬ ପ୍ରତିଶତ ଏବଂ ଅବଶିଷ୍ଟ ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ଅନ୍ୟାନ୍ୟ ଉପଯୋଗି ଶିଳ୍ପରେ ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟ (ଜିଏସ୍‌ଭିଏ) ର ୭.୫ ପ୍ରତିଶତ ଅଟେ। ୨୦୨୪-୨୫ ବର୍ଷରେ ଉତ୍ପାଦନ କ୍ଷେତ୍ର ପ୍ରାୟ ୬ ପ୍ରତିଶତ, ନିର୍ମାଣ କ୍ଷେତ୍ରରେ ୮.୫ ପ୍ରତିଶତ, ଖଣି ଖନନ କ୍ଷେତ୍ରରେ ୪.୫ ପ୍ରତିଶତ ଏବଂ ବିଦ୍ୟୁତ୍ ଓ ଅନ୍ୟାନ୍ୟ ଉପଯୋଗି କ୍ଷେତ୍ରରେ ୭.୧ ପ୍ରତିଶତ ଅଭିବୃଦ୍ଧି ଘଟିବାର ଆକଳନ କରାଯାଇଛି।

ସାମଗ୍ରିକ ସ୍ତରରେ ଓଡିଶାର ଶିଳ୍ପକ୍ଷେତ୍ର ସର୍ବଭାରତୀୟ ହାରାହାରି ତୁଳନାରେ ୨୬ ପ୍ରତିଶତ ଅଧିକ ଉତ୍ପାଦନକ୍ଷମ। ଓଡିଶାର ଶିଳ୍ପକ୍ଷେତ୍ର, ବିଶେଷକରି ଖଣି ଓ ଖଣିଜ ଭିତ୍ତିକ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜିର ମାତ୍ରା ଅଧିକ ଥିବାରୁ ଏହା ଘଟିଛି। ୨୦୩୬ ମସିହାରେ ପ୍ରାୟତଃ ୪୩,୭୭୬ କୋଟି ଟଙ୍କା ଏବଂ ୨୦୪୭ ମସିହାରେ ପ୍ରାୟତଃ ୧,୩୧,୩୪୩ କୋଟି ଟଙ୍କାର ଅର୍ଥନୀତିରେ ପରିଣତ ହେବା ପାଇଁ ଶିଳ୍ପକ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ। ବିଶେଷକରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅତିରିକ୍ତ ଶ୍ରମ ପାଇଁ ଅଧିକ ଉତ୍ପାଦନକ୍ଷମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି । ୨୦୧୭-୧୮ ବର୍ଷଠାରୁ ଅତିରିକ୍ତ ୨୦ ଲକ୍ଷ ଶ୍ରମିକ ଶିଳ୍ପ କ୍ଷେତ୍ରରେ ଯୋଗ ଦେଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ମାଣ କ୍ଷେତ୍ରରେ (ପାଖାପାଖି ୧୫.୫ ଲକ୍ଷ) ଅଛନ୍ତି । ତେଣୁ ରାଜ୍ୟର ଶିଳ୍ପ ନୀତି ଶ୍ରମଭିତ୍ତିକ କ୍ଷେତ୍ର ତଥା ଉଚ୍ଚ ବୈଷୟିକ କ୍ଷେତ୍ରରେ ବିବିଧତା ଆଣିବା ଦିଗରେ ପ୍ରଗତିଶୀଳ ଅଛି।

### ଶିଳ୍ପ ନୀତି



ନିର୍ଦ୍ଦିଷ୍ଟ କ୍ଷେତ୍ର/ଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶିଳ୍ପ ପ୍ରତିଦ୍ୱନ୍ଦ୍ୱିତା ଏବଂ ଅଭିବୃଦ୍ଧି ପାଇଁ ବିଶ୍ୱସ୍ତରରେ ଟିକସ ପ୍ରୋତ୍ସାହନ, ରିହାତି ସହାୟତା, ନିୟନ୍ତ୍ରଣ ଏବଂ ଭିତ୍ତିଭୂମି ବିକାଶ ଇତ୍ୟାଦିକୁ ଦୀର୍ଘଦିନ ଧରି ବ୍ୟବହାର କରାଯାଇ ଆସୁଛି। ନିକଟରେ ବିଶ୍ୱସ୍ତରରେ ଉନ୍ନତ ଅର୍ଥନୀତି ମାନେ ମଧ୍ୟ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ପ୍ରୋତ୍ସାହନ ଦେବାପାଇଁ ବିଭିନ୍ନ ଶିଳ୍ପନୀତି ପ୍ରଣୟନ କରିଛନ୍ତି । ଚିପ୍ସ ଆକ୍ଟ ୨୦୨୨ ମାଧ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକାର ଉଦ୍ଦେଶ୍ୟ ହେଉଛି ଘରୋଇ ସେମିକଣ୍ଡକ୍ଟର ଶିଳ୍ପକୁ ସୁଦୃଢ଼ କରିବା, ଯେଉଁଥିରେ ସେମିକଣ୍ଡକ୍ଟର ଉତ୍ପାଦନକୁ ଅଧିକ ସୁଦୃଢ଼ କରିବା ପାଇଁ ପାଣ୍ଠି ଯୋଗାଣ ଗୁରୁତ୍ୱପୂର୍ଣ୍ଣ ଏବଂ ସେଥିପାଇଁ ନିର୍ଦ୍ଦିଷ୍ଟ ସମ୍ବଳ ମଧ୍ୟ ଉତ୍ସର୍ଗୀକୃତ । ଘରୋଇ ଉଦ୍ୟୋଗକୁ ସୁରକ୍ଷିତ ରଖିବା ପାଇଁ ନିର୍ଦ୍ଦିଷ୍ଟ ଉତ୍ପାଦ ଉପରେ ଶୁଳ୍କ ଲାଗୁ କରିବା ସମେତ ଶିଳ୍ପ ନୀତିକୁ ମଧ୍ୟ ବାଣିଜ୍ୟ ନୀତି ପର୍ଯ୍ୟନ୍ତ ବିସ୍ତାର କରାଯାଇ ପାରିବ।

ଖଣିଜ ସମ୍ପଦର ଉପଯୋଗ ମୁଖ୍ୟତଃ ନିମ୍ନମୁଖୀ ଶିଳ୍ପରେ ମୂଲ୍ୟବୃଦ୍ଧି, ସେମିକଣ୍ଡକ୍ଟର, ସବୁଜ ଉଦ୍‌ଜାନ, ସ୍ୱତନ୍ତ୍ର ଇସ୍ପାତ, ତଥ୍ୟ କେନ୍ଦ୍ର, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ରସାୟନ ଓ ପେଟ୍ରୋକେମିକାଲ ଇତ୍ୟାଦି କ୍ଷେତ୍ରରେ ଉଚ୍ଚ-ମଧ୍ୟମ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ସମ୍ଭବ । ଓଡିଶାରେ ଶିଳ୍ପ କ୍ଷେତ୍ରର ସ୍ଥିରତା ବୃଦ୍ଧି ଓ ଅଗ୍ରଗତି ପାଇଁ ଉପରୋକ୍ତ ବିଷୟ ଗୁଡିକ ପ୍ରତି ନୂତନ ଶିଳ୍ପ ନୀତିରେ ଧ୍ୟାନ ଦିଆଯାଇଛି । ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସହିତ ଭାରତର ବାଣିଜ୍ୟ ପାଇଁ ଓଡିଶା ଭବିଷ୍ୟତରେ ଆମ ଦେଶର ପୂର୍ବ ପ୍ରବେଶ ଦ୍ୱାର ହୋଇପାରେ । ଓଡିଶା ସରକାର ମଧ୍ୟ ନିବେଶକମାନଙ୍କୁ ବିଶେଷକରି ପୁଞ୍ଜି ନିବେଶ ଓ ସହାୟତା ପ୍ରଦାନରେ ଲୋଭନୀୟ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ପ୍ରାଥମିକ ସେବାକ୍ଷେତ୍ର ଯଥା; ଇସ୍ପାତ, ଜାହାଜ ନିର୍ମାଣ, କୃଷିଜାତ ଦ୍ରବ୍ୟ ପ୍ରକ୍ରିୟାକରଣ, ଆଇଟି, ଆଇଟିଇଏସ୍ ଏବଂ ଡାଟାସେଣ୍ଟର ଭଳି ଅଗ୍ରାଧିକାର ଥିବା କ୍ଷେତ୍ରରେ ସରକାର ୨୦ ପ୍ରତିଶତ ପୁଞ୍ଜି ନିବେଶ (ଜମି ଏବଂ ନିର୍ମାଣ ଖର୍ଚ୍ଚ ବ୍ୟତୀତ) କରୁଛନ୍ତି। ସବୁଜ ଶକ୍ତି ଉପକରଣ, ସବୁଜ ଉଦ୍‌ଜାନ ଏବଂ ସବୁଜ ଆମୋନିଆ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ବାୟୋଟେକ୍ନୋଲୋଜି, ବୈଷୟିକ ବୟନ ଶିଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡିଶା ପ୍ଲାଣ୍ଟ ଏବଂ ଯନ୍ତ୍ରପାତି (ଜମି ଏବଂ ନିର୍ମାଣ ଖର୍ଚ୍ଚ ବ୍ୟତୀତ)ରେ ପୁଞ୍ଜି ବିନିଯୋଗର ୩୦ ପ୍ରତିଶତ ଅର୍ଥ ପ୍ରଦାନ କରିଥାଏ। ଏହା ବ୍ୟତୀତ ଷ୍ଟାମ୍ପଡ୍ୟୁଟି ରିହାତି, ସ୍ଥାୟୀ ଉତ୍ପାଦନ ପଦ୍ଧତି ଉପରେ ଟପ୍ ଅପ୍ ସବସିଡି ଭଳି ଅନେକ ଅନ୍ୟାନ୍ୟ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଏହା ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା ଏବଂ ପ୍ରୋତ୍ସାହନ ଉପରେ ଆଧାରିତ । ଦ୍ରୁତ ଶିଳ୍ପ ଅଭିବୃଦ୍ଧି ପାଇଁ ଓଡିଶା ସବୁ ପ୍ରକାରର ଆବଶ୍ୟକତାକୁ ପୂରଣ କରୁଛି । ଓଡିଶା ସମ୍ବଳସମୃଦ୍ଧ ଏବଂ ଖଣିଶିଳ୍ପ ପାଇଁ ପରିଚିତ। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୨୧ ପ୍ରତିଶତ କୋଇଲା ଏବଂ ୫୦ ପ୍ରତିଶତରୁ ଅଧିକ ଲୁହାପଥର ଉତ୍ପାଦନ ହୋଇଥିଲା । ଭାରତ ସରକାର ୩୦ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଚିହ୍ନଟ କରିଛନ୍ତି ଯାହା ଅର୍ଥନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱ ଏବଂ ଯୋଗାଣ ଅସୁବିଧା ନଥିବାରୁ ଭାରତର ଜାତୀୟ ନିରାପତ୍ତାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚିହ୍ନଟ ହୋଇଥିବା ୩୦ଟି ଖଣିଜ ପଦାର୍ଥ ମଧ୍ୟରୁ ଓଡିଶାରେ ଏବେ ୧୧ଟି ଖଣିଜ ପଦାର୍ଥ ମହଜୁଦ ରହିଛି। ସେଗୁଡିକ ମଧ୍ୟରେ କୋବାଲ୍ଟ, ତମ୍ବା, ଗ୍ରାଫାଇଟ୍, ନିକେଲ, କିଛି ବିରଳ ମୃତ୍ତିକା, ସିଲିକନ୍, ଟିନ୍, ଟାଇଟାନିୟମ, ପ୍ଲାଟିନମ୍ ଭଳି ଉପାଦାନ, ଭାନାଡିୟମ୍ ଏବଂ ଜିର୍କୋନ୍ ଅନ୍ତର୍ଭୁକ୍ତ ।

ପାଣ୍ଠି ଏବଂ ପ୍ରଯୁକ୍ତିବିଦ୍ୟା ବିନିଯୋଗ କରିବା ପୂର୍ବରୁ, ସରକାରଙ୍କ ସହ ଆଦାନ ପ୍ରଦାନର ଗୁଣବତ୍ତା ଏବଂ ଗତିକୁ ଇଣ୍ଡିଆ ଆଇଏନ୍‌ସି. ବିଚାର କରିଥାଆନ୍ତି । ରାଜ୍ୟ ସରକାର ବ୍ୟବସାୟିକ ସୁଗମତା ଦିଗରେ ମଧ୍ୟ ଧ୍ୟାନ ଦେବାସହ ବ୍ୟବସାୟ କରିବାର ଗତି ଉପରେ ବିଶେଷ ଧ୍ୟାନ ଦେଇଛନ୍ତି । କେବଳ ଘରୋଇ ବଜାରରେ ନୁହେଁ ବରଂ ବିଶ୍ୱସ୍ତରୀୟ ବଜାର ସହ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବାରେ ଓଡିଶା ସରକାର ପ୍ରଶଂସାର ପାତ୍ର ହୋଇଛନ୍ତି । ତେଣୁ ଓଡିଶା ସରକାର ସୁଦୃଢ ଏକକ ଦ୍ୱାର ବ୍ୟବସ୍ଥା ମାଧ୍ୟମରେ ନିୟାମକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା, ସରକାରୀ ସେବାର ବ୍ୟବହାରକୁ ସହଜ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ ଗଭର୍ଣ୍ଣାନ୍ସ, ନିୟମାବଳୀର ସମନ୍ୱୟ ଏବଂ ତ୍ୱରିତ ନିଷ୍ପତ୍ତି ନେବାର ସୁଫଳ ପାଇବା ଦିଗରେ ପଦକ୍ଷେପ ନେଉଛନ୍ତି । ଓଡିଶା ସରକାର ଧାରଣା (କନସେପ୍ଟ)ରୁ ଆରମ୍ଭ କରି କାର୍ଯ୍ୟକାରୀତା (କମିଶନ) ପର୍ଯ୍ୟନ୍ତ ନିବେଶକଙ୍କୁ ସହାୟତା କରୁଛନ୍ତି । ଆଇପିଆର ଢାଞ୍ଚାରେ ସମ୍ପ୍ରତି ସଂଶୋଧନ ଦ୍ୱାରା ସେମିକଣ୍ଡକ୍ଟର, ଖଣିଜପଦାର୍ଥ, ଖାଦ୍ୟ ପ୍ରକ୍ରିୟାକରଣ, ବୟନ, ଇଲେକ୍ଟ୍ରୋନିକ୍, ଆଇଟି.ଆଇଟିଇଏସ୍ ଏବଂ ବୈଦ୍ୟୁତିକ-ଯାନ ଭଳି ଶିଳ୍ପ ପାଇଁ ପ୍ରୋତ୍ସାହନ ଏବଂ କ୍ଷେତ୍ର-ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରାଯାଇଛି। ଅସୁବିଧା ମୁକ୍ତ ବ୍ୟବସାୟିକ ବାତାବରଣ ସୁନିଶ୍ଚିତ କରିବା ପାଇଁ ଓଡିଶା ଏହାର ଗୋ-ସୁଇଫ୍ଟ ଅନଲାଇନ ପୋର୍ଟାଲ ମାଧ୍ୟମରେ ଅନୁପାଳନକୁ ସୁବ୍ୟବସ୍ଥିତ କରିଛି,୧,୭୬୪ ଅନୁପାଳନ ଆବଶ୍ୟକତାକୁ ହ୍ରାସ କରିଛି ଏବଂ ୨୦୨୪ ମସିହାରେ ୨୦୬ଟି ଅନାବଶ୍ୟକ ଆଇନ୍ ଓ ନୀତିକୁ ଉଚ୍ଛେଦ କରିଛି।

## ଶିଳ୍ପ ଭିତ୍ତିକ ନିବେଶ

ନିକଟ ଅତୀତରେ ଓଡିଶାର ଶିଳ୍ପ ପୁଞ୍ଜି ନିବେଶ କ୍ଷେତ୍ର ଉଚ୍ଚ ସୋପାନରେ ପହଞ୍ଚିଛି। ଜୁନ୍ ୨୦୨୪ ରୁ ଜାନୁୟାରୀ ୨୦୨୫ ମସିହା ମଧ୍ୟରେ ରାଜ୍ୟ ସରକାର ୨.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୩୩ଟି ନୂତନ ପୁଞ୍ଜି ନିବେଶ ଏବଂ ୧.୮ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନାକୁ ଅନୁମୋଦନ କରିଛନ୍ତି। ଧାତୁ ଓ ନିମ୍ନଗାମୀ ଧାତୁ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ବ୍ୟତୀତ କୃଷି, ଖାଦ୍ୟ ଓ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ସବୁଜଶକ୍ତି ଉପକରଣ, ପୋଷାକ ଓ ବୟନଶିଳ୍ପ, ଅକ୍ଷୟ ଶକ୍ତି ଇ-ଏସଡି-ଏସ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପୁଞ୍ଜି ନିବେଶକଙ୍କୁ ଆକୃଷ୍ଟ କରିବାରେ ଓଡିଶା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

## ଉତ୍କର୍ଷ ଓଡିଶା

ଓଡିଶା ଏକ ପ୍ରମୁଖ ନିବେଶ ମଞ୍ଚ ଉତ୍କର୍ଷ ଓଡିଶା, ମେକ୍ ଇନ୍ ଓଡିଶା କନ୍‌କ୍ଲେଭ ଇତ୍ୟାଦି ୨୦୨୫ ମସିହାରେ ଅୟୋଜନ କରିଛି, ଯାହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ଏବଂ ଓଡିଶାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ମୂଳକ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ଉନ୍ନୀତ କରିବା ପାଇଁ ପରିକଳ୍ପନା କରାଯାଇଛି । ଓଡିଶାକୁ ପୂର୍ବ ଭାରତର ଶିଳ୍ପଶକ୍ତି ଭାବେ ପ୍ରତିଷ୍ଠା କରି ବିଭିନ୍ନ କ୍ଷେତ୍ରରେ ଉଭୟ ଘରୋଇ ଓ ଆର୍ନ୍ତଜାତୀୟ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ଏହି ସମ୍ମିଳନୀ ଗୁଡିକର ଉଦ୍ଦେଶ୍ୟ । ଏହାର ପୂର୍ବାନୁମାନ ସ୍ୱରୂପ ରାଜ୍ୟ ସରକାର ଦିଲ୍ଲୀ, ମୁମ୍ବାଇ, ସିଙ୍ଗାପୁର ଏବଂ ବେଙ୍ଗାଲୁରୁରେ ଏକାଧିକ ପୁଞ୍ଜିନିବେଶ ସମ୍ବନ୍ଧୀୟ 'ଶିଖର ସମ୍ମିଳନୀ' ଏବଂ 'ରୋଡସୋ' ଆୟୋଜନ କରିଥିଲେ, ଯେଉଁଗୁଡିକୁ ବିପୁଳ ସମର୍ଥନ ମିଳିଥିଲା । ଓଡିଶା ନିଜର ଅର୍ଥନୈତିକ ଚିତ୍ରକୁ ନୂଆରୂପ ଦେବା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଯୁଗର ଶିଳ୍ପରେ ଅଧିକ ପୁଞ୍ଜି ନିବେଶ କରୁଛି । ଶିଳ୍ପ ବିବିଧତା ବୃଦ୍ଧି ଏବଂ ଉତ୍ପାଦକତା ପାଇଁ ଏହି ପଦକ୍ଷେପ ରାଜ୍ୟର ଦୃଷ୍ଟିକୋଣ ସହିତ ମଧ୍ୟ ମେଳ ଖାଉଛି ।

ଉତ୍କର୍ଷ କନକ୍ଲେଭରେ ଖଣି ଓ ଧାତୁବିଜ୍ଞାନ, ରସାୟନ ଓ ପେଟ୍ରୋକେମିକାଲ୍ସ, ଆଇଟି/ ଆଇଟିଇଏସ୍ ଏବଂ ଇ.ଏସ୍.ଡି.ଏମ୍., ବୟନ ଓ ପୋଷାକ, ଅକ୍ଷୟ ଶକ୍ତି ଓ ସବୁଜ ଇନ୍ଧନ, କୃଷିଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ବିକାଶ, ସ୍ୱାସ୍ଥ୍ୟସେବା, ଔଷଧ ବାୟୋଟେକ୍‌ନୋଲୋଜି, ବୃତ୍ତାକାର ଅର୍ଥନୀତି, ଶିଳ୍ପ ଭିତ୍ତିଭୂମି, ଚଳଚ୍ଚିତ୍ର ଓ ଗଣମାଧ୍ୟମ ଏବଂ ଦେଶ ଗୁଡିକ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଷ୍ଟାର୍ଟଅପ୍ ଓଡିଶା, ସ୍କିଲ୍ଡ ଇନ୍ ଓଡିଶା ଓ ସୁଭଦ୍ରା ଦ୍ୱାରା ସମର୍ଥିତ ମହିଳା ଉଦ୍ୟୋଗ ଶୀର୍ଷକ ୩ଟି ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହାବ୍ୟତୀତ ଓଡିଶା ସରକାର ୩ଟି ରାଉଣ୍ଡଟେବୁଲ ଆଲୋଚନା କରିଥିଲେ ଯଥା- ସିଇଓ ରାଉଣ୍ଡଟେବୁଲ, ମହିଳା ବିଜନେସ୍ ଲିଡର୍ସ ରାଉଣ୍ଡଟେବୁଲ ଓ ଏଡିଟର୍ସ ରାଉଣ୍ଡଟେବୁଲ । ଓଡିଶା ସରକାରଙ୍କୁ ମୋଟ ୫୯୩ ଟି ପ୍ରକଳ୍ପ ପ୍ରସ୍ତାବ ମିଳିଛି । ଏହି କନକ୍ଲେଭ୍‌ରେ ସିଙ୍ଗାପୁର, ମାଲେସିଆ ଓ ଅଷ୍ଟ୍ରେଲିଆର ପ୍ରତିନିଧିଙ୍କ ସମେତ ୧୬ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ୧୦୦ରୁ ଅଧିକ ବିଦେଶୀ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଏହି ପ୍ରତିନିଧି ଦଳରେ ବାଂଲାଦେଶ, ବେଲାରୁସ, ଇଜିପ୍ଟ, ଏଲସାଲଭାଡୋର, ଇଟାଲୀ, ଜାପାନ, କାଜାଖସ୍ତାନ, ନେପାଳ, ରୱାଣ୍ଡା, ସୋମାଲିଆ, ଆମେରିକା, ଭେନଜୁଏଲା ଓ ଜିମ୍ବାୱେ ରହିଛନ୍ତି । ଉତ୍କର୍ଷ ଓଡିଶା ୧୬.୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ଏବଂ ୨୦ଟି କ୍ଷେତ୍ରରେ ୧୨.୯ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନାକୁ ନେଇ ୧୪୫ଟି ବୁଝାମଣା ପତ୍ର ସଫଳତାର ସହ ସ୍ୱାକ୍ଷର କରିଛି ।


## ଖଣି ଓ ଖଣିଜ ଖନନ



ଓଡିଶା ଏକ ଖଣିଜ ସମ୍ପଦ ସମୃଦ୍ଧ ରାଜ୍ୟ, ୨୦୨୪-୨୫ ବର୍ଷରେ ଅଗ୍ରୀମ ଆକଳନରେ ଖଣି ଓ ଖଣିଜ ଖନନ ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟ (ଜିଏସଭିଏ)ର ୯.୩ ପ୍ରତିଶତ ଏବଂ ଶିଳ୍ପ ମୋଟ ସଂଯୋଗିତ ମୂଲ୍ୟ (ଜିଭିଏ)ର ୨୧.୨ ପ୍ରତିଶତ ଅଟେ । ଭାରତୀୟ ଖଣି ବ୍ୟୁରୋ ଅନୁଯାୟୀ ଏହି ରାଜ୍ୟ ଭାରତରେ ସର୍ବାଧିକ ପରିମାଣର ଖଣିଜ ଉତ୍ପାଦନ (ଇନ୍ଧନ ତୈଳ ଏବଂ ଆଣବିକ ଖଣିଜ ପଦାର୍ଥ ବ୍ୟତୀତ) ଯୋଗଦାନ ଦେଇଥିଲା, ଯାହାକି ୨୦୨୩-୨୪ ଆର୍ଥିକ ବର୍ଷରେ ୪୪.୭ ପ୍ରତିଶତ (୬୨,୭୩୭ କୋଟି ଟଙ୍କା) ଥିଲା । ଓଡିଶା ଦେଶର ସର୍ବାଧିକ ଇସ୍ପାତ (୪୧.୨ ଏମଏମଟି), କଳଙ୍କି ବିହୀନ ଇସ୍ପାତ(୨.୨ ଏମଏମଟି) ଏବଂ ଆଲୁମିନା ଓ ଆଲୁମିନିୟମ (୯.୧ ଏମଏମଟି) ଉତ୍ପାଦନକାରୀ ରାଜ୍ୟ ଅଟେ । ଇସ୍ପାତ ଏବଂ ଆଲୁମିନିୟମ ଭଳି ନିମ୍ନମୁଖୀ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରି ରାଜ୍ୟ ଏହାର ଖଣିଜ ଭଣ୍ଡାରର ମୂଲ୍ୟକୁ ସର୍ବାଧିକ କରିବା ଉପରେ ଗୁରୁତ୍ୱ ଦେଇଥାଏ । ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦେକ୍ଷପ ହେଉଛି ଖଣିଜ ପଦାର୍ଥ ପାଇଁ ନିକଟରେ ପ୍ରବର୍ତ୍ତିତ ଦୀର୍ଘକାଳୀନ ସଂଯୋଗ ନୀତି । ଏହାଦ୍ୱାରା ଲୁହାପଥର, କ୍ରୋମାଇଟ୍ ଓ ବକ୍ସାଇଟ୍ ଭଳି କଞ୍ଚାମାଲକୁ ରାଜ୍ୟ ଉତ୍ପାଦନରୁ ଅତି କମ୍‌ରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ନିମ୍ନଗାମୀ ଧାତୁ ଶିଳ୍ପକୁ ସ୍ଥାୟୀ ଯୋଗାଣ ସୁନିଶ୍ଚିତ ହୋଇପାରିବ । ଏଭଳି ଅଗ୍ରଗତିଶୀଳ ନୀତିର ପ୍ରଣୟନ ସହିତ ଓଡିଶା ୨୦୩୦-୩୧ ଆର୍ଥିକ ବର୍ଷ ସୁଦ୍ଧା ୩୦୦ ନିୟୁତ ଟନ୍ ଜାତୀୟ ଇସ୍ପାତ ଉତ୍ପାଦନ ଲକ୍ଷ୍ୟର ପ୍ରାୟ ଏକ ତୃତୀୟାଂଶ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଜାତୀୟ ଇସ୍ପାତ ନୀତିର ଉଦ୍ଦେଶ୍ୟକୁ ମଧ୍ୟ ପ୍ରତିଫଳିତ କରେ । ଓଡିଶାରେ ମୁଣ୍ଡପିଛା ଇସ୍ପାତ ବ୍ୟବହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ ଏବଂ ଭାରତକୁ ଏକ ବିଶ୍ୱ ଇସ୍ପାତ ଉତ୍ସରେ ପରିଣତ କରିବାରେ ନିଜକୁ ଏକ ପ୍ରମୁଖ ଅଂଶୀଦାର ଭାବରେ ଅବସ୍ଥାପିତ କରିବ ବୋଲି ଆଶା ରହିଛି ।

## ଓଡିଶାର ଉତ୍ପାଦନ ଶିଳ୍ପ

ଉତ୍ପାଦନ ଶିଳ୍ପ ହେଉଛି ଓଡିଶାର ଶିଳ୍ପକ୍ଷେତ୍ରରେ ସବୁଠାରୁ ବଡ ଉପକ୍ଷେତ୍ର। ୨୦୨୪-୨୫ ଅଗ୍ରୀମ ଆକଳନରେ ଓଡିଶାର ଶିଳ୍ପ କ୍ଷେତ୍ର ମୋଟ ସଂଯୋଗିତ ମୂଲ୍ୟ (ଜିଭିଏ)ର ୫୨.୬ ପ୍ରତିଶତ ଏବଂ ରାଜ୍ୟର ସାମଗ୍ରିକ ମୋଟ ସଂଯୋଗିତ ମୂଲ୍ୟ (ଜିଏସ୍‌ଭିଏ)ର ୨୩.୩ ପ୍ରତିଶତ ଅଟେ । ୨୦୨୦-୨୧ ଓ ୨୦୨୪-୨୫ ଅଗ୍ରୀମ ଆକଳନ ମଧ୍ୟରେ ସର୍ବଭାରତୀୟ ସ୍ତରରେ ୫.୨ ପ୍ରତିଶତ ତୁଳନାରେ ଓଡିଶାରେ ଉତ୍ପାଦନ କ୍ଷେତ୍ରରେ ହାରାହାରି ୧୧ ପ୍ରତିଶତ ହାରରେ ଅଭିବୃଦ୍ଧି ଘଟିଛି।



ଖଣିଜ ଓ ଅଣ ଖଣିଜ ଶିଳ୍ପର ସନ୍ତୁଳନ ସହ ଓଡିଶା ଏହାର ଶିଳ୍ପ କ୍ଷେତ୍ରରେ ଦୃତଗତିରେ ପରିବର୍ତ୍ତନ ଆଣିଛି । ୨୦୨୪-୨୫ ଆର୍ଥିକ ବର୍ଷସୁଦ୍ଧା (ତୃତୀୟ ତ୍ରୟମାସ ପର୍ଯ୍ୟନ୍ତ) ରାଜ୍ୟରେ ପ୍ରାୟ ୪୮ଟି କ୍ଷେତ୍ରକୁ ପୁଞ୍ଜିନିବେଶ ଅନୁମୋଦନ ମିଳିଛି, ଯାହାକୁ ମୋଟାମୋଟି ଭାବେ (୧) ମୌଳିକ ଧାତୁ, ଖଣିଜ ପଦାର୍ଥ ଏବଂ ଉପ ଉତ୍ପାଦ-ଇସ୍ପାତଏବଂ ଆଲୁମିନିୟମ, ଅଟୋମୋବାଇଲ ଏବଂ ଯନ୍ତ୍ରାଂଶ, ପ୍ରତିରକ୍ଷା, ତୈଳ ଏବଂ ଗ୍ୟାସ, ଯାନ୍ତିକ ଏବଂ ବୈଦ୍ୟୁତିକ ପୁଞ୍ଜି ସାମଗ୍ରୀ ଇତ୍ୟାଦି (୨) ଅଣ-ଖଣିଜ ଉତ୍ପାଦ: ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ଆଇଟିଇଏସ୍, ପୋଷାକ ପତ୍ର, ଶକ୍ତି ଏବଂ ଅକ୍ଷୟଶକ୍ତି, ଔଷଧ ଇତ୍ୟାଦି ଏବଂ (୩) ସବୁଜ-ପରିବେଶ ଅନୁକୂଳ ସ୍ଥାୟୀ ଉତ୍ପାଦ-ସବୁଜ ଶକ୍ତି ଉପକରଣ, ସବୁଜ ହାଇଡ୍ରୋଜେନ୍ ଏବଂ ଆମୋନିଆ, ବୈଷୟିକ ବୟନ, ବୈଦ୍ୟୁତିକ-ଯାନ, କମ୍ପ୍ରେସ୍ ବାୟୋ-ଗ୍ୟାସ୍ ଇତ୍ୟାଦି। ପ୍ରଥମ ଅଧ୍ୟାୟରେ ଉଲ୍ଲେଖ କରାଯାଇଛି ଯେ, ଓଡିଶାରେ ଶ୍ରମମୂଲ୍ୟର ସୁବିଧା ସହିତ ଏହାର ସମକକ୍ଷ ରାଜ୍ୟମାନଙ୍କ ତୁଳନାରେ ସୁଲଭ ମୂଲ୍ୟରେ ଜମି ଉପଲବ୍ଧ ରହିଛି। ଏତଦ୍‌ବ୍ୟତୀତ ବିକାଶର ସାମ୍ପ୍ରତିକ ପର୍ଯ୍ୟାୟକୁ ଦୃଷ୍ଟିରେ ରଖି ଓଡିଶାରେ ଶକ୍ତି ଭଳି ମୌଳିକ ସମ୍ବଳର ଯଥେଷ୍ଟ ପ୍ରାଚୁର୍ଯ୍ୟ ରହିଛି । ସୁଦୀର୍ଘ ଉପକୂଳରେଖା ଏବଂ ଆଗାମୀ ବର୍ଷ ଗୁଡିକରେ ବିଭିନ୍ନ କ୍ଷୁଦ୍ର ବନ୍ଦରର ବିକାଶ ପାଇଁ ଯୋଜନା ବର୍ତ୍ତମାନ ସମୟରେ ନିବେଶକମାନଙ୍କୁ ବିଭିନ୍ନ ସୁଯୋଗ ପ୍ରଦାନ କରୁଛି ।

## ନିର୍ମାଣ



ଉତ୍ପାଦନ ବୃଦ୍ଧି ଏବଂ ଅଭିବୃଦ୍ଧି ପାଇଁ ଉତ୍ପାଦନଶୀଳତା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇଥିବା ବେଳେ ଅନ୍ୟପକ୍ଷରେ 'ନିର୍ମାଣ' ହେଉଛି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର। ଏହି କ୍ଷେତ୍ରକୁ ସାଧାରଣତଃ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରକୁ ଅତିରିକ୍ତ ଅ ଶକୁଶଳୀ ଶ୍ରମିକମାନଙ୍କ ପାଇଁ ପ୍ରବେଶ ପଥ ଭାବରେ ବିବେଚନା କରାଯାଏ । ଏହି କ୍ଷେତ୍ରରେ ଓଡିଶାର ମୋଟ ଶ୍ରମଶକ୍ତିଙ୍କ ମଧ୍ୟରୁ ୧୮ପ୍ରତିଶତ ନିଯୁକ୍ତି ପାଇଛନ୍ତି। ଓଡିଶା ସରକାର ସହର ଗୁଡିକୁ ଅଭିବୃଦ୍ଧି କାରକ ଭାବେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ତେଣୁ ଆଗାମୀ ବର୍ଷ ଗୁଡିକରେ ନିର୍ମାଣକ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଏତଦ୍‌ବ୍ୟତୀତ ଓଡିଶା, ଭିତ୍ତିଭୂମି ବିକାଶରେ ସରକାରୀ ପୁଞ୍ଜି ନିବେଶକୁ ତ୍ୱରାନ୍ୱିତ କରିବା ସହ ଘରୋଇ ପୁଞ୍ଜି ନିବେଶକୁ ମଧ୍ୟ ତ୍ୱରାନ୍ୱିତ କରୁଛି। ୨୦୨୪-୨୫ର ବଜେଟ୍ ଆକଳନରେ ରାଜ୍ୟ ୫୮,୧୯୫ କୋଟି ଟଙ୍କା ମୋଟ ରାଜ୍ୟ ଘରୋଇ ଉତ୍ପାଦର ପ୍ରାୟ ୬.୧ ପ୍ରତିଶତ ଖର୍ଚ୍ଚ କରିବାକୁ ବ୍ୟୟବରାଦ କରିଛି । ଏହା ଦ୍ୱାରା ରାଜ୍ୟରେ ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ ହେବ। ୨୦୨୩ ମସିହାରେ ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରର ୪.୬ ପ୍ରତିଶତ ବିଲ୍ଟଅପ୍ କ୍ଷେତ୍ର । ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ଅର୍ଥନୈତିକ ଅଞ୍ଚଳ (କରିଡର) ସ୍ଥାପନ କରି ସନ୍ତୁଳିତ ବିକାଶ ହାସଲ କରିବାକୁ ଓଡିଶା ଲକ୍ଷ୍ୟ ରଖିଛି। ଓଡିଶା ବିକାଶ ପଥରେ ଅଗ୍ରସର ହେବା ସହିତ ନିର୍ମାଣ କ୍ଷେତ୍ରରେ ଘରୋଇ-ବେସରକାରୀ ସଂସ୍ଥା ଓ ସରକାରୀ ଚାହିଦା ଦ୍ରୁତଗତିରେ ବୃଦ୍ଧି ପାଇବ। ୨୦୩୬ ମସିହା ଏବଂ ୨୦୪୭ ମସିହା ପାଇଁ ଧାର୍ଯ୍ୟ କରାଯାଇଥିବା ବିକାଶର ସାମ୍ପ୍ରତିକ ପର୍ଯ୍ୟାୟ ଏବଂ ଦୃଷ୍ଟିକୋଣକୁ ଆଖିରେ ରଖି ରାଜ୍ୟ ନିର୍ମାଣରେ କାର୍ଯ୍ୟରତ ସଂସ୍ଥାମାନଙ୍କ ପାଇଁ ପୁଞ୍ଜି ନିବେଶକୁ ଅଧିକ ଲାଭାଂଶ ପ୍ରଦାନ କରୁଛି।

## ଶିଳ୍ପ ଭିତ୍ତିଭୂମି ଏବଂ ସହାୟତା

ଓଡିଶାରେ ୧୨,୧୨୮ ଏକର ପରିମିତ ଅଞ୍ଚଳରେ ୧୩୦ଟି ଶିଳ୍ପାଞ୍ଚଳ ଓ ୧,୫୪୨ଟି ବିଲ୍ଡିଂସେଡ୍ କାର୍ଯ୍ୟ କରୁଛି । ଅଗ୍ରଣୀ ସଂସ୍ଥା ଗୁଡିକ ପାଇଁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ବିବିଧତା ଆଣିବା ଏବଂ ଅନ୍ୟ ଭୌଗୋଳିକ କ୍ଷେତ୍ରରେ ଉତ୍ପାଦନ ଖର୍ଚ୍ଚ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଓଡିଶା ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରୁଛି । ଆର୍ଥିକ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଅନେକ ଭିତ୍ତିଭୂମି ବିକାଶମୂଳକ ପଦକ୍ଷେପ ନିଆଯାଉଛି । ଏହି ଯୋଜନା ଗୁଡିକ ମଧ୍ୟରେ ରହିଛି ୨୦୨୭ ସୁଦ୍ଧା (୧) ଅଟୋମୋବାଇଲ, ବୈଦ୍ୟୁତିକ ଯାନ, ସେମିକଣ୍ଡକ୍ଟର ଏବଂ ଆଇଟି ଭଳି କ୍ଷେତ୍ରରେ ଶିଳ୍ପକୁ ଆକୃଷ୍ଟ କରିବା ପାଇଁ ରାଜଧାନୀ ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ଏକ ଏଫଡିଆଇ ପାର୍କ ନିର୍ମାଣକରିବା (୨) ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କାଳିବାଟି ଓ ଭୂଇଁପୁରରେ ଦୁଇଟି ପୋଷାକ ପତ୍ର ଉତ୍ପାଦନ ପାର୍କ ପ୍ରତିଷ୍ଠା କରିବା (୩) ପ୍ରସ୍ତୁତ ଖାଦ୍ୟ ଏବଂ

ରୋଷେଇ ପାଇଁ ଖାଦ୍ୟ ଉତ୍ପାଦନ ପ୍ରସ୍ତୁତିକୁ ସହାୟତା କରିବା ପାଇଁ ମେଗା ଫୁଡ ପାର୍କର ବିକାଶ କରିବା (୪) ଭୁବନେଶ୍ୱର ନିକଟସ୍ଥ ଅରଙ୍ଗାଠାରେ ୨୦୦ ଏକର ପରିମିତ ସେମିକଣ୍ଡକ୍ଟର ପାର୍କ ନିର୍ମାଣ କରିବା(୫) ୮ଟି ପ୍ରମୁଖ ସ୍ଥାନରେ ମଲ୍ଟି-ମଡେଲଲଜିଷ୍ଟିକ୍ ପାର୍କ ଏବଂ (୬) ରାଉରକେଲା, ସମ୍ବଲପୁର, ପାରାଦ୍ୱୀପ ଏବଂ ଧାମରାକୁ ସଂଯୋଗ କରୁଥିବା ଶିଳ୍ପକରିଡର ପ୍ରତିଷ୍ଠା କରିବା। ଭାରତରେ ବୈଷୟିକ ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଦେଶ ସେପ୍ଟେମ୍ବର ୨୦୨୪ ମସିହାରେ ଇନଫୋଭ୍ୟାଲି, ଇଏମସି ଭୁବନେଶ୍ୱରରେ ଏହାର ପ୍ରଥମ ସମନ୍ୱିତ ସିଲିକନ୍ କାର୍ବାଇଡ୍ ଉତ୍ପାଦନ ସୁବିଧାର ଶୁଭାରମ୍ଭ କରିଛି, ଯାହା ଅଭିବୃଦ୍ଧିର ଏକ ନୂତନ ଶୁଭାରମ୍ଭ ।

## ଅଣୁ, କ୍ଷୁଦ୍ର ଓମଧ୍ୟମ ଉଦ୍ୟୋଗ ଏବଂ ରପ୍ତାନି

ଓଡିଶାକୁ ପ୍ରଯୁକ୍ତିବିଦ୍ୟାର ନକଟତର କରିବା ଏବଂ ଉତ୍ପାଦକତା ବୃଦ୍ଧି କରିବାରେ ବୃହତ ଉଦ୍ୟୋଗ ଗୁଡିକ ସହେଯାଗ କରୁଥିବା ବେଳେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡିକ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଆନ୍ତି। ୩୧ ଜାନୁୟାରୀ ୨୦୨୫ସୁଦ୍ଧା ୧୮.୭ ଲକ୍ଷରୁ ଅଧିକ ଅଣୁ, କ୍ଷୁଦ୍ର ଓ ମଧ୍ୟମ (ଏମ୍ଏସ୍ଏମ୍ଇ) ଉଦ୍ୟୋଗ ପଞ୍ଜିକରଣ ପୋର୍ଟାଲରେ ପଞ୍ଜିକୃତ ହୋଇଛନ୍ତି, ଯେଉଁଥିରେ ଉଦ୍ୟୋଗ ସହାୟତା ପ୍ଲାଟଫର୍ମ(ୟୁଏପି)ରେ ପଞ୍ଜିକୃତ ଅନୌପଚାରିକ କ୍ଷୁଦ୍ର ଉଦ୍ୟୋଗ (ଆଇଏମଇ) ଅନ୍ତର୍ଭୂକ୍ତ।

ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଧୁନିକ ମଲ୍ଟିସେକ୍ଟରାଲ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୧୧ଟି ନୂଆ ଏମ୍.ଏସ୍. ଏମ୍.ଇ ପାର୍କ ପ୍ରତିଷ୍ଠା କରିବା ପାଇଁ ବର୍ତ୍ତମାନର ପାର୍କଗୁଡିକର ଉନ୍ନତିକରଣ କରିଛନ୍ତି । ଏହି ପାର୍କଗୁଡିକ ପରିଚାଳନାଗତ ଆବଶ୍ୟକତା ଅନୁଯାୟୀ ବ୍ୟାପକ ସୁବିଧା ପ୍ରଦାନ କରିବା ସହିତ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ । ୨୦୨୪-୨୫ ଏପ୍ରିଲରୁ ନଭେମ୍ବର ମଧ୍ୟରେ ମୋଟ ସାମଗ୍ରୀ ରପ୍ତାନି ୫୪.୪ ହଜାର କୋଟି ଟଙ୍କା ଥିଲା । ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରମୁଖ ରପ୍ତାନି ଯୋଗଦାନକାରୀ ସାମଗ୍ରୀଗୁଡିକ ହେଲା ଧାତବ ଉତ୍ପାଦ (୫୨.୩ ପ୍ରତିଶତ), ଖଣିଜ ପଦାର୍ଥ (୨୩.୧ ପ୍ରତିଶତ), ଇଞ୍ଜିନିୟରିଂ, ରାସାୟନିକଏବଂ ଆନୁଷଙ୍ଗିକ ଉତ୍ପାଦ (୮.୭ ପ୍ରତିଶତ), ଇଲେକ୍ଟ୍ରୋନିକ୍ସ ଏବଂ ସଫ୍ଟୱେର (୧୧.୬ ପିତିଶତ) ଏବଂ ସାମୁଦ୍ରିକ ଉତ୍ପାଦ (୩.୫ ପ୍ରତିଶତ)। ୨୦୨୬-୨୭ ସୁଦ୍ଧା ଭାରତର ଶ୍ରେଷ୍ଠ ୫ଟି ରପ୍ତାନାକାରୀ ରାଜ୍ୟ ମଧ୍ୟରେ ଓଡିଶା ସ୍ଥାନ ପାଇବା ସହ ୩.୫ ଲକ୍ଷ କୋଟି ଟଙ୍କାର ରପ୍ତାନି ଲକ୍ଷ୍ୟ ହାସଲ କରିବାକୁ ଅନେକ ପଦକ୍ଷେପ ନେଉଛି । ରପ୍ତାନି ବିବିଧତା ଉପରେ ବିଶେଷ ଧ୍ୟାନଦେଇ ରାଜ୍ୟର ରପ୍ତାନି ନୀତି ପ୍ରସ୍ତୁତ କରିବା ଏବଂ ରପ୍ତାନି ବୃଦ୍ଧି ପାଇଁ ରାଜ୍ୟ ରପ୍ତାନି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ରାଜ୍ୟ ରପ୍ତାନି ପ୍ରୋତ୍ସାହନ କମିଟି ଏବଂ ଜିଲ୍ଲାସ୍ତରୀୟ ରପ୍ତାନି ପ୍ରୋତ୍ସାହନ କମିଟି ଗଠନ କରାଯାଇଛି । ପାରାଦ୍ୱୀପ, ଧାମରା ଓ ଗୋପାଳପୁର ବନ୍ଦରର ଉପଲବ୍ଧତା, ଭୁବନେଶ୍ୱର ବିମାନବନ୍ଦରରେ ମାଲ୍ ପରିବହନ କ୍ଷମତା ବୃଦ୍ଧି ଏବଂ ଉନ୍ନତ ସଡକ ଯୋଗାଯୋଗ ସମେତ ବହୁ ମୋଡାଲ ଯୋଗାଯୋଗ ବୃଦ୍ଧି ଦ୍ୱାରା ରପ୍ତାନିରେ ବିବିଧତା ଆଣିବା ପାଇଁ ଓଡିଶା ଏକ କ୍ଷେତ୍ର- ନିର୍ଘଣ୍ଟ ନୀତିକୁ କାର୍ଯ୍ୟକାରୀ କରୁଛି ।

★★★★★

# ଷଷ୍ଠ ଅଧ୍ୟାୟ

## ସେବାକ୍ଷେତ୍ର: ସମୃଦ୍ଧି ଓ ସମାବେଶୀତା

ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଉଚ୍ଚ ଆୟବର୍ଗ ଦେଶମାନଙ୍କ ମଧ୍ୟରେ ସେବା କ୍ଷେତ୍ରରେ ଜାତୀୟ ମୋଟ ଘରୋଇ ଉତ୍ପାଦରେ ହାରାହାରି ୭୦ ପ୍ରତିଶତ ଯୋଗଦାନ ରହିଛି । ଓଡିଶାରେ ସେବା କ୍ଷେତ୍ରର ଅଂଶ ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟ ୨୦୨୪-୨୫ (ଏ.ଇ.)ର ୩୭.୧ ପ୍ରତିଶତ ରହିଛି। ତେଣୁ ଓଡିଶା ଏହି ଲକ୍ଷ୍ୟ ହାସଲ କରିବା ଓ ବିକଶିତ ରାଜ୍ୟ ଆଡକୁ ଅଗ୍ରସର ହେଉଥିବାରୁ ରାଜ୍ୟ ଅର୍ଥନୀତିରେ ସେବାକ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

୨୦୨୪-୨୫(ଏ.ଇ.) ରେ ଓଡିଶାରେ ସେବା କ୍ଷେତ୍ରରେ ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଘଟି ୧୦ ପ୍ରତିଶତ ଥିବା ବେଳେ ସର୍ବଭାରତୀୟ ସ୍ତରରେ ଏହା ୭.୨ ପ୍ରତିଶତ ରହିଛି । ସେବା କ୍ଷେତ୍ରରେ ଉଚ୍ଚ ଅଭିବୃଦ୍ଧି ଉପ-କ୍ଷେତ୍ର ମଧ୍ୟରେ ସନ୍ତୁଳିତ ଥିଲା। ଏହା ଓଡିଶାରେ ସେବା କ୍ଷେତ୍ରର ସ୍ଥିରତାକୁ ପ୍ରତିଫଳିତ କରୁଥିବା ଏକ ସୁସ୍ଥ ସଙ୍କେତ । ହୋଟେଲ ଓ ରେଷ୍ଟୁରାଣ୍ଟ ଉପ-କ୍ଷେତ୍ରରେ ୧୪.୩ ପ୍ରତିଶତ, ବାଣିଜ୍ୟ ଓ ମରାମତି ସେବାରେ ୧୪.୧ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୪-୨୫(ଏ.ଇ.)ରେ ଆର୍ଥିକ ସେବା ୮.୭ ପ୍ରତିଶତ ଏବଂ ଜମି ଓ କୋଠାବାଡି, ପେସାଦାର, ସୂଚନା ପ୍ରଯୁକ୍ତି ସେବା ୮.୧ ପ୍ରତିଶତ ବୃଦ୍ଧି ପାଇଛି।

ଆୟ ବୃଦ୍ଧି ସହିତ ଗସ୍ତ ଓ ଭ୍ରମଣ ସେବା, ଆର୍ଥିକ ସେବା, ବ୍ୟକ୍ତିଗତ ଯତ୍ନ ସେବା, ସୂଚନା ପ୍ରଯୁକ୍ତି ସେବା ଭଳି ବିଭିନ୍ନ ମୁଲ୍ୟ ଯୁକ୍ତ ସେବା ପାଇଁ ଉପଭୋକ୍ତାଙ୍କ ଚାହିଦା ବୃଦ୍ଧି ପାଇଥାଏ। ବିଗତ ୧୧ ବର୍ଷ (୨୦୧୧-୧୨ ରୁ ୨୦୨୨-୨୩) ମଧ୍ୟରେ ଡିଜିଟାଲ ସେବା ଉପରେ ପରିବାରର ମୁଣ୍ଡପିଛା ମାସିକ ଖର୍ଚ୍ଚ ୧୩.୭ ପ୍ରତିଶତ, ବ୍ୟକ୍ତିଗତ ଘରୋଇ ସେବା ୧୩.୬ ପ୍ରତିଶତ, ବ୍ୟକ୍ତିଗତ ଯତ୍ନ ସେବା ୧୩.୩ ପ୍ରତିଶତ, ଚିକିତ୍ସାସେବା ୧୨.୭ ପ୍ରତିଶତ, ଶିକ୍ଷାସେବା ଗ୍ରାମାଞ୍ଚଳରେ ୧୦.୩ ପ୍ରତିଶତ ବାର୍ଷିକ ଚକ୍ରବୃଦ୍ଧି ହାରରେ (ସିଏଜିଆର୍) ଯଥାକ୍ରମେ ବୃଦ୍ଧି ପାଇଛି। ସେବାକ୍ଷେତ୍ର ନିରନ୍ତର ଭାବେ ଦୃତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ।

### ଆର୍ଥିକ ସେବା

ସେବାକ୍ଷେତ୍ର ମଧ୍ୟରେ ଆର୍ଥିକ ସେବା ଏକ ଗୁରୁତ୍ୱପୂର୍ଣ୍ଣ ଉପ-କ୍ଷେତ୍ର ଅଟେ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା ଉଦ୍ଦେଶ୍ୟରେ ନୀତିଗତ ପଦକ୍ଷେପ ଦ୍ୱାରା ଓଡିଶାରେ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ବିଶେଷକରି ଗ୍ରାମୀଣ ଓ ଅବହେଳିତ ଅଞ୍ଚଳରେ ଆର୍ଥିକ ସେବା ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାର ମିଳିତ ପ୍ରୟାସ କରିଛନ୍ତି। ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ (ଓଏସ୍‌ସିବି) ଏବଂ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସ୍ୱଳ୍ପକାଳୀନ କୃଷିଋଣ, କୃଷକମାନଙ୍କୁ ଫସଲ ଋଣ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ଗ୍ରାମୀଣ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆର୍ଥିକ ସେବାକୁ ନିକଟତର କରାଇବା ପାଇଁ ନୂତନ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ୍) ଏବଂ ବୃହତ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍)ର ପଞ୍ଜୀକରଣ ସହିତ ସମବାୟ ଋଣ ଢାଞ୍ଚାକୁ ସମ୍ପ୍ରସାରଣ କରାଯାଉଛି। ସବୁବର୍ଗରେ ଆର୍ଥିକ ସେବା ପହଞ୍ଚାଇବାରେ ରାଜ୍ୟ ଭଲ ପ୍ରଦର୍ଶନ କରୁଛି। ସେପ୍ଟେମ୍ବର ୨୦୨୪ ସୁଦ୍ଧା ଋଣଜମା ଅନୁପାତ ୭୬.୩୫

ପ୍ରତିଶତ ଥିବାବେଳେ ବେଞ୍ଚମାର୍କ ୬୦ ପ୍ରତିଶତ ରହିଛି । ଘରୋଇ କ୍ଷେତ୍ରର ଶାଖା ଗୁଡ଼ିକର ଅଂଶ ମାର୍ଚ୍ଚ ୨୦୨୦ ରେ ୧୬.୮ ପ୍ରତିଶତ ଥିବାବେଳେ ସେପ୍ଟେମ୍ବର ୨୦୨୪ରେ ଏହା ୨୦.୯ ପ୍ରତିଶତକୁ ବୃଦ୍ଧି ପାଇଛି । ଘରୋଇ କ୍ଷେତ୍ରର ବ୍ୟାଙ୍କ ଗୁଡ଼ିକର ଅଂଶଗ୍ରହଣ ବୃଦ୍ଧି, କମ୍ ମୂଲ୍ୟରେ ଅପେକ୍ଷାକୃତ ଉନ୍ନତ ମାନର ସେବା ପ୍ରଦାନକୁ ସୂଚିତ କରେ । ଅଗ୍ରାଧିକାର କ୍ଷେତ୍ର ଋଣ ଆଡଜଷ୍ଟେଡ୍ ନେଟ୍ ବ୍ୟାଙ୍କ ଋଣର ୪୦ ପ୍ରତିଶତ ଥିବା ବେଳେ ବେଞ୍ଚମାର୍କ ୪୦ ପ୍ରତିଶତ ରହିଛି । ସେହିପରି କୃଷି ଅଗ୍ରୀମ ୧୮ ପ୍ରତିଶତ ବେଞ୍ଚମାର୍କ ଧାର୍ଯ୍ୟ ଥିବା ବେଳେ ଆଡଜଷ୍ଟେଡ୍ ନେଟ୍ ବ୍ୟାଙ୍କ ଋଣର ୨୭ ପ୍ରତିଶତ ରହିଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମଧ୍ୟରେ ଏମ୍ଏସ୍ଏମ୍ଇ ଅଗ୍ରୀମରେ ଅଣୁ ଉଦ୍ୟୋଗର ଅଂଶ ୧୦.୩ ପ୍ରତିଶତ ଥିବା ବେଳେ ଏହାର ବେଞ୍ଚମାର୍କ ୭.୫ ପ୍ରତିଶତ ଅଟେ । ଶେଷରେ ଆଡଜଷ୍ଟେଡ୍ ନେଟ୍ ବ୍ୟାଙ୍କ ଋଣରେ ଦୁର୍ବଳ ବର୍ଗର ଅଂଶ ୩୧.୧ ପ୍ରତିଶତ ଥିବା ବେଳେ ବେଞ୍ଚମାର୍କ ଧାର୍ଯ୍ୟ ୧୨ ପ୍ରତିଶତ ରହିଛି ।

ପାରମ୍ପରିକ କ୍ଷେତ୍ରକୁ ସମର୍ଥନ କରିବା ସହିତ ଆର୍ଥିକ ସେବା ଯୋଗାଣ ବୃଦ୍ଧି ଉଦ୍ଦେଶ୍ୟରେ ଓଡ଼ିଶା ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରୁଛି। ବିଦ୍ୟାଲକ୍ଷ୍ମୀ ପୋର୍ଟାଲ ଭଳି ପଦକ୍ଷେପ ଶିକ୍ଷା ଋଣକୁ ସୁଗମ କରୁଥିବା ବେଳେ ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ଯୋଜନା ଅନୁସୂଚିତ ଜାତି, ଜନଜାତି ଏବଂ ମହିଳାଙ୍କ ମଧ୍ୟରେ ଉଦ୍ୟୋଗ ପ୍ରସାରକୁ ସହାୟତା ପ୍ରଦାନ କରେ। ଆର୍ଥିକ ସାକ୍ଷରତା ଶିବିର ଏବଂ ଡିଜିଟାଲ ଭିତ୍ତିଭୂମି ବିକାଶ ପାଇଁ ନାବାର୍ଡ (NABARD) ଅନୁଦାନ ସହାୟତା ପ୍ରଦାନ କରିବା ସହିତ ରାଜ୍ୟ ଆର୍ଥିକ ସାକ୍ଷରତା ଏବଂ ଡିଜିଟାଲ ଅନ୍ତର୍ଭୁକ୍ତୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଉଛି । ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଥିବା ବ୍ୟବଧାନକୁ ଦୂରକରିବା ସହ ସମସ୍ତ ନାଗରିକ ଯେପରି ଅତ୍ୟାବଶ୍ୟକୀୟ ଆର୍ଥିକ ସେବା ପାଇ ପାରିବେ ତାହା ସୁନିଶ୍ଚିତ କରିବା ଏହି ପ୍ରୟାସର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡିଓ୍ୱାଇ) ନେତୃତ୍ୱାଧୀନ ଆକାଉଣ୍ଟ ମାଲିକାନା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ଏବଂ ୨୯ ଜାନୁୟାରୀ ୨୦୨୫ ସୁଦ୍ଧା ୨.୨୭ କୋଟି ଆକାଉଣ୍ଟଧାରୀ ଅଛନ୍ତି । ନୀତିଗତ ସମର୍ଥନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ ଦେବା ଦ୍ୱାରା ଓଡ଼ିଶାରେ ଆର୍ଥିକ ସେବା କ୍ଷେତ୍ର ଅଭିବୃଦ୍ଧି ପାଇଁ ପ୍ରସ୍ତୁତ। ଋଣ ପ୍ରବାହ ବୃଦ୍ଧି, ଉଦ୍ୟୋଗକୁ ସହାୟତା ପ୍ରଦାନ ଏବଂ ଡିଜିଟାଲ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଯଥେଷ୍ଟ ଅର୍ଥନୈତିକ ଲାଭ ପ୍ରଦାନ କରିବ ଏବଂ ନାଗରିକ ମାନଙ୍କ ଜୀବନ ଧାରଣର ଗୁଣବତ୍ତାରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି।

## ପର୍ଯ୍ୟଟନ କ୍ଷେତ୍ର

ଓଡ଼ିଶାରେ ପର୍ଯ୍ୟଟନ ହେଉଛି ଏକ ଜୀବନ୍ତ କ୍ଷେତ୍ର, ଯାହାର ବୈଶିଷ୍ଟ୍ୟ ହେଉଛି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ବିବିଧ ପରିବେଶ ବ୍ୟବସ୍ଥା ଏବଂ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏହାର ଆକର୍ଷଣ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରଣନୈତିକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟରେ ୧୦୦୦ରୁ ଅଧିକ ପ୍ରାଚୀନ ମନ୍ଦିର ରହିଥିବାରୁ ଏହା ଆଧ୍ୟାତ୍ମିକ ପର୍ଯ୍ୟଟନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଲଟିଛି। ପୁରୀରେ ବାର୍ଷିକ ରଥଯାତ୍ରାରେ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ, ଯାହା ରାଜ୍ୟର ଆଧ୍ୟାତ୍ମିକ ମହତ୍ତ୍ୱ ଉପରେ ଆଲୋକପାତ କରିଥାଏ। ଏହାବ୍ୟତୀତ ଧଉଳି ଶାନ୍ତିସ୍ତୁପ ଏବଂ ଲଳିତଗିରି, ରତ୍ନଗିରି ଓ ଉଦୟଗିରିର ବୌଦ୍ଧ ତ୍ରିକୋଣକୁ ନେଇ ଗଠିତ ଓଡ଼ିଶାର ବୌଦ୍ଧ ପରିବୃତ୍ତ ଦକ୍ଷିଣ ପୂର୍ବ ଏସିଆରେ ବୌଦ୍ଧ ଧର୍ମର ପ୍ରସାରରେ ଏହାର ଐତିହାସିକ ମହତ୍ତ୍ୱକୁ ସୂଚାଇଥାଏ। ଓଡ଼ିଶାର ପର୍ଯ୍ୟଟନ ନୀତିର ଆଉ ଏକ ପ୍ରମୁଖ ଦିଗ ହେଉଛି କଳା ଓ ହସ୍ତଶିଳ୍ପ ପର୍ଯ୍ୟଟନ। କଳାତ୍ମକ ଉତ୍କର୍ଷଭୂମି ଉତ୍କଳ ନାମରେ ପରିଚିତ ଓଡ଼ିଶାରେ ୫୧ଟି ପାରମ୍ପରିକ କଳା ରହିଛି, ସେଥି ମଧ୍ୟରୁ ଅଧିକାଂଶକୁ ଭୌଗୋଳିକ ସଂକେତ ଥିବା ଜିଓଗ୍ରାଫିକାଲ ଇଣ୍ଡିକେସନ (ଜିଆଇ) ଟ୍ୟାଗ ମିଳିଛି। ପାରମ୍ପରିକ ହସ୍ତଶିଳ୍ପ ଏବଂ ସାଂସ୍କୃତିକ ଅନୁଭୂତିରେ ଆଗ୍ରହୀ ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାର ଏହି ସମୃଦ୍ଧ କଳାତ୍ମକ ଐତିହ୍ୟ ଏକ ପ୍ରମୁଖ ଆକର୍ଷଣ। ନୂଆଖାଇ, ପରବ ଓ ମଣ୍ଡେଇ ଭଳି ପ୍ରମୁଖ ଜାତିଗତ ଓ ଆଦିବାସୀ ପର୍ବ ପାଳନ କରାଯାଏ, ଯେଉଁଥିରେ ଓଡ଼ିଶାର ବିବିଧ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଅନନ୍ୟ ଜ୍ଞାନ ମିଳିଥାଏ।

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ବେଳାଭୂମି ପର୍ଯ୍ୟଟନ ଉପକ୍ଷେତ୍ରର ଅଭିବୃଦ୍ଧି ଘଟୁଛି। ଓଡ଼ିଶାରେ ଦୁଇଟି ବ୍ଲୁଫ୍ଲାଗ୍ ସ୍ୱୀକୃତିପ୍ରାପ୍ତ ବେଳାଭୂମି ରହିଛି, ଯଥା; ପୁରୀର ସ୍ୱର୍ଣ୍ଣାଭ ବେଳାଭୂମି ଏବଂ ଗଞ୍ଜାମର ସୋନାପୁର ବେଳାଭୂମି। ଏହି ବେଳାଭୂମି ଗୁଡ଼ିକ ଆଧୁନିକ ସୁବିଧାରେ ସଜ୍ଜିତ ଏବଂ ନିରନ୍ତର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପ୍ରୟାସର ଏକ ଅଂଶ। ଗୋପାଳପୁର, ସୋନାପୁର, ପାରାଦ୍ୱୀପ, ଚାନ୍ଦିପୁର ଓ ତାଳସାରୀ ଭଳି ପର୍ଯ୍ୟଟନ ସ୍ଥଳରେ ସମୁଦ୍ର କୂଳର ବିକାଶ ଦ୍ୱାରା ବେଳାଭୂମି ପର୍ଯ୍ୟଟନ ଅନୁଭୂତିକୁ ଆହୁରି ଉନ୍ନତ କରିବା ସହ ପର୍ଯ୍ୟଟକ ମାନଙ୍କୁ ଆରାମ ଓ ଦୁଃସାହସିକତାର ମିଶ୍ରିତ ଅନୁଭୂତି ପ୍ରଦାନ କରୁଛି। ବନ୍ୟଜନ୍ତୁ ଏବଂ ବିହଙ୍ଗାବଲୋକନ ପର୍ଯ୍ୟଟନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ୨ଟି ଜାତୀୟ

ଉଦ୍ୟାନ, ୧୮ଟି ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ୨ଟି ବ୍ୟାଘ୍ର ଅଭୟାରଣ୍ୟ ପ୍ରକଳ୍ପ ରହିଛି। ଏସିଆର ସର୍ବବୃହତ ଲୁଣାପାଣି ହ୍ରଦ ଚିଲିକାହ୍ରଦ ମଧ୍ୟ ଏକ ପ୍ରମୁଖ ଆକର୍ଷଣ, ଯେଉଁଠାକୁ ବାର୍ଷିକ ୧୦ ଲକ୍ଷରୁ ଅଧିକ ବିଦେଶୀ ପକ୍ଷୀ ଆସନ୍ତି। ଏହାର ପ୍ରାକୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ପରିବେଶ ପର୍ଯ୍ୟଟନ ଏବଂ ପ୍ରକୃତି ଶିବିର ବିକଶିତ କରିବା, ପର୍ଯ୍ୟଟକଙ୍କୁ ଓଡିଶାର ସମୃଦ୍ଧ ଜୈବ ବିବିଧତା ଅନୁସନ୍ଧାନ କରିବାରେ ସୁଯୋଗ ପ୍ରଦାନ କରିବାର ପ୍ରୟାସରେ ଉଦ୍ଦିଷ୍ଟ ହୋଇଛି । ୨୦୨୨ରେ ଆରମ୍ଭ ହୋଇଥିବା ଓଡିଶାର ପର୍ଯ୍ୟଟନ ନୀତିରେ ଭିତ୍ତିଭୂମି ସୃଷ୍ଟି ଓ ପ୍ରୋତ୍ସାହନ ମାଧ୍ୟମରେ ସନ୍ତୁଳିତ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ନୀତି ସ୍ୱତନ୍ତ୍ର ଏକୀକୃତ ନିର୍ଗମନ ସମିତି ଏବଂ ରାଜ୍ୟସ୍ତରୀୟ ଏକୀକୃତ ନିର୍ଗମନ କର୍ତ୍ତୃପକ୍ଷ ମାଧ୍ୟମରେ ପ୍ରମୁଖ ପର୍ଯ୍ୟଟନ ପ୍ରକଳ୍ପ ଗୁଡିକର ଅନୁମୋଦନ ସୁନିଶ୍ଚିତ କରେ, ଯାହା ପର୍ଯ୍ୟଟନ କ୍ଷେତ୍ରରେ ଆଗ୍ରହୀ ନିବେଶକ ମାନଙ୍କ ପାଇଁ ଏକ ସୁବ୍ୟବସ୍ଥିତ ପ୍ରକ୍ରିୟାକୁ ସୁଗମ କରିବ।

ରାଜ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ଏବଂ ପ୍ରଚାର କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ମୁଦ୍ରଣ, ଗଣମାଧ୍ୟମ, ଦୂରଦର୍ଶନ, ସାମାଜିକ ଗଣମାଧ୍ୟମ ଏବଂ ପଥପ୍ରାନ୍ତ ନାଟକ ଭଳି ମଞ୍ଚକୁ ବ୍ୟବହାର କରି ୩୬୦ ଡିଗ୍ରୀ ଯୋଗାଯୋଗ ନୀତି ପ୍ରୟୋଗ କରାଯାଇଛି। ଓଡିଶାର ପର୍ଯ୍ୟଟନ ସମ୍ଭାବନାକୁ ପ୍ରଦର୍ଶିତ କରିବା ପାଇଁ ଟୁର୍ ଅପରେଟର ଏବଂ ଟ୍ରାଭେଲ୍ ଏଜେଣ୍ଟମାନଙ୍କ ପାଇଁ ପରିଚିତି ଯାତ୍ରା ଆୟୋଜନ କରାଯାଇଛି। ଏହାବ୍ୟତୀତ, ସମଗ୍ର ଭାରତରେ ପ୍ରମୁଖ ବିମାନବନ୍ଦର, ସହର ଏବଂ ପରିବହନ କେନ୍ଦ୍ର ଗୁଡିକରେ ନୀତିଗତ ବ୍ରାଣ୍ଡିଂ ପଦକ୍ଷେପ ନିଆଯାଇଛି।

ଓଡିଶାର ପର୍ଯ୍ୟଟନ ନୀତିରେ ଡିଜିଟାଲ୍ ପ୍ଲାଟଫର୍ମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଓଡିଶା ପର୍ଯ୍ୟଟନ ପୋର୍ଟାଲରେ ରାଜ୍ୟର ଜୀବନ୍ତ ଓ ଉତ୍ସାହପୂର୍ଣ୍ଣ ଐତିହ୍ୟକୁ ପ୍ରଦର୍ଶିତ କରାଯିବାସହ ରଥଯାତ୍ରା ଓ କୋଣାର୍କ ମହୋତ୍ସବ ଭଳି ବାର୍ଷିକ ଉତ୍ସବର ସିଧା ପ୍ରସାରଣ କରାଯାଇଥାଏ। ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଭଳି କାର୍ଯ୍ୟକ୍ରମ ପାଇଁ ଅନ୍‌ଲାଇନ୍ ବୁକିଂ କରି ପଞ୍ଜିକରଣ କରାଯାଇ ପାରୁଛି। ଏହି କାର୍ଯ୍ୟକ୍ରମକୁ ବହୁଳ ଭାବେ ପ୍ରଚାରଧର୍ମୀ କରି ବିଶ୍ୱସ୍ତରୀୟ ପର୍ଯ୍ୟଟକମାନଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ଗଣମାଧ୍ୟମ ମଞ୍ଚଗୁଡିକର ବହୁଳ ଭାବରେ ବ୍ୟବହାର କରାଯାଉଛି । ଓଡିଶାର ପର୍ଯ୍ୟଟନ ନୀତିରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଲାଇଫଗାର୍ଡ ଆସୋସିଏସନ୍‌କୁ ତାଲିମ ପ୍ରଦାନ କରାଯିବା ସହ ବେଳାଭୂମିରେ ୱାଚ୍ ଟାୱାର, ଲାଇଫଗାର୍ଡ ଓ ସୁରକ୍ଷିତ ସ୍ନାନ କ୍ଷେତ୍ର ସ୍ଥିର କରିବାପରି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ବିପର୍ଯ୍ୟୟ ସମୟରେ ପର୍ଯ୍ୟଟକଙ୍କ ସହାୟତା ପାଇଁ ଏକ ଜରୁରୀକାଳୀନ ପର୍ଯ୍ୟଟନ ପାଣ୍ଠି ଗଠନ କରାଯାଇଛି। ଏହି ସବୁ ବ୍ୟବସ୍ଥା ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ ଓ ଆନନ୍ଦଦାୟକ ଅନୁଭୂତି ପ୍ରଦାନ କରେ ଯେଉଁଥିପାଇଁ ପର୍ଯ୍ୟଟନ ଅନୁକୂଳ ସ୍ଥାନ ଭାବେ ଓଡିଶାର ଖ୍ୟାତି ଦିନକୁ ଦିନ ବୃଦ୍ଧି ପାଉଛି।

ନୀତିଗତ ପଦକ୍ଷେପ, ଭିତ୍ତିଭୂମିର ବିକାଶ ଏବଂ ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ପ୍ରତିବଦ୍ଧତା ଯୋଗୁଁ ଓଡିଶାର ପର୍ଯ୍ୟଟନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟୁଛି । ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି ଆଣିବା ଏବଂ ଓଡିଶାକୁ ପରିବେଶ ଓ ସାଂସ୍କୃତିକ ପର୍ଯ୍ୟଟନର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଆଗାମୀ ବର୍ଷ ଗୁଡିକରେ ଯଥେଷ୍ଟ ଲାଭ ପ୍ରଦାନ କରିବା ସହ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ଭୁବନେଶ୍ୱରସ୍ଥିତ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ


ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଭୟ ସିଧାସଳଖ ଓ ବାହ୍ୟ ନିଯୁକ୍ତି ପାଇଁ ଓଡିଶା ବିଭିନ୍ନ କମ୍ପାନୀ ଗୁଡିକର ପସନ୍ଦଯୋଗ୍ୟ ସ୍ଥାନ ଭାବରେ ଆଜିକାଲି ପରିଗଣିତ ହେଉଛି। ଭୁବନେଶ୍ୱରରେ ସ୍ଥାପିତ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ ଇଣ୍ଡିଆ(ଏସ୍.ଟି.ପି.ଆଇ) ଓଡିଶାରେ ଆଇଟି-ଆଇଟିଇଏସ-ଇଏସଡିଏମ ଶିଳ୍ପର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ନୂତନ ସମ୍ଭାବନାକୁ ସାକାର କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଭୁବନେଶ୍ୱର, ରାଉରକେଲା, ବାଲେଶ୍ୱର, ବ୍ରହ୍ମପୁର, କୋରାପୁଟ, ଯାଜପୁର ଭଳି ୬ଟି ଏସ୍.ଟି.ପି.ଆଇ କେନ୍ଦ୍ର ଥିବା ବେଳେ ସମ୍ବଲପୁର ଓ ଅନୁଗୁଳରେ ଆଉ ୨ଟି ଏସ୍.ଟି.ପି.ଆଇ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରର ଭିତ୍ତିଭୂମି ପାଇଁ ପ୍ରୋତ୍ସାହନ ସ୍ୱରୂପ ୭୫୦ ଏକରରୁ ଅଧିକ ସୂଚନା ପ୍ରଯୁକ୍ତି ଏସ୍.ଇ.ଜେଡ୍, ଏକାଧିକ ସୂଚନା ପ୍ରଯୁକ୍ତି ଟାୱାର ଏବଂ ସୁଲଭ ମୂଲ୍ୟରେ ଜମି ଏବଂ ଲିଜ୍

ସୁବିଧା ଓଡିଶାରେ ପ୍ରଦାନ କରାଯାଉଛି। ରାଜ୍ୟରେ ଏକ ଅତ୍ୟାଧୁନିକ ଇନକ୍ୟୁବେସନ୍ କେନ୍ଦ୍ର ଏବଂ ଓ-ହବ ମଧ୍ୟ ରହିଛି, ଯାହା ଷ୍ଟାର୍ଟଅପ୍ ଗୁଡିକୁ ଦୃଢ ସହାୟତା ପ୍ରଦାନ କରିଥାଏ । ଏହି ସମ୍ପଦଗୁଡିକ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ସୃଜନ ଏବଂ ଅଭିବୃଦ୍ଧି ପାଇଁ ଓଡିଶାକୁ ଏକ ପ୍ରମୁଖ ସ୍ଥଳ ଭାବରେ ବିବେଚିତ କରୁଛି । ଏସ୍.ଟି.ପି.ଆଇ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ନୂତନ ସୃଜନ ପାଇଁ ଏକ ବୃହତ ଆକାରର କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଯାଉଛି, ଯାହା ପ୍ରାୟ ୧.୩ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ପରବର୍ତ୍ତୀ ପିଢି ପାଇଁ ବୃଦ୍ଧି ପାଇବାର ପ୍ରକୃଷ୍ଟ ସ୍ଥାନ ପ୍ରଦାନ କରିବ। ସୂଚନା ପ୍ରଯୁକ୍ତି ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା, ଷ୍ଟାର୍ଟଅପ୍ ଏବଂ ସୂଚନା ଓ ପ୍ରଯୁକ୍ତି ଉଦ୍ୟୋଗ ଗୁଡିକର ପ୍ରାକ୍ ଉତ୍ପାଦନ ପ୍ରସ୍ତୁତି କାର୍ଯ୍ୟକ୍ରମ, ଉତ୍କର୍ଷକେନ୍ଦ୍ର ଏବଂ ଅନ୍ୟାନ୍ୟ ସହାୟକ ସେବା ମାଧ୍ୟମରେ ପ୍ରୋତ୍ସାହିତ କରିବା ପାଇଁ ଏହି ସୁବିଧାର ପରିକଳ୍ପନା କରାଯାଇଛି। ଇନୋଭେସନ୍ ଟାୱାର ଏକ ଉଚ୍ଚ ସମ୍ଭାବନା ପୂର୍ଣ୍ଣ ପରିବେଶ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଯାହା ଉଦ୍ଭାବନ ଓ ଉତ୍ପାଦ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଫଳତଃ ଏହି ଅଞ୍ଚଳରେ ଷ୍ଟାର୍ଟଅପ୍ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଗୁଡିକର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମି ମାଧ୍ୟମରେ ଅର୍ଥନୈତିକ ସାମର୍ଥ୍ୟକୁ ଉପଯୋଗ କରିବା ଏବଂ ଶେଷରେ ଓଡିଶା ଓ ଦେଶର ସାମଗ୍ରିକ ବିକାଶରେ ସହାୟକ ହେବା ପାଇଁ ଏହି ପଦକ୍ଷେପ ରାଜ୍ୟର ଧ୍ୟାର୍ଯ୍ୟ ଲକ୍ଷ୍ୟ ସହିତ ଯୋଡି ହୋଇଛି।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ସ୍ନାତକ ପାଇଁ ଉଦ୍ଦିଷ୍ଟ ସହର ମଧ୍ୟରେ ଭୁବନେଶ୍ୱର ତୃତୀୟ ସ୍ଥାନରେ ରହିଛି ଏବଂ ମ୍ୟାନେଜମେଣ୍ଟ ସ୍ନାତକ ଶିକ୍ଷାରେ ଲକ୍ଷ୍ନୌ ସହ ଆଗରେ ରହିଛି, ଯାହା ରାଜ୍ୟର ସୂଚନା ପ୍ରଯୁକ୍ତି କ୍ଷେତ୍ରର ଅଭିବୃଦ୍ଧିକୁ ସୂଚାଉଛି। ଏସ୍.ଟି.ପି.ଆଇର ରପ୍ତାନୀ କ୍ଷମତାକୁ ଦର୍ଶାଇ ୨୦୨୩-୨୪ରେ ୭,୫୦୦ କୋଟି ଟଙ୍କା ଥିବା ଏସ୍.ଟି.ପି.ଆଇରୁ ରପ୍ତାନୀ ୧୨ ପ୍ରତିଶତ ବୃଦ୍ଧିପାଇ ୨୦୨୪-୨୫ରେ ୮,୪୦୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ୨୦୨୪ ସେପ୍ଟେମ୍ବର ମାସରେ ଓଡିଶାରେ ଖୋଲା ଚାକିରୀର ଟେକ୍ସଟ୍ ମାଇନିଙ୍ଗକୁ ଆଧାର କରି ଜଣାପଡିଛି ଯେ ୩୦ ପ୍ରତିଶତରୁ ଅଧିକ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରର ଖୋଲା ଚାକିରୀ (ବିପିଓ ଇତ୍ୟାଦି) ସହ ଜଡିତ।

ସୂଚନା ପ୍ରଯୁକ୍ତି ଓ ସୂଚନା ପ୍ରଯୁକ୍ତି ସକ୍ଷମ ସେବା, ଜିସିସି ଏବଂ ଫିନ୍ଟେକ୍ କ୍ଷେତ୍ରରେ ଯଥେଷ୍ଟ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ସରକାର କ୍ରମାଗତ ଭାବରେ ନିଜର ପ୍ରୋତ୍ସାହନ ଢାଞ୍ଚାକୁ ବଢାଉଛନ୍ତି ଏବଂ ଶିଳ୍ପଭିତ୍ତିକ ମତାମତ ଆଧାରରେ ନୂତନ ନୀତି ପ୍ରସ୍ତୁତ କରୁଛନ୍ତି । ଆଗାମୀ ସୂଚନା ପ୍ରଯୁକ୍ତି, ଜିସିସି ଏବଂ ଫିନ୍ଟେକ୍ ନୀତିରେ ଜମି, ବିଦ୍ୟୁତ୍, ଏସ୍.ଜି.ଏସ୍.ଟି, ନିଯୁକ୍ତି, ମାର୍କେଟିଂ, ଗବେଷଣା ଓ ବିକାଶ, ଇଣ୍ଟରନେଟ୍ ସଂଯୋଗ ଆଦି କ୍ଷେତ୍ରରେ ଅଧିକ ରିହାତି ପ୍ରଦାନ କରାଯିବ। ଏହି ବ୍ୟାପକ ପଦକ୍ଷେପ ଗୁଡିକର ଉଦ୍ଦେଶ୍ୟ ହେଉଛି ପରିଚାଳନା ଖର୍ଚ୍ଚହ୍ରାସ କରିବା, ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ଏହି ଅଞ୍ଚଳକୁ ସୂଚନା ପ୍ରଯୁକ୍ତି, ଜିସିସି ଏବଂ ଫିନ୍ଟେକ୍ ପାଇଁ ଏକ ଅତ୍ୟନ୍ତ ପ୍ରତିଯୋଗିତା ମୂଳକ କେନ୍ଦ୍ର ଭାବରେ ଅବସ୍ଥାପିତ କରିବା ।

## ସୂଚନା ଓ ପ୍ରଯୁକ୍ତି ସେବା ପାଇଁ ଭୁବନେଶ୍ୱର ଏକ ପସନ୍ଦ ଯୋଗ୍ୟ ସ୍ଥାନ



ବୈଷୟିକ ଜ୍ଞାନ କୌଶଳରେ ଦକ୍ଷତା, ସେବା ସମ୍ବନ୍ଧୀୟ ପ୍ରତିଭା ସହଜ ଉପଲବ୍ଧତା, ଏକ ବୈଷୟିକ ଜ୍ଞାନକୌଶଳ ସମୃଦ୍ଧ ପରିବେଶ ଏବଂ ଉଚ୍ଚତର ସାମାଜିକ ଓ ଜୀବନ ନିର୍ବାହ ସୂଚକାଙ୍କ ଇତ୍ୟାଦିର ପ୍ରାଚୁର୍ଯ୍ୟ ଯୋଗୁଁ ସୂଚନା ପ୍ରଯୁକ୍ତି ଓ ତାହାକୁ ସକ୍ଷମକାରୀ କ୍ଷେତ୍ରରେ ଭୁବନେଶ୍ୱର, ସର୍ବଭାରତୀୟ ସ୍ତରରେ ଏକ ପସନ୍ଦ ଯୋଗ୍ୟ ସ୍ଥାନଭାବେ ପରିଗଣିତ ହୋଇପାରିଛି। ଷ୍ଟାର୍ଟ ଅପ୍ କ୍ରମରେ ଓଡିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ମାନ୍ୟତା ପାଇଛି, କାରଣ ଷ୍ଟାର୍ଟଅପ୍ ଭୁବନେଶ୍ୱର ଏହାର ଅଗ୍ରଣୀ ସ୍ଥାନ ଅଟେ। ଭୁବନେଶ୍ୱରରେ ୨୦୦ରୁ ଅଧିକ ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟବସାୟ ପ୍ରକ୍ରିୟା ପରିଚାଳନା ପ୍ରତିଷ୍ଠାନ ରହିଛି, ଯାହା ଇନ୍ଫୋସିଟି ଏବଂ ଇଡ୍କୋ ନଲେଜ ପାର୍କ ପରି ସ୍ୱତନ୍ତ୍ର ଉତ୍ସର୍ଗୀକୃତ ପ୍ରଥମ ଶ୍ରେଣୀର ପ୍ରଯୁକ୍ତିବିଦ୍ୟା ଅର୍ଥନୈତିକ ଅଞ୍ଚଳ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଭୁବନେଶ୍ୱରରେ ଆଇଆଇଟି ଭଳି ୨୦ରୁ ଅଧିକ ପ୍ରତିଭା ପ୍ରସ୍ତୁତକାରୀ ପ୍ରମୁଖ ଅନୁଷ୍ଠାନ ମଧ୍ୟ ରହିଛି। ଯାହା ଉଦ୍ଭାବନ ଓ ଆବିଷ୍କାର କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା ବୃଦ୍ଧି କରିଛି । କୃଷି ଭିତ୍ତିକ ଶିଳ୍ପଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ସକ୍ଷମ ସେବା ପର୍ଯ୍ୟନ୍ତ ବିଭିନ୍ନ କିସମର ବୈଷୟିକ ଶିଳ୍ପ ପରିବେଶରେ ବିବିଧତା ଦେଇଛି। ଏହାବ୍ୟତୀତ ଭୁବନେଶ୍ୱରରେ ୨୫୦୦ରୁ ଅଧିକ ବିଦ୍ୟାଳୟ, ଏକ ସୁଦୃଢ ସ୍ୱାସ୍ଥ୍ୟ ଚିକିତ୍ସା ପରିବେଶ ଏବଂ ଅପେକ୍ଷାକୃତ କମ୍ ଜୀବନଧାରଣ ଖର୍ଚ୍ଚ ଥିବାରୁ ଏହାକୁ ବିଭିନ୍ନ ବୃତ୍ତିର ଲୋକଙ୍କୁ ବ୍ୟବସାୟ ପାଇଁ ଆକୃଷ୍ଟ କରୁଛି।

ଓଡିଶା ସରକାରଙ୍କ ଦ୍ୱାରା ଭୁବନେଶ୍ୱରରେ ପ୍ରତିଷ୍ଠିତ ଆଇଆଇଆଇଟି ରାଜ୍ୟର ବୈଷୟିକ ପ୍ରତିଭାର ଆବଶ୍ୟକତା ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଇଲେକ୍ଟ୍ରୋନିକ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା ଏବଂ ଗବେଷଣା ପ୍ରଦାନ ପାଇଁ ଏହା ଏକ ସମର୍ପିତ ଓ ପ୍ରମୁଖ ଅନୁଷ୍ଠାନ । ଏହିସବୁ କ୍ଷେତ୍ରରେ ଦକ୍ଷ ପେଶାଦାରଙ୍କ ବଢିଥିବା ଚାହିଦାକୁ ପୂରଣ କରିବାରେ ଆଇ.ଆଇ.ଆଇ.ଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଯାହା ରାଜ୍ୟର ଏକ ଅଗ୍ରଣୀ ଆଇଟି ଗନ୍ତବ୍ୟସ୍ଥଳ ହେବାର ଲକ୍ଷ୍ୟରେ ସହାୟକ ହୋଇଛି । ଉଦ୍ଭାବନ ଏବଂ ଶୈକ୍ଷିକ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଆଇ.ଆଇ.ଆଇ.ଟି-ଭୁବନେଶ୍ୱର ମାନବସମ୍ବଳ ବିକାଶର ଗୁଣବତ୍ତା ବୃଦ୍ଧି ପାଇଁ ଶିଳ୍ପ ଏବଂ ଶିକ୍ଷାବିତ୍ ମାନଙ୍କ ସହ ସହଯୋଗ କରୁଛି । ଆଇଟି ଶିଳ୍ପ ଏବଂ ଷ୍ଟାର୍ଟଅପ୍ ଅଭିବୃଦ୍ଧିକୁ ସୁଦୃଢ କରୁଥିବା ଏକ ବୈଷୟିକ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟର ବ୍ୟାପକ ନୀତିର ଏହି ସହଯୋଗ ଅବିଚ୍ଛେଦ୍ୟ ଅଂଶ ଅଟେ, ଯାହା ଦ୍ୱାରା ଓଡିଶାରେ ଅର୍ଥନୈତିକ ବିକାଶ ହୋଇପାରିବ ।

ଆଗାମୀ ଓଡିଶା ଜିସିସି ନୀତିରେ ଭୁବନେଶ୍ୱର-କଟକ-ପୁରୀ ତ୍ରିସହର ଅଞ୍ଚଳ ସମେତ ବ୍ରହ୍ମପୁର ଏବଂ ସମ୍ବଲପୁର-ଝାରସୁଗୁଡା-ରାଉରକେଲା କରିଡରରେ ଅତ୍ୟାଧୁନିକ କେନ୍ଦ୍ର ବିକଶିତ କରି ବିଶ୍ୱସ୍ତରୀୟ ସକ୍ଷମତା କେନ୍ଦ୍ର (ଜିସିସି)କୁ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ଅନନ୍ୟ ଶକ୍ତିକୁ ପୁଞ୍ଜି କରି ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ଉଦ୍ଭାବନ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସମୃଦ୍ଧ ବ୍ୟବସାୟିକ ପରିବେଶ ସୃଷ୍ଟି କରିବା ଏହାର ଲକ୍ଷ୍ୟ । ଏହି ପଲିସିରେ ପୁଞ୍ଜି ରିହାତି, ନିଯୁକ୍ତି ସହାୟତା, ମାନବ ପୁଞ୍ଜିର ଦକ୍ଷତାବୃଦ୍ଧି, ଇଣ୍ଟର୍ନସିପ୍, ଗବେଷଣା ଓ ବିକାଶ ସହାୟତା, କ୍ରୟବିକ୍ରୟ ସହାୟତା, ପେଟେଣ୍ଟ ପଞ୍ଜୀକରଣ ଏବଂ ପିଏଫ-ଇଏସ୍ଆଇର ପ୍ରତିପୂରଣ ସମେତ ଅନେକ ପ୍ରୋତ୍ସାହନ ପ୍ରଦାନ କରାଯିବ ।

## ସୂଚନା ପ୍ରଯୁକ୍ତି ଓ ସୂଚନା ପ୍ରଯୁକ୍ତି ସକ୍ଷମ ସେବାର ଉପଭୋକ୍ତା ଭାବେ ସରକାର



ସାର୍ବଜନୀନ ସେବା ପ୍ରଦାନ, ଦକ୍ଷତା, ସ୍ୱଚ୍ଛତା ଏବଂ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଡିଜିଟାଲ ଟେକ୍ନୋଲୋଜିର ଉପଯୋଗ କରୁଛି । ଏ ଦିଗରେ ଅନ୍ୟତମ ପ୍ରମୁଖ ପଦକ୍ଷେପ ହେଉଛି ଓଡିଶା ଲୋକସେବା ଅଧିକାର ଆଇନ୍ (ଓଆରଟିପିଏସ୍) କାର୍ଯ୍ୟକାରୀ କରିବା, ଯେଉଁଥିରେ ନାଗରିକମାନଙ୍କୁ ବିଭିନ୍ନ ସରକାରୀ ସେବା ନିରବଚ୍ଛିନ୍ନ ଭାବରେ ଉପଲବ୍ଧ କରାଇବା ପାଇଁ ଏକ ଆଇନଗତ ସୁଗମତା ପ୍ରଦାନ କରାଯାଇଛି । ଓଆରଟିପିଏସ୍ ଅନଲାଇନ ମଡ୍ୟୁଲ୍‌ରେ ଏକ ଗତିଶୀଳ ଡ୍ୟାସ୍ ବୋର୍ଡ, ଇ-ଅପିଲ୍ ଏବଂ ଇ-ରିଭିଜନ ମଡ୍ୟୁଲ୍ ଅନ୍ତର୍ଭୁକ୍ତ, ଯାହା ସେବା ବିତରଣ ବିଳମ୍ବ ସମ୍ପର୍କରେ ରିୟଲ-ଟାଇମ୍ ମନିଟରିଂ ଏବଂ ବିବାଦ ସମାଧାନ ପାଇଁ ସୁଯୋଗ ଦେଇଥାଏ । ଏହାବ୍ୟତୀତ ଓଡିଶା ୱାନ୍ ପୋର୍ଟାଲ ସରକାରରୁ ନାଗରିକ (ଜି୨ସି) ସେବା ପାଇଁ ୱାନ୍ ଷ୍ଟପ୍ ଆକ୍ସେସ୍ ପଏଣ୍ଟ ଭାବେ କାର୍ଯ୍ୟ କରୁଛି ଏବଂ ୨୧୪ରୁ ଅଧିକ ସେବାକୁ ସଂଯୋଜିତ କରିବା ସହ ଏହାକୁ ଆହୁରି ବିସ୍ତାରିତ କରିବାର ଯୋଜନା ରଖିଛି । ଏହି ପୋର୍ଟାଲ୍, ମୋ ସେବାକେନ୍ଦ୍ରର ବ୍ୟାପକ ଉପଯୋଗ ସହିତ, ସୁନିଶ୍ଚିତ କରେଯେ ନାଗରିକମାନେ ତୃଣମୂଳ ସ୍ତରରେ ଜନ୍ମ ଏବଂ ମୃତ୍ୟୁ ପ୍ରମାଣପତ୍ର, ବିଲ୍ ଦେୟ ଇତ୍ୟାଦି ସୁବିଧାଜନକ ଭାବରେ ଅତ୍ୟାବଶ୍ୟକ ସେବା ପାଇପାରିବେ ।

ଏହାବ୍ୟତୀତ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଣକୁ ସୁଗମ କରିବା ପାଇଁ ରାଜ୍ୟ ସରକାର ଅନେକ ଡିଜିଟାଲ ପ୍ଲାଟଫର୍ମକୁ ବିକଶିତ କରିଛନ୍ତି । ସାମାଜିକ ସୁରକ୍ଷା ବିତରଣ ପ୍ଲାଟଫର୍ମ (ଏସପିଡିପି) ଏବଂ କୃତ୍ରିମ ବୁଦ୍ଧିମତା ଆଧାର ଭିତ୍ତିକ ଯାଞ୍ଚର ଉପଯୋଗ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ଠିକ୍ ଭାବେ ଚିହ୍ନଟ କରି ସୁବିଧା ପ୍ରଦାନ କରାଯାଉଛି, ଯାହା ସୁଭଦ୍ରା ଯୋଜନାରେ ପରିଲକ୍ଷିତ ହୋଇଛି । ଇ-ଜିଲ୍ଲା ୩.୦ ଅଭିଯାନର ଉଦ୍ଦେଶ୍ୟ ହେଉଛି କାର୍ଯ୍ୟ ପ୍ରବାହକୁ ସ୍ୱୟଂଚାଳିତ କରି ଜିଲ୍ଲାସ୍ତରରେ ସେବା ପ୍ରଦାନକୁ ବୃଦ୍ଧିକରିବା ଏବଂ ସୂଚନାର ଗୁଣବତ୍ତାରେ ଉନ୍ନତି ଆଣିବା । ଅନ୍ୟାନ୍ୟ ଡିଜିଟାଲ ବ୍ୟବସ୍ଥା ଯଥା ଛାତ୍ର ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲରେ ନାମଲେଖା ଓ ଛାତ୍ରବୃତ୍ତି ପରିଚାଳନା ଭଳି ପ୍ରକ୍ରିୟାକୁ ଏକିକୃତ କରିବା, ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ହସ୍ତକୃତ ହସ୍ତକ୍ଷେପକୁ ହ୍ରାସ କରିବା । ଶାସନ ପଦ୍ଧତିରେ ଉନ୍ନତି ଆଣିବା ଏବଂ ନାଗରିକମାନଙ୍କୁ ଠିକ୍ ସମୟରେ ଦକ୍ଷ ଜନସେବା ଯୋଗାଇବା ପାଇଁ ଡିଜିଟାଲ ଟେକ୍ନୋଲୋଜିର ଉପଯୋଗ କରିବା ପାଇଁ ଓଡିଶାର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ଗୁଡିକ ପ୍ରତିଫଳିତ କରୁଛି ।

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ସମଗ୍ର ରାଜ୍ୟରେ ସେବା ପ୍ରଦାନ ପାଇଁ ଫିନଟେକ୍ ଇକୋସିଷ୍ଟମକୁ ବୃଦ୍ଧି କରିଥାଏ । ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ), ସିଏମ-କିଷାନ ଏବଂ ସୁଭଦ୍ରା ପ୍ରମୁଖ ପଦକ୍ଷେପ ଗୁଡିକ ମଧ୍ୟରେ ରହିଛି, ଯାହାର ଉଦ୍ଦେଶ୍ୟ ଆର୍ଥିକ ସେବା ସହିତ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରି ଆର୍ଥିକ ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା । ଅର୍ଥନୈତିକ ଅଭିବୃଦ୍ଧି ଏବଂ

ଉନ୍ନତ ସେବା ଯୋଗାଣ ପାଇଁ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରିବାରେ ଏହି ପ୍ରୟାସ ଓଡିଶାକୁ ଏକ ଆକାଂକ୍ଷୀ ରାଜ୍ୟ ଭାବରେ ପରିଗଣିତ କରିଛି।

## ବୈଷୟିକ ଭିତ୍ତିଭୂମି

ରାଜ୍ୟର ଅର୍ଥନୈତିକ ଓ ବୈଷୟିକ ଦୃଶ୍ୟପଟକୁ ସୁଦୃଢ କରିବା ପାଇଁ ଆଗାମୀ ବୈଷୟିକ ଭିତ୍ତିଭୂମିର ବିକାଶ ପାଇଁ ଓଡିଶା ଉଚ୍ଚାଭିଳାଷି ଯୋଜନା ପ୍ରସ୍ତୁତ କରିଛି। ଆଇଟି ଅଭିବୃଦ୍ଧିକୁ ବିକେନ୍ଦ୍ରୀକରଣ କରିବା ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୨ୟ ଓ ୩ୟ ଶ୍ରେଣୀର ସହରରେ ଟେକ୍ ବିଜନେସ୍ ପାର୍କ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ବିଜନେସ୍ ପାର୍କଗୁଡିକ ଭିତ୍ତିଭୂମି ଯୋଗାଇବା ସହ ଆଇଟି ଓ ଇଲେକ୍ଟ୍ରୋନିକ୍ସ୍ ଶିଳ୍ପକୁ ଆକୃଷ୍ଟ କରିବା ପାଇଁ ରାଜ୍ୟର କ୍ଷମତା ବୃଦ୍ଧି କରିବ।

ଏହାବ୍ୟତୀତ, ସୂଚନା ପ୍ରଯୁକ୍ତି ଏବଂ ତତ୍‌ସମ୍ବନ୍ଧୀୟ ସକ୍ଷମତା (ଆଇଟି-ଆଇଟିଇଏସ) ଶିଳ୍ପ ପାଇଁ ଉଚ୍ଚମାନର ଭିତ୍ତିଭୂମି ଯୋଗାଇଦେବା ସହ ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରେ ୪ର୍ଥ ଶ୍ରେଣୀର ଡାଟା ସେଣ୍ଟରର ନେଟୱାର୍କ ବିକଶିତ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । ଉତ୍କର୍ଷତା କେନ୍ଦ୍ର (ସିଓଇ) ପ୍ରତିଷ୍ଠା ମଧ୍ୟ ପ୍ରଯୁକ୍ତି ଭିତ୍ତିଭୂମି ବିକାଶର ଏକ ପ୍ରମୁଖ ଉପାଦାନ। ଚିପ୍ ପ୍ରସ୍ତୁତି, ଭବିଷ୍ୟତର ବୈଷୟିକ ବିଦ୍ୟାରେ ଦକ୍ଷତା ବିକାଶ ଏବଂ ବିଭିନ୍ନ କ୍ଷେତ୍ରରେ ଓଡିଆ ଭାଷାରେ ଗବେଷଣାକୁ ପ୍ରୋତ୍ସାହିତ କରିବା ଭଳି କ୍ଷେତ୍ରଗୁଡିକ ଉପରେ ଏହି ଉତ୍କର୍ଷତା କେନ୍ଦ୍ରଗୁଡିକ ଗୁରୁତ୍ୱ ଦେବେ। ଏହାବ୍ୟତୀତ ଏଆଇ, ଏମଏଲ, ଇଣ୍ଡଷ୍ଟ୍ରି ୪.୦ ଏବଂ ଅନ୍ୟାନ୍ୟ ପରବର୍ତ୍ତୀ ପିଢିର ଟେକ୍ନୋଲୋଜି ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ସଂସ୍ଥାଗୁଡିକୁ ସାମିଲ କରିବା ପାଇଁ ଏକ ନୂତନ ଆଇଟି ପାର୍କ ଓ ଆଇଟି ଅଞ୍ଚଳ ଯୋଜନା କରାଯାଇଛି। ଉଦ୍ଭାବନ, ଉଦ୍ୟୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଏକ ସୁଦୃଢ ବୈଷୟିକ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ଓଡିଶାର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ଗୁଡିକ ପ୍ରତିଫଳିତ କରୁଛି।

★★★★★

# ସପ୍ତମ ଅଧ୍ୟାୟ

## ଭିତ୍ତିଭୂମି: ଅଭିବୃଦ୍ଧିକୁ ପ୍ରୋତ୍ସାହନ

### ସାମଗ୍ରିକ ଦୃଷ୍ଟିପାତ



ବିଗତ ବର୍ଷ ଗୁଡିକରେ ଓଡିଶାରେ ଭିତ୍ତିଭୂମିର ଉଲ୍ଲେଖନୀୟ ବିକାଶ ହୋଇଛି, ଯାହା ଏହାର ଅର୍ଥନୈତିକ ପରିବର୍ତ୍ତନରେ ସହାୟକ ହୋଇଛି। ସୁଦୀର୍ଘ ଉପକୂଳ ରେଖା ଏବଂ ବିଶାଳ ଖଣିଜ ଭଣ୍ଡାର ସହିତ ଓଡିଶାର ଭୌଗୋଳିକ ଅବସ୍ଥିତି ଏହାକୁ ବାଣିଜ୍ୟ ଓ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ପରିଣତ କରିଛି। ସଡକ ଓ ରେଳ ନେଟୱାର୍କର ସମ୍ପ୍ରସାରଣ, ବନ୍ଦରର ବିକାଶ ଏବଂ ଶିଳ୍ପ କରିଡର ପ୍ରତିଷ୍ଠା ସମେତ ଭିତ୍ତିଭୂମି ବିକାଶକୁ ସୁଦୃଢ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭିନ୍ନ ରାଜ୍ୟରେ ବ୍ୟାବାହାରିକ ସୁଗମତା (ଲିଡସ) ୨୦୨୪ ରିପୋର୍ଟରେ ଉପକୂଳବର୍ତ୍ତୀ ରାଜ୍ୟମାନଙ୍କ ମଧ୍ୟରେ ଓଡିଶାକୁ ସଫଳ ରାଜ୍ୟ ଭାବେ ମାନ୍ୟତା ମିଳିଛି, ଯାହା ଏହାର ଭିତ୍ତିଭୂମି ପରିବେଶକୁ ଆଗକୁ ବଢାଇବା ଦିଗରେ ପ୍ରତିଫଳିତ କରୁଛି ।



ଓଡିଶା ୨୦୨୪-୨୫ ବଜେଟରେ ଭିତ୍ତିଭୂମି ପାଇଁ ପୁଞ୍ଜି ନିବେଶ ବ୍ୟୟକୁ ୨୬ ପ୍ରତିଶତ ବୃଦ୍ଧି କରି ୫୮ ହଜାର କୋଟି ଟଙ୍କାରେ ପହଞ୍ଚାଇଛି, ଯାହାକି ମୋଟ ଖର୍ଚ୍ଚର ୨୨ ପ୍ରତିଶତ। ମୋଟ ରାଜ୍ୟ ଘରୋଇ ଉତ୍ପାଦକୁ (ଜିଏସଡିପି) ପୁଞ୍ଜି ବ୍ୟୟ ଅଟକଳ ଦୃଷ୍ଟିରୁ ଓଡିଶାର ଭାଗିଦାରୀ ୬.୨ ପ୍ରତିଶତ ସହ ଭାରତର ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ଓଡିଶା ପ୍ରଥମ ସ୍ଥାନରେ ରହିଛି। ପୁଞ୍ଜି ବ୍ୟୟବରାଦରେ ଏହି ବୃଦ୍ଧି, ଭିତ୍ତିଭୂମି ବିକାଶ ଉପରେ ସରକାରଙ୍କ ପ୍ରାଧାନ୍ୟକୁ ଦର୍ଶାଉଛି।

### ସଡକ ସଂଯୋଗୀକରଣ



ଓଡିଶାରେ ସଡକ ଭିତ୍ତିଭୂମିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ୨୦୧୯-୨୦ ମସିହାରେ ରାଜ୍ୟରେ ସଡକ ଓ ସେତୁ ବାବଦରେ ମୋଟ ଖର୍ଚ୍ଚ ୭,୯୧୬ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ ମସିହା ବଜେଟ୍ ଆକଳନରେ ଏହା ୧୯,୪୫୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୨୩-୨୪ ମସିହାରେ ରାଜ୍ୟରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲ୍ଲା ସଡକ ଓ ଗ୍ରାମୀଣ ସଡକକୁ ମିଶାଇ ମୋଟ ରାସ୍ତାର ଦୈର୍ଘ୍ୟ ୧.୪ ଲକ୍ଷ କିଲୋମିଟର ଥିଲା। ୨୦୧୯-୨୦ ରୁ ୨୦୨୩-୨୪ ମଧ୍ୟରେ ଓଡିଶାରେ ଜାତୀୟ ରାଜପଥର ଦୈର୍ଘ୍ୟ ୯୦୫ କିଲୋମିଟର ବୃଦ୍ଧି ପାଇଛି, ଯାହାର ବାର୍ଷିକ ଚକ୍ରବର୍ତ୍ତୀ ଅଭିବୃଦ୍ଧି ହାର ୩ ପ୍ରତିଶତ ରହିଛି । ଏହାବ୍ୟତୀତ ଜାତୀୟ ରାଜପଥର ସଡକ ପ୍ରଶସ୍ତୀକରଣ କାର୍ଯ୍ୟ ୪୭୧ କିଲୋମିଟର, ୪୩୭ କିଲୋମିଟର ଓ ୬୭ କିଲୋମିଟରକୁ ଯଥାକ୍ରମେ ୪ ଲେନ୍, ୬ ଲେନ୍ ଓ ୮ ଲେନ୍‌ରେ ପରିଣତ କରାଯାଇଛି। ସମଗ୍ର ଓଡିଶାରେ ୭୫,୦୦୦ କିଲୋମିଟର ସଡକ ନିର୍ମାଣ ପାଇଁ ରାଜ୍ୟ ନିମ୍ନଲିଖିତ ପ୍ରକଳ୍ପ ଚିହ୍ନଟ କରିଛି, ଯେଉଁଥିରେ ୮ଟି ପ୍ରକଳ୍ପ ରହିଛି-ପ୍ରଶସ୍ତିକରଣ, ଅଭିଗମ୍ୟତା ନିୟନ୍ତ୍ରଣ, ଭୁବନେଶ୍ୱର-ପୁରୀ ରାଜପଥ(୬୦ କିଲୋମିଟର) ଜାତୀୟ ରାଜପଥ-୩୧୬, ଟାଙ୍ଗୀରୁ ଦୀଘା ପର୍ଯ୍ୟନ୍ତ ଭାରତମାଳା ପ୍ରକଳ୍ପ ଅଧୀନରେ ଉପକୂଳ ରାଜପଥ ପ୍ରକଳ୍ପ, ରାଉରକେଲା-ପାରାଦ୍ୱୀପ ଅର୍ଥନୈତିକ କରିଡର ଏବଂ ୭ଟି ଚିହ୍ନଟ ସ୍ଥାନରେ ପ୍ରମୁଖ ରାଜପଥ ସଡକ ସଂଯୋଗ ପ୍ରସ୍ତାବ । ଗ୍ରାମୀଣ ସଡକକୁ ସୁଦୃଢ କରିବା ଦିଗରେ ଓଡିଶା ସରକାର ମୁଖ୍ୟମନ୍ତ୍ରୀ ସଡକ ଯୋଜନା (ଏମ୍ଏମ୍ଏସ୍ୱାଇ), ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମ୍‌ଜିଏସ୍ୱାଇ) ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

## ସାର୍ବଜନୀନ ପରିବହନ ବ୍ୟବସ୍ଥା

ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ରାଜଧାନୀ ସହରାଞ୍ଚଳ ପରିବହନକୁ ସୁଦୃଢ଼ କରିବା ଏବଂ ଗ୍ରାମୀଣ ପରିବହନ ଯୋଜନାର ଶୁଭାରମ୍ଭ ମାଧ୍ୟମରେ ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳର ଲୋକଙ୍କୁ ସୁରକ୍ଷିତ, ସୁବିଧାଜନକ ଏବଂ ସୁଲଭ ବସ ସେବା ଯୋଗାଇଦେବା ପାଇଁ ଓଡ଼ିଶା ଅନେକ ପଦକ୍ଷେପ ଗ୍ରହଣ କରିଛି। ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗଙ୍କୁ ସଂଯୋଗ କରୁଥିବା ଆନ୍ତଃରାଜ୍ୟ ବସ୍ ସମେତ ପ୍ରମୁଖ ମାର୍ଗରେ ରାଜ୍ୟ ବସ୍ ଚଳାଉଛି। ୨୦୨୩-୨୪ ମସିହାରେ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସଆରଟିସି) ଦ୍ୱାରା ରାଜ୍ୟର ୨୫୦ରୁ ଅଧିକ ମାର୍ଗରେ ୨୦୭୭ଟି ବସ୍ ଚଳାଚଳ କରୁଛି। ୨୦୨୨-୨୩ ମସିହାରେ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ଦ୍ୱାରା ଯାତ୍ରା କରିଥିବା ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୯୦ ଲକ୍ଷ ଥିବାବେଳେ ୨୦୨୩-୨୪ ମସିହାରେ ଏହା ୧୦୩ ଲକ୍ଷକୁ ବୃଦ୍ଧି ପାଇଛି । ଏକ ସମନ୍ୱିତ ସାଧାରଣ ପରିବହନ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତକୁ ରାଜ୍ୟ ରାଜଧାନୀ ସହ ସଂଯୋଗ କରିବା ଉଦ୍ଦେଶ୍ୟରେ ସରକାର ନିକଟ ଅତୀତରେ ଗ୍ରାମାଞ୍ଚଳ ପରିବହନ ଯୋଜନା (ଜିପିଏସ୍) ଆରମ୍ଭ କରିଛନ୍ତି। ବର୍ତ୍ତମାନ ୬,୭୯୮ଟି ଗ୍ରାମପଞ୍ଚାୟତ ମଧ୍ୟରୁ ପ୍ରାୟ ୬,୭୨୦ଟି ସଂଯୋଗ ହୋଇସାରିଛି, ଯାହା ପ୍ରାୟ ୪.୫ କୋଟି ନାଗରିକଙ୍କୁ ବଜାର, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ-ଅର୍ଥନୈତିକ ବିକାଶରେ ନିରବଚ୍ଛିନ ଭାବେ ସହାୟତା ପ୍ରଦାନ କରୁଛି। ରାଜଧାନୀ ସହରାଞ୍ଚଳ ପରିବହନ (ସିଆରୟୁଟି) ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପିପିଲି, ପୁରୀ, କୋଣାର୍କ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ଆନ୍ତଃସହର ପରିବହନ ପ୍ରଦାନ କରିଥାଏ । ନିକଟ ଅତୀତର ରାଜଧାନୀ ସହରାଞ୍ଚଳ ପରିବହନ ଦ୍ୱାରା ଏକ ଉଲ୍ଲେଖନୀୟ ପଦକ୍ଷେପ ହେଉଛି, ୨୦୦ଟି ଇ-ବସ୍ ମୁତୟନ । ଏହା ଅଧିକ ପରିବେଶ ଅନୁକୂଳ ଏବଂ ଦକ୍ଷ ପରିବହନ ବ୍ୟବସ୍ଥାରେ ଯୋଗଦାନ କରିବ ବୋଲି ଆଶା କରାଯାଉଛି। ପ୍ରକଳ୍ପ ରକ୍ଷକ, ସୁବାହକ କାର୍ଯ୍ୟକ୍ରମ, ବୁଦ୍ଧିମାନ ପ୍ରବର୍ତ୍ତନ ପରିଚାଳନା ବ୍ୟବସ୍ଥା (ଆଇଇଏମ୍ଏସ୍) ଏବଂ ଉତ୍ତମ ସମରୀଟାନ୍ ନୀତି ଭଳି ପଦକ୍ଷେପ ମାଧ୍ୟମରେ ସଡକ ସୁରକ୍ଷା ସୁନିଶ୍ଚିତ କରିବାପାଇଁ ସରକାର ସମନ୍ୱିତ ପ୍ରୟାସ କରୁଛନ୍ତି । ଟ୍ରାଫିକ୍ ସମସ୍ୟା ଦୂରକରିବା ଏବଂ ଦୁର୍ଘଟଣା ହ୍ରାସ କରିବା ପାଇଁ ଓଡ଼ିଶାର ୨୩ଟି ସ୍ଥାନରେ ସମନ୍ୱିତ ଟ୍ରକ ଟର୍ମିନାଲ ନିର୍ମାଣ କରାଯାଉଛି । ଟ୍ରକ ଟର୍ମିନାଲର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ନ୍ୟାସନାଲ ହାଇୱେ ଲଜିଷ୍ଟିକ୍ ମ୍ୟାନେଜ୍‌ମେଣ୍ଟ ଲିମିଟେଡ (ଏନ୍ଏଚ୍ଏଲ୍ଏମ୍ଏଲ୍) ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ରେଳବାଇ

ଓଡ଼ିଶା ରେଳ ନେଟୱାର୍କର ସମ୍ପ୍ରସାରଣ କରି ଏହାର ରେଳ ଭିତ୍ତିଭୂମିକୁ ସକ୍ରିୟ ଭାବରେ ବିସ୍ତାର କରୁଛି ଏବଂ ରେଳ ସଂଯୋଗ ନଥିବା ଜିଲ୍ଲା ଏବଂ ଆଦିବାସୀ ବହୁଳ ଅଞ୍ଚଳକୁ ରେଳ ନେଟୱାର୍କ ମାଧ୍ୟମରେ ସଂଯୋଗ କରିବା ଉପରେ ଧ୍ୟାନ ଦେଉଛି। ପୂର୍ବରୁ ରେଳ ସଂଯୋଗ ନଥିବା ବୌଦ୍ଧ ଏବେ ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ୍ ମାଧ୍ୟମରେ ସଂଯୋଗ ହୋଇଥିବା ବେଳେ 'କନ୍ଧମାଳ', ଗୋପାଳପୁର-ରେଢ଼ାଖୋଲ ଲାଇନ୍ ମାଧ୍ୟମରେ ସଂଯୋଗ ହେବାକୁ ଯାଉଛି। ଅବଶିଷ୍ଟ ୩ଟି ଜିଲ୍ଲାକୁ ରେଳପଥ ମାଧ୍ୟମରେ ସଂଯୋଗ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ବରଗଡ, ନୂଆପଡା, ସୁନ୍ଦରଗଡ, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର, ମୟୂରଭଞ୍ଜ, କେନ୍ଦୁଝର ଓ ମାଲକାନଗିରି ଭଳି ୯ଟି ଜିଲ୍ଲାରେ ୮ଟି ନୂଆ ରେଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ସହ ୨୦୨୪-୨୫ ମସିହାରେ ଓଡ଼ିଶାରେ ରେଳ ଭିତ୍ତିଭୂମି ପାଇଁ ସରକାର ୧୦.୬ ହଜାର କୋଟି ଟଙ୍କାର ଦୃଷ୍ଟାନ୍ତମୂଳକ ବ୍ୟୟବରାଦ କରିଛନ୍ତି ।

ଓଡ଼ିଶାରେ ରେଳ ଲାଇନ୍‌ର ଦୈର୍ଘ୍ୟ ୨୦୧୯-୨୦ ମସିହାରେ ୨୬୫୨ କିଲୋମିଟର ଥିବାବେଳେ ୨୦୨୩-୨୪ ମସିହାରେ ଏହା ୪ ପ୍ରତିଶତ ସିଏଜିଆରରେ ବୃଦ୍ଧି ପାଇ ୩୦୯୩ କିଲୋମିଟରରେ ପହଞ୍ଚିଛି। ୨୦୨୩-୨୪ ମସିହାରେ ଓଡ଼ିଶାରୁ ରେଳବାଇରେ ଯାତ୍ରା କରିଥିବା ମୋଟ ଯାତ୍ରୀଙ୍କ ସଂଖ୍ୟା ୮.୬ କୋଟି ଥିଲା, ଯାହାକି ୨୦୨୧-୨୨ ମସିହା ଠାରୁ ୫୭.୭ ପ୍ରିତିଶତ ସିଏଜିଆରରେ ବୃଦ୍ଧି ପାଇଛି। ୨୦୨୩-୨୪ ମସିହାରେ ଓଡ଼ିଶାରେ ରେଳ ଯୋଗେ ଯାତ୍ରୀ ପରିବହନରୁ ୨୨୦୪ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି, ଯାହାକି ୨୦୨୧-୨୨ ବର୍ଷ ତୁଳନାରେ ୩୭.୭ ପ୍ରତିଶତ ସିଏଜିଆର୍ ଅଭିବୃଦ୍ଧି ହାରକୁ ଦର୍ଶାଉଛି । ଏହି ସମୟ ମଧ୍ୟରେ ମାଲ ପରିବହନରୁ ରାଜସ୍ୱ ୬.୩ ପ୍ରତିଶତ ସିଏଜିଆର ବୃଦ୍ଧିପାଇ ୨୦୨୩-୨୪ରେ ୨୫,୯୮୬ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୨-୨୩ ମସିହାରେ ୧୭.୧ ପ୍ରତିଶତ ଅଂଶ ସହ ମୋଟ ବାହ୍ୟ ସାମଗ୍ରୀ ପରିବହନ କ୍ଷେତ୍ରରେ ଓଡ଼ିଶା ଭାରତର ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ।


## ଆକାଶମାର୍ଗ ସଂଯୋଗୀକରଣ



ପୁଞ୍ଜିନିବେଶ ବୃଦ୍ଧି, ନୂତନ ଗନ୍ତବ୍ୟ ନୀତି, ବେସାମରିକ ବିମାନ ଚଳାଚଳ ନୀତି ଏବଂ ଉଡାନ ଯୋଜନାର କାର୍ଯ୍ୟକାରିତା ଯୋଗୁଁ ଓଡିଶାର ବେସାମରିକ ବିମାନ ଚଳାଚଳ କ୍ଷେତ୍ର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଗୋଟିଏ ଆର୍ନ୍ତଜାତିକ ବିମାନବନ୍ଦର ସହିତ ରାଜ୍ୟରେ ବର୍ତ୍ତମାନ ୫ଟି କାର୍ଯ୍ୟକ୍ଷମ ବିମାନବନ୍ଦର ରହିଛି। ଏତଦ୍‌ବ୍ୟତୀତ ରାଜ୍ୟରେ ବିମାନ ଯୋଗାଯୋଗରେ ଉନ୍ନତି ଆଣିବା ପାଇଁ ପୁରୀରେ ସବୁଜକ୍ଷେତ୍ର ଅର୍ନ୍ତଜାତୀୟ ବିମାନବନ୍ଦର ସହିତ ରାଜ୍ୟରେ ୧୦ଟି ଅତିରିକ୍ତ ଏୟାରଷ୍ଟ୍ରିପ୍‌କୁ ବିକଶିତ କରାଯାଉଛି । ୨୦୨୩-୨୪ ମସିହା ସୁଦ୍ଧା ଓଡିଶାକୁ ସିଧାସଳଖ ବିମାନ ଯୋଗେ ଭାରତର ୨୨ଟି ସହର ସହ ସଂଯୋଗ କରାଯାଇଛି । ବର୍ତ୍ତମାନ ଓଡିଶାରୁ ୪ଟି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳ ଯଥା ବ୍ୟାଙ୍କକ, ଦୁବାଇ, ସିଙ୍ଗାପୁର ଓ କୁଆଲାଲମ୍ପୁରକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇଛି। ପ୍ରଥମ ତିନୋଟି ଗନ୍ତବ୍ୟସ୍ଥଳ ପାଇଁ ରାଜ୍ୟ ପକ୍ଷରୁ କାର୍ଯ୍ୟକାରିତା ବ୍ୟବଧାନ ପାଣ୍ଠି ଯୋଗାଣ ସହାୟତା ପ୍ରଦାନ କରାଯାଇଛି।

ନିକଟରେ ଓଡିଶା ପକ୍ଷରୁ ନୂଆ ଘରୋଇ ଓ ଅର୍ନ୍ତଜାତୀୟ ବିମାନ ଚଳାଚଳ ଆରମ୍ଭ କରୁଥିବା ବିମାନ ସଂସ୍ଥାଗୁଡିକୁ ପ୍ରୋତ୍ସାହନ ଦେବାପାଇଁ ନୂଆ ଗନ୍ତବ୍ୟ ନୀତି ୨୦୨୪ ଅଣାଯାଇଛି। ଏହାଦ୍ୱାରା ରାଜ୍ୟରେ ଉଭୟ ଘରୋଇ ଓ ଅର୍ନ୍ତଜାତୀୟ ବିମାନ ଯୋଗାଯୋଗରେ ଯଥେଷ୍ଟ ଉନ୍ନତି ହେବ ଏବଂ ସମଗ୍ର ଓଡିଶାରେ ବିମାନଯାତ୍ରା ସୁଗମ ହେବ। ଓଡିଶାର ନୂଆ ନୀତି ଅନୁଯାୟୀ ରାଜ୍ୟକୁ ଭୁବନେଶ୍ୱର ଓ ଝାରସୁଗୁଡାରୁ ଆଉ ୮ଟି ସହର ସହ ସଂଯୋଗ କରି ୮ଟି ଘରୋଇ ଆକାଶପଥରେ ସିଧାସଳଖ ବିମାନ ଚଳାଚଳକୁ ମଞ୍ଜୁରୀ ମିଳିଛି ଯାହା ରାଜ୍ୟରେ ବିମାନ ସେବା ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବ। ୨୦୧୭-୧୮ ମସିହାରେ ଓଡିଶାରୁ ବିମାନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ୨୧.୬ ଲକ୍ଷ ଥିବାବେଳେ ୨୦୨୩-୨୪ ମସିହାରେ ଏହା ୪୧.୬ ଲକ୍ଷକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି ଯାହାରକି ବାର୍ଷିକ ଚକ୍ରବୃଦ୍ଧି ଅଭିବୃଦ୍ଧି ହାର ୪୭ ପ୍ରତିଶତ ଅଟେ। ଏହାବ୍ୟତୀତ ଢେଙ୍କାନାଳର ବିରାଶାଳଠାରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ ପ୍ରଶିକ୍ଷଣ କେନ୍ଦ୍ର (ବିପିଏସି) ବିକଶିତ ହୋଇ ଓଡିଶାକୁ ଭାରତରେ ପାଇଲଟ, ସିମୁଲେଟର, ବିମାନ ରକ୍ଷଣାବେକ୍ଷଣ ପ୍ରଶିକ୍ଷଣ ଏବଂ ଅନ୍ୟାନ୍ୟ ବିମାନ ଚଳାଚଳ ସମ୍ବନ୍ଧୀୟ ମାନଚିତ୍ରରେ ଏକ ଅନ୍ୟତମ ପ୍ରଶିକ୍ଷଣ କେନ୍ଦ୍ର ଭାବରେ ପରିଗଣିତ କରିଛି।

## ବନ୍ଦର



ଗୋଟିଏ ପ୍ରମୁଖ ବନ୍ଦର ପାରାଦ୍ୱୀପ ଏବଂ ଦୁଇଟି ଅଣପ୍ରମୁଖ ବନ୍ଦର ଧାମରା ଓ ଗୋପାଳପୁର ଓଡିଶାରେ କାର୍ଯ୍ୟକାରୀ ରହିଛି। କେବଳ ଜାହାଜ ନିର୍ମାଣ ଓ ମରାମତି ସେବା ପାଇଁ ଉଦ୍ଦିଷ୍ଟ ଏକ ନଦୀ ବନ୍ଦର ମହାନଦୀ କୂଳରେ ବିକଶିତ ହେଉଛି। ଯୋଗାଣ ଶୃଙ୍ଖଳକୁ ସୁଦୃଢ କରିବା ଏବଂ ଉତ୍ପାଦିତ ଦ୍ରବ୍ୟର ନିରବଚ୍ଛିନ୍ନ ପରିବହନ ପାଇଁ ଯୋଗାଣ ଭିତ୍ତିକ ଭିତ୍ତିଭୂମିକୁ ସୁନିଶ୍ଚିତ କରିବା ଦିଗରେ ୮ଟି ପ୍ରମୁଖ ସ୍ଥାନରେ ବହୁମୁଖୀ ଲଜିଷ୍ଟିକ୍ ପାର୍କ (ଏମଏମଏଲପି) ବିକଶିତ କରିବା ସହିତ ଓଡିଶା ଏହି ବନ୍ଦରଗୁଡିକର କ୍ଷମତା ବୃଦ୍ଧିର ପରିକଳ୍ପନା କରିଛି।

୨୦୨୩-୨୪ ମସିହାରେ ପାରାଦ୍ୱୀପ ବନ୍ଦର ୧୪୫.୪ ନିୟୁତ ମେଟ୍ରିକ ଟନ୍ (ଏମଏମଟି) ମାଲ ପରିବହନ କରିଛି, ଯାହା ଭାରତର ସମସ୍ତ ବନ୍ଦର ମଧ୍ୟରେ ମାଲ ପରିବହନ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ସୂଚନାଯୋଗ୍ୟ, ପାରାଦ୍ୱୀପରୁ ୨୦୧୯-୨୦ରେ ରପ୍ତାନି ୧୮ ନିୟୁତ ମେଟ୍ରିକ ଟନ୍ (ଏମଏମଟି) ଥିବାବେଳେ ୨୦୨୩-୨୪ ମସିହାରେ ଏହା ୭୬.୪ ଏମଏମଟିକୁ ବୃଦ୍ଧି ପାଇଛି, ଯାହା ସିଏଜିଆର ୪୩.୬ ପ୍ରତିଶତକୁ ଦର୍ଶାଉଛି। ଏହାବ୍ୟତୀତ ପାରାଦ୍ୱୀପ ବନ୍ଦରକୁ ପ୍ରଯୁକ୍ତିଭିତ୍ତିକ ସ୍ମାର୍ଟ ପଦକ୍ଷେପ ସହ ସବୁଜ ହାଇଡ୍ରୋଜେନ ହବ୍ ଭାବେ ବିକଶିତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଧାମରା ବନ୍ଦର, ଯାହାର କ୍ଷମତା ବର୍ତ୍ତମାନ ବାର୍ଷିକ ୪୫ ନିୟୁତ ମେଟ୍ରିକ ଟନ୍ (ଏମଏମଟିପିଏ) ରହିଛି। ଯାହାକି ପୂର୍ବ ଭାରତର ଏକମାତ୍ର ଏଲଏନଜି ଆମଦାନୀ ଟର୍ମିନାଲ ଭାବରେ ପରିଗଣିତ ହୋଇଛି। ଧାମରା ବନ୍ଦର ୨୦୨୪ ଜୁଲାଇରେ ୪.୬ ଏମଏମଟି ପଣ୍ୟ ପରିବହନ କରି ଦୃଷ୍ଟାନ୍ତ ସୃଷ୍ଟି କରିଛି, ଯାହାକି ପ୍ରତିଷ୍ଠା ପରଠାରୁ ସେହି ବନ୍ଦରରେ ସର୍ବାଧିକ ମାସିକ ପଣ୍ୟ ପରିବହନର ପରିମାଣ। ଅନ୍ୟପକ୍ଷରେ ଗୋପାଳପୁର ବନ୍ଦରରେ ୨୦ ଏମଏମଟିପିଏର ସାମୁହିକ ପଣ୍ୟ ପରିଚାଳନା କ୍ଷମତା ରହିଛି। ତଥାପି ଧୀରେ ଧୀରେ ଏକାଧିକ ବନ୍ଦରକୁ ପଣ୍ୟ ପରିଚାଳନା ବନ୍ଦରରେ ପରିଣତ କରିବା ବ୍ୟତୀତ ୫୦ ଏମଏମଟି ପର୍ଯ୍ୟନ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ସହିତ ଅନ୍ୟାନ୍ୟ ବନ୍ଦରର ସମ୍ଭାବନାକୁ ବାସ୍ତବ ରୂପ ଦେବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। କେବଳ ଗୋପାଳପୁର ୨୦୨୩-୨୪ ମସିହାରେ ୧୧.୪ ଏମଏମଟି ଟ୍ରାଫିକ୍ ପରିଚାଳନା କରିଥିଲା।

## ଟେଲି ଯୋଗାଯୋଗ

୨୦୧୨ ମାର୍ଚ୍ଚରେ ଓଡିଶାର ଟେଲି ଯୋଗାଯୋଗ ଗ୍ରାହକ ୨୭୧ ଲକ୍ଷ ଥିବା ବେଳେ ୨୦୨୪ ମାର୍ଚ୍ଚରେ ଏହା ୩୪୨ ଲକ୍ଷକୁ ବୃଦ୍ଧି ପାଇଛି। ରାଜ୍ୟରେ ଗ୍ରାମୀଣ ଉପଭୋକ୍ତାଙ୍କ ଭାଗିଦାରୀ ହେଉଛି ୬୬.୨ ପ୍ରତିଶତ, ଯାହା ବିହାର ରାଜ୍ୟ ପରେ ଦେଶରେ ଦ୍ୱିତୀୟ ସର୍ବାଧିକ ଅଟେ। ରାଜ୍ୟରେ ଗ୍ରାମୀଣ ଟେଲି-ଘନତ୍ୱ ୨୦୧୨ ମାର୍ଚ୍ଚରେ ୩୫.୨ ପ୍ରତିଶତ ଥିବା ବେଳେ ୨୦୨୪ ମାର୍ଚ୍ଚରେ ଏହା ୬୨.୨ ପ୍ରତିଶତକୁ ବୃଦ୍ଧି ପାଇ ୪.୯ ପ୍ରତିଶତ ସିଏଜିଆରରେ ପହଞ୍ଚିଛି। କେରଳ ଓ ଆନ୍ଧ୍ରପ୍ରଦେଶ ପରେ ଭାରତର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ଏହା ତୃତୀୟ ସର୍ବାଧିକ। ତେବେ ଓଡିଶାରେ ସାମଗ୍ରିକ ଟେଲି ଘନତ୍ୱ (୭୭ ପ୍ରତିଶତ) ଥିବା ବେଳେ ସର୍ବଭାରତୀୟ ହାରାହାରି ୮୫.୭ ପ୍ରତିଶତ। ୨୦୧୬ରେ ଓଡିଶାରେ ପ୍ରତି ୧୦୦ ଜନସଂଖ୍ୟାରେ ଇଣ୍ଟରନେଟ୍ ଉପଭୋକ୍ତାଙ୍କ ସଂଖ୍ୟା ୧୯.୫ ଥିବାବେଳେ ଏହା ୨.୬ ଗୁଣ ବୃଦ୍ଧି ପାଇ ୨୦୨୪ରେ ୫୧କୁ ବୃଦ୍ଧି ପାଇଛି । ଯାହାକି ୨୦୨୪ରେ ଓଡିଶା ସର୍ବଭାରତୀୟ ହାରାହାରି ୬୩.୫ ଠାରୁ ପଛରେ ରହିଛି। ସାରା ରାଜ୍ୟରେ ଫିନଟେକ୍ ଓ ଏଡ୍‌ଟେକ୍ ସମେତ ଡିଜିଟାଲ୍ ଅର୍ଥନୀତିର ପରିଚାଳନା ପାଇଁ ରାଜ୍ୟରେ ଟେଲିକମ୍ ଭିତ୍ତିଭୂମିରେ ଆହୁରି ଉନ୍ନତି ଆଣିବାର ଆବଶ୍ୟକତା ରହିଛି।

## ଶକ୍ତି କ୍ଷେତ୍ର

ରାଜ୍ୟ ନିଜର ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣ, ସ୍ଥାୟୀତ୍ୱ ଏବଂ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଦିଗରେ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ କରିଛି। ପୂର୍ବ ବର୍ଷ ତୁଳନାରେ ୨୦୨୩-୨୪ ମସିହାରେ ଓଡିଶାର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ପ୍ରାୟ ୯ ପ୍ରତିଶତ ବୃଦ୍ଧି ପାଇ ୮,୮୪୪.୮ ମେଗାୱାଟରେ ପହଞ୍ଚିଛି। ରାଜ୍ୟରେ ସମୁଦାୟ ସ୍ଥାପିତ କ୍ଷମତାର ୫୬ ପ୍ରତିଶତ ତାପଜ ଶକ୍ତି, ୨୭ ପ୍ରତିଶତ ହାଇଡ୍ରୋ ଜଳଜ ବିଦ୍ୟୁତ୍ ଓ ନୂତନ ଏବଂ ଅକ୍ଷୟ ଶକ୍ତି ଉତ୍ସ (୧୭ ପ୍ରତିଶତ) ରହିଛି। ନୂତନ ଏବଂ ଅକ୍ଷୟ ଶକ୍ତି ଉତ୍ସ ମଧ୍ୟରେ ସୌର ଶକ୍ତିର ଯୋଗଦାନ ସର୍ବାଧିକ ୭୦ ପ୍ରତିଶତ ଥିବା ବେଳେ ପବନ ଶକ୍ତି ମାତ୍ର ୨୧.୬ ପ୍ରତିଶତ ଅଟେ। ଏହାବ୍ୟତୀତ 'ଓଡିଶା ଅକ୍ଷୟ ଶକ୍ତି ନୀତି-୨୦୨୨' ଅଧୀନରେ ଆର୍ଥିକ ପ୍ରୋତ୍ସାହନ ସହ ୨୦୩୦ ସୁଦ୍ଧା ରାଜ୍ୟ ପ୍ରାୟ ୧୧ ଗିଗାୱାଟ ଅଧିକ ଅକ୍ଷୟ ଶକ୍ତି କ୍ଷମତା ଯୋଡିବାକୁ ଯୋଜନା ରଖିଛି।

ଚାହିଦାଠାରୁ ଅଧିକ ବିଜୁଳି ଉପଲବ୍ଧ ହେଉଥିବାରୁ ଓଡିଶା ଏକ ବିଜୁଳି ବଳକା ରାଜ୍ୟ ହୋଇ ରହିଥିଲା। ୨୦୨୩-୨୪ ମସିହାରେ ଓଡିଶାରେ ୪୬୨୫ ମେଗାୱାଟ୍ ବିଦ୍ୟୁତ୍ ଉପଲବ୍ଧ ଥିବାବେଳେ ଚାହିଦା ମାତ୍ର ୩୮୬୯ ମେଗାୱାଟ୍ ଥିଲା। ବଢୁଥିବା ସହରୀକରଣ ଏବଂ ବିଭିନ୍ନ ଘରୋଇ ଉପକରଣର ବ୍ୟବହାର ଇତ୍ୟାଦି କାରଣରୁ ୨୦୨୩-୨୪ ମସିହାରେ ଓଡିଶାର ବିଦ୍ୟୁତ୍ ବ୍ୟବହାର ପୂର୍ବ ବର୍ଷ ତୁଳନାରେ ପ୍ରାୟ ୭ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟରେ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ୨,୪୧୯ କିଲୋୱାଟ୍/ଘଣ୍ଟାପ୍ରତି ରହିଛି, ଯାହା ଜାତୀୟ ହାରାହାରି ୧୩୩୧ କିଲୋୱାଟ୍/ଘଣ୍ଟାପ୍ରତି ଠାରୁ ଅଧିକ। ରାଜ୍ୟରେ ୭୦.୭ ଲକ୍ଷ ଘରୋଇ ସଂଯୋଗ ଗ୍ରାମାଞ୍ଚଳରେ ଥିବା ବେଳେ ସହରାଞ୍ଚଳରେ ୧୪.୧୧ ଲକ୍ଷ ପରିବାରଗୁଡିକର ବିଦ୍ୟୁତୀକରଣ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଓଡିଶାରେ ବିଦ୍ୟୁତ୍ ପରିବହନ ଓ ବିତରଣ ବ୍ୟବସ୍ଥା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସୁଦୃଢ ରହିଛି। ବିଦ୍ୟୁତ୍ ସଞ୍ଚାଳନର ଏକ ସୁଦୃଢ ନେଟୱାର୍କ ମାଧ୍ୟମରେ ଓଡିଶା ୨୦୦୭-୦୮ର ୫.୦ ପ୍ରତିଶତ ଥିବା ବିଦ୍ୟୁତ୍ ପ୍ରସାରଣ କ୍ଷତିକୁ ୨୦୨୩-୨୪ରେ ୩.୧ ପ୍ରତିଶତକୁ ହ୍ରାସ କରିବାରେ ସକ୍ଷମ ହୋଇଛି, ଯାହାକି ଦେଶରେ ସର୍ବନିମ୍ନ।

## ସହରାଞ୍ଚଳ ଭିତ୍ତିଭୂମି

ଓଡିଶାରେ ସହରୀକରଣ କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହା ୨୦୨୧ରେ ୧୮.୫ ପ୍ରତିଶତରୁ ୨୦୩୬ ସୁଦ୍ଧା ୨୧.୫ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଭବିଷ୍ୟତର ଚାହିଦା ପୂରଣ କରିବା ପାଇଁ ସହରାଞ୍ଚଳ ଭିତ୍ତିଭୂମି ବିକାଶ ଗୁରୁତ୍ୱପୂର୍ଣ୍ଣ ଅଟେ। ସହରରେ ବାସଗୃହ, ବିଶୁଦ୍ଧ ପାନୀୟ ଜଳ, ପରିମଳ ଓ ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ (ପିଏମଏୱାଇ-ୟୁ) ଅଧୀନରେ ୧.୮ ଲକ୍ଷରୁ ଅଧିକ ଘର ମଞ୍ଜୁର କରାଯାଇଛି ଏବଂ ୨୦୨୩-୨୪ ମସିହାରେ ୧.୩ ଲକ୍ଷରୁ ଉର୍ଦ୍ଧ୍ୱ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ପିଏମଏୱାଇ-ୟୁ-୨.୦ ଅଧୀନରେ ଓଡିଶା ସରକାର ହିତାଧିକାରୀଙ୍କୁ ୫ ଲକ୍ଷ ଘର ଯୋଗାଇ ଦେବାକୁ ଯୋଜନା କରିଛନ୍ତି। ଏହାବ୍ୟତୀତ, ଓଡିଶା ରାଜ୍ୟ ସହରାଞ୍ଚଳ ପାଇଁ ଶତ ପ୍ରତିଶତ ପାଇପ୍ ଜଳ ଯୋଗାଣକୁ ପ୍ରାଥମିକତା ଦେଇଛି ଏବଂ ୧୦୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ସାର୍ବଜନୀନ ବ୍ୟାପକତା ହାସଲ କରିଛି। ସୁରକ୍ଷିତ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ୨୦୨୩-୨୪ ମସିହାରେ

୬୦,୬୫୮ ଟି ଜଳ ପରୀକ୍ଷଣ ଶେଷ ହୋଇଥିବା ବେଳେ ଜଳସାଥୀ ପଦକ୍ଷେପ ଦ୍ୱାରା ସମର୍ଥିତ ଓ୍ୱାଟକୋ ଏବଂ ପିଏଚଇଓ ମାଧ୍ୟମରେ ଓଡିଶା ଜଳ ବଣ୍ଟନ ପରିଚାଳନା କରୁଛି। ୧୨ଟି ଏସ୍.ଟି.ପି ଓ ୧୧୨ଟି ଏଫ୍ଏସ୍‌ଟିପି ଦ୍ୱାରା ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ କରାଯାଇଛି, ଯାହାର କ୍ଷମତା ଯଥାକ୍ରମେ ୩୭୩.୫୦ ଏମ୍ ଏଲ୍ ଡି ଏବଂ ୦.୩ ଏମ୍ ଏଲ୍ ଡି ରହିଛି । କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ସ୍ୱୟଂ ସହାୟକ ଗୋଷ୍ଠୀର ୫,୯୮୫ ଜଣ ମହିଳାଙ୍କୁ ତଦାରଖ ଏବଂ ନିୟୋଜିତ କରିବା ପାଇଁ 'ଆମ ସହର' ଯୋଜନାର ପରିକଳ୍ପନା ଓ ପ୍ରୟୋଗ ସ୍ୱାଗତଯୋଗ୍ୟ। ଏହାବ୍ୟତୀତ, 'ଗରୀମା' ଯୋଜନା ସୁରକ୍ଷା ଉପକରଣ ଯୋଗାଇବା ଏବଂ ପ୍ରଶିକ୍ଷଣ ମାଧ୍ୟମରେ ମୁଖ୍ୟ ସଫେଇ କର୍ମଚାରୀ (ସିଏସ୍‌ଡବ୍ଲୁ) ମାନଙ୍କୁ ସହାୟତା କରିଥାଏ ।

★★★★★

# ଅଷ୍ଟମ ଅଧ୍ୟାୟ

## ସାମାଜିକ କ୍ଷେତ୍ର: କଲ୍ୟାଣର ଅଗ୍ରଗତି

୨୦୨୪-୨୫ ମସିହାରେ ଓଡିଶା ସରକାରଙ୍କ ନୀତିଗତ ନିଷ୍ପତ୍ତି ଏବଂ ନୀତିଗତ ପଦକ୍ଷେପ ଗୁଡିକ ସାମଗ୍ରିକ ଅଭିବୃଦ୍ଧି ହାସଲ ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ନିଶ୍ଚିତ କରୁଛି ଯେ କେହି ପଛରେ ରହିବେ ନାହିଁ। ୨୦୨୪-୨୫ (ବଜେଟ ଆକଳନ) ରେ ରାଜ୍ୟ ସରକାର ସାମାଜିକ କ୍ଷେତ୍ର ବ୍ୟୟ ପାଇଁ ୧.୨୯ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ଏହା ପୂର୍ବ ବର୍ଷର ବ୍ୟୟ (୨୦୨୩-୨୪ ଆର୍ ଇ) ୧.୦୫ ଲକ୍ଷ କୋଟି ତୁଳନାରେ ୨୩.୩ ପ୍ରତିଶତ ଅଧିକ ।

ସଦ୍ୟତମ ରିପୋର୍ଟ ଅନୁଯାୟୀ, ଓଡିଶା ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରି ସଫଳତା ପୂର୍ବକ ନାନାବିଧ ଦାରିଦ୍ର୍ୟ ହ୍ରାସ କରିଛି ଏବଂ ପ୍ରାୟ ୬.୨୬ ନିୟୁତ ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିଛି । ଏହି ସଫଳତା ଦ୍ୱାରା ଓଡିଶା ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଭାରତର ଶ୍ରେଷ୍ଠ ୪ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି । ଓଡିଶା ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମରେ ଉତ୍କର୍ଷ ହାସଲ କରିଛି । ସମସ୍ତ ଆକାଂକ୍ଷୀ ଜିଲ୍ଲା ସେମାନଙ୍କ ଉତ୍କର୍ଷ ପ୍ରଦର୍ଶନ ପାଇଁ ମୋଟ ୧୪୨ କୋଟି ଟଙ୍କା ପୁରସ୍କାର ଗ୍ରହଣ କରିଛନ୍ତି ଏବଂ ଆକାଂକ୍ଷୀ ବ୍ଲକଗୁଡିକୁ ଅତିରିକ୍ତ ୭୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ନୀତି ଆୟୋଗଦ୍ୱାରା ନିରନ୍ତର ବିକାଶ ଲକ୍ଷ୍ୟରେ ଭାରତର ସୂଚକାଙ୍କ (ଏସଡିଜିଇଣ୍ଡିଆଇଣ୍ଡେକ୍ସ) ୨୦୨୩-୨୪ ଅନୁଯାୟୀ ଓଡିଶା ନିରନ୍ତର ବିକାଶ ଲକ୍ଷ୍ୟ-୧ ଏସଡିଜି -୧ (ଦାରିଦ୍ର୍ୟମୁକ୍ତ) କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରି ୭୩ ନମ୍ବର ସ୍କୋରସହ ଆଶାୟୀରୁ ଫ୍ରଣ୍ଟ -ରନର୍ ବର୍ଗକୁ ଉନ୍ନୀତ ହୋଇଛି । ୨୦୨୦-୨୧ ଏବଂ ୨୦୨୩-୨୪ ବର୍ଷ ମଧ୍ୟରେ ରାଜ୍ୟର ସାମଗ୍ରିକ ସ୍କୋର ୬୧ ରୁ ୬୬ କୁ ବୃଦ୍ଧି ପାଇଛି ।

### ସ୍ୱାସ୍ଥ୍ୟ

ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି-ଜେଏୱାଇ)କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମଜେଏୱାଇ) ସହ ମିଶାଇ ନାଗରିକମାନଙ୍କୁ ବ୍ୟାପକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଓଡିଶା ନୀତିଗତ ଭାବେ ନିଷ୍ପତ୍ତି ନେଇଛି। ଏହି ପଦକ୍ଷେପ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅବହେଳିତ ଗୋଷ୍ଠୀମାନଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଲଭ କରିବା ଉପରେ ଗୁରୁତ୍ୱାରୋପ କରେ, ଯାହାଦ୍ୱାରା ସାମଗ୍ରିକ ସ୍ୱାସ୍ଥ୍ୟ ଫଳାଫଳ ଏବଂ ଜୀବନ ଧାରଣର ଗୁଣବତ୍ତାରେ ଉନ୍ନତି ଆସିପାରିବ । ୨୦୨୪-୨୫ (ବଜେଟ ଆକଳନ)ରେ ଓଡିଶା ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ୨୧.୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୨୯.୬ ପ୍ରତିଶତ ଅଧିକ ଏବଂ ରାଜ୍ୟ ଜିଡିପିର ୨.୨୩ ପ୍ରତିଶତ ଅଟେ। ୨୦୨୩-୨୪ (ଆରଇ) ରେ ଏହା ୧.୯ ପ୍ରତିଶତରୁ ବୃଦ୍ଧି ପାଇଛି । ଓଡ଼ିଶା ସରକାର ସ୍ୱାସ୍ଥ୍ୟଖର୍ଚ୍ଚ ବୃଦ୍ଧି କରିବା ସହ ଏହାର ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଦୁର୍ଗମ ଅଞ୍ଚଳରେ ଚିକିତ୍ସା ପରିବହନ ସେବା ପ୍ରଦାନ ପାଇଁ ଦୈନିକ ୩୧୦୦ ରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରୁଥିବା ୮୬୦ଟି ଯାନର ୨୦ ମିନିଟର ପ୍ରତିକ୍ରିୟା ସମୟ ସହିତ ମାଗଣା ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ କରୁଛି ।

ଓଡିଶା ସରକାର ସମସ୍ତ ଜିଲ୍ଲାର ଚିକିତ୍ସାଳୟ ଗୁଡିକରେ ଶିଶୁକର୍କଟ ୟୁନିଟ୍ ପ୍ରତିଷ୍ଠା କରିବେ । ଓଡିଶାର ୭୦.୩ ବର୍ଷର ଆୟୁଷହାର ଜାତୀୟ ଆୟୁଷହାର ଠାରୁ ଅଧିକ ଅଟେ । ଏନଏଫଏଚଏସ-୫ ରିପୋର୍ଟ ଅନୁଯାୟୀ, ୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ମଧ୍ୟରେ ପୃଷ୍ଟିହୀନତା, ଅପଚୟ ଏବଂ କମ୍ ଓଜନହାର ହ୍ରାସ ପାଇଛି ଏବଂ ଏହା ଜାତୀୟ ହାରାହାରି ଠାରୁ କମ୍ ଅଟେ। ମାତୃ ମୃତ୍ୟୁହାର (ଏମ୍ଏମ୍ଆର) ଏବଂ ଶିଶୁ ମୃତ୍ୟୁହାର (ଆଇଏମ୍ଆର) ଭଳି ପ୍ରମୁଖ ସ୍ୱାସ୍ଥ୍ୟ ସୂଚକାଙ୍କରେ ଉନ୍ନତି ଘଟିଛି, କିନ୍ତୁ ଏହା ଜାତୀୟ ହାରଠାରୁ ଅଧିକ ରହିଛି । ରାଜ୍ୟରେ ସ୍ୱାସ୍ଥ୍ୟ ବୈଷମ୍ୟକୁ ଆହୁରି ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ଗୁଡିଏ ନୂତନ ସ୍ୱାସ୍ଥ୍ୟ ସେବା ପଦକ୍ଷେପ ଆରମ୍ଭ କରିଛନ୍ତି ।

## ଶିକ୍ଷା



୨୦୨୪-୨୫ ବଜେଟ ଆକଳନ ପାଇଁ ୩୨.୩ ହଜାର କୋଟି ଟଙ୍କାର ବ୍ୟୟବରାଦ ସହିତ ଶିକ୍ଷା ରାଜ୍ୟ ପାଇଁ ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି, ଯାହା ପୂର୍ବବର୍ଷ ତୁଳନାରେ ୮.୩ ପ୍ରତିଶତ ଅଧିକ। ଭବିଷ୍ୟତ ପିଢି ପାଇଁ ଏକ ସୁଦୃଢ ଶିକ୍ଷା ଭିତ୍ତିଭୂମି ଯୋଗାଇ ଦେବା ପାଇଁ ସରକାର ପ୍ରତ୍ୟେକ ପଞ୍ଚାୟତରେ ଆଧୁନିକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ପିଏମଶ୍ରୀ ଯୋଜନା ଅଧୀନରେ ୪୬୨ଟି ବିଦ୍ୟାଳୟକୁ ଉନ୍ନତ ଭିତ୍ତିଭୂମି ଓ ଶିକ୍ଷାଦାନ ସହିତ ଏନଇପି ୨୦୨୦ ସମକକ୍ଷ ମଡେଲ୍ ଅନୁଷ୍ଠାନ ଭାବେ ବିକଶିତ କରାଯାଉଛି । ନିପୁଣ ଭାରତ ମିଶନର ଅଂଶବିଶେଷ ଭାବେ ରାଜ୍ୟର ନିପୁଣ ଓଡିଶା ଅଭିଯାନ, ପଠନ ଦକ୍ଷତା, ମୌଳିକ ଗଣିତ ଏବଂ ବୋଧଗମ୍ୟତା ଉପରେ ଗୁରୁତ୍ୱ ଦେଇ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଇଁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାବୋଧ ଜ୍ଞାନକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ପିଏମ୍ ପୋଷଣ ଯୋଜନାରେ ୫୦,୮୬୨ଟି ବିଦ୍ୟାଳୟରେ ୪.୫ ନିୟୁତ ପିଲାଙ୍କ ପୁଷ୍ଟିର ଆବଶ୍ୟକତାକୁ ପୂରଣ କରାଯାଇଛି, ଯେଉଁଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁ.ଏସ୍.ଏଚ୍.ଜି) ଖାଦ୍ୟ ପ୍ରସ୍ତୁତି ଏବଂ ବିତରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାର ଉଦ୍ଦେଶ୍ୟ ହେଉଛି ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରିବା। ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଓଡିଶା ସରକାର ୨୦୨୪-୨୫ ବର୍ଷରେ ବିଭିନ୍ନ ଯୋଜନାରେ ୨୦ ହଜାରରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ବ୍ୟାପକ ନିଯୁକ୍ତି ବିଦ୍ୟାର୍ଥୀ-ଶିକ୍ଷକ ଅନୁପାତରେ ଉନ୍ନତି ଆଣିବା, ଉନ୍ନତ ଶିକ୍ଷଣ ଫଳାଫଳ ସୁନିଶ୍ଚିତ କରିବା ଏବଂ ଓଡଶାର ପିଲାମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁରକ୍ଷିତ କରିବା ଦିଗରେ ଏକ ପଦକ୍ଷେପ । ବାର୍ଷିକ ଶିକ୍ଷାସ୍ଥିତି ରିପୋର୍ଟ (ଏଏସ୍ଇଆର୍) ୨୦୨୪ ଅନୁଯାୟୀ, ତୃତୀୟ ଶ୍ରେଣୀର ୪୦ ପ୍ରତିଶତ ଛାତ୍ରଛାତ୍ରୀ ଦ୍ୱିତୀୟ ସ୍ତରର ପାଠ ପଢିପାରନ୍ତି, ଯାହାକି ସର୍ବଭାରତୀୟ ହାର ୨୭ ପ୍ରତିଶତରୁ ଅଧିକ। ଏଏସ୍ଇଆର୍ ୨୦୨୪ ଅନୁଯାୟୀ, ଓଡିଶାରେ ତୃତୀୟ ଶ୍ରେଣୀର ୩୭.୭ ପ୍ରତିଶତ ପିଲା ଅତିକମ୍‌ରେ ବିଯୋଗକରି ପାରିବେ, ଯାହା ୨୦୨୨ ମସିହାରେ ୨୯.୩ ପ୍ରତିଶତ ଥିଲା, ଯାହା ଜାତୀୟ ହାରାହାରି ୩୩.୭ ପ୍ରତିଶତକୁ ଅତିକ୍ରମ କରିଛି । ପଞ୍ଚମ ଶ୍ରେଣୀରେ ଓଡିଶାର ୫୯.୫ ପ୍ରତିଶତ ପିଲା ଦ୍ୱିତୀୟ ସ୍ତରର ପାଠ ପଢିପାରୁଥିବା ବେଳେ ସର୍ବଭାରତୀୟ ସ୍ତରରେ ଏହା ୪୮.୭ ପ୍ରତିଶତ ରହିଛି । ଜାତୀୟ ହାରାହାରି



ତୁଳନାରେ ଓଡିଶା ପ୍ରାରମ୍ଭିକ (୯୭.୧), ମଧ୍ୟମ (୯୬.୭) ଏବଂ ମାଧ୍ୟମିକ (୭୦.୨) ସ୍ତରଠାରୁ ଅଧିକ ମୋଟ ନାମଲେଖା ଅନୁପାତ (ଜିଇଆର) ହାସଲ କରିଛି । ତଥାପି ମୌଳିକ ସ୍ତରରେ ଜିଇଆର (୩୫.୪) ଏକ ଚ୍ୟାଲେଞ୍ଜ ହୋଇ ରହିଛି ଏବଂ ଏହା ସର୍ବଭାରତୀୟ ଜିଇଆର (୪୧.୫) ଠାରୁ କମ୍ ରହିଛି । ୨୦୨୩-୨୪ ବର୍ଷ ପାଇଁ ୟୁଡିଆଇଏସଇ ପ୍ଲସ୍ ରିପୋର୍ଟ ଅନୁଯାୟୀ, ସମସ୍ତ ସ୍ତରରେ ଡ୍ରପଆଉଟ୍ ହାର ହ୍ରାସ ପାଇଛି ଏବଂ ବର୍ତ୍ତମାନ ଏହା ସର୍ବଭାରତୀୟ ହାରାହାରି ଠାରୁ କମ୍ ରହିଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡିଶାର ଜିଇଆର୍ ୨୦୧୪-୧୫ ବର୍ଷରେ ୧୭.୭ ପ୍ରତିଶତ ଥିବାବେଳେ ୨୦୨୧-୨୨ ବର୍ଷରେଏହା ୨୨.୧ ପ୍ରତିଶତକୁ ବୃଦ୍ଧି ପାଇଛି, ତଥାପି ଏହା ଜାତୀୟ ହାରାହାରି ୨୭.୮ ପ୍ରତିଶତଠାରୁ କମ୍ । ଭିତ୍ତିଭୂମି ଏବଂ ଶୈକ୍ଷିକ ଉତ୍କର୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ ପିଏମ୍-ଉଷା କାର୍ଯ୍ୟକ୍ରମ ରାଜ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ସୁଦକ୍ଷ୍ୟ ଭଳି ଯୋଜନା ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାକୁ ସୁଦୃଢ କରୁଛି । ଆଇଟିଆଇ ଏବଂ ପଲିଟେକ୍ନିକ୍ ବୈଷୟିକ ଅନୁଷ୍ଠାନରେ ବାଳିକା ମାନଙ୍କର ଅଂଶଗ୍ରହଣ ବର୍ତ୍ତମାନ ୩୦ ପ୍ରତିଶତରୁ ଅଧିକ, ଯାହା ବୈଷୟିକ ଶିକ୍ଷାରେ ଲିଙ୍ଗଗତ ସମାନତା ଦିଗରେ ଅଗ୍ରଗତି ଦର୍ଶାଉଅଛି ।

## ମହିଳା ସଶକ୍ତିକରଣ



ମହିଳା ସଶକ୍ତିକରଣ ଓଡିଶାର ଦୂରଦୃଷ୍ଟିର କେନ୍ଦ୍ରବିନ୍ଦୁ, ଯାହା ସେମାନଙ୍କୁ ବିକାଶର ପ୍ରମୁଖ କାରକ ଭାବେ ପରିଗଣିତ କରାଯାଉଛି । ଆର୍ଥିକ ସହାୟତା ଡିଜିଟାଲ ସାକ୍ଷରତା ଏବଂ ସାମାଜିକ ସୁରକ୍ଷା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ । ଓଡିଶା ସରକାର ଏହି ଯୋଜନାରେ ବାର୍ଷିକ ୧୦,୦୦୦/- ଟଙ୍କା ଲେଖାଏଁ ମହିଳାମାନଙ୍କୁ ପ୍ରଦାନ କରୁଛନ୍ତି । ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ୧ କୋଟି ଯୋଗ୍ୟ ମହିଳାଙ୍କୁ ପାଞ୍ଚ ବର୍ଷ ପାଇଁ ଏହି ସହାୟତା ପ୍ରଦାନ କରାଯିବ । ଏହି ଯୋଜନାର ବହୁମୁଖୀ ପ୍ରଭାବ ରହିବ ବୋଲି ଆଶା କରାଯାଉଛି (୧) ୧-୧.୫ ଲକ୍ଷ କୋଟି ଟଙ୍କାର ବୃହତ-ଅର୍ଥନୈତିକ ପ୍ରଭାବ, (୨) ମହିଳା ଏବଂ ସେମାନଙ୍କ ପରିବାର ପାଇଁ ଆର୍ଥିକ ସୁରକ୍ଷା ନେଟ୍ ଏବଂ ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି, (୩) ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ଓ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି, (୪) ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବୃଦ୍ଧି ଓ ଆର୍ଥିକ ସଶକ୍ତିକରଣକୁ ସକ୍ଷମ କରିବା ।

ଗୋଷ୍ଠୀ ବିକାଶ ଓ ମହିଳା ସଶକ୍ତୀକରଣରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ଲକ୍ଷପତି ଦିଦି ଯୋଜନା ଆର୍ଥିକ ସହାୟତା ଓ ସମ୍ବଳ ପ୍ରଦାନ କରି ଏହି ଗୋଷ୍ଠୀଗୁଡିକୁ ସୁଦୃଢ କରୁଛି । ଲକ୍ଷପତି ଦିଦି ଯୋଜନାରେ ୫ ଲକ୍ଷରୁ ଅଧିକ ମହିଳା ଉପକୃତ ହୋଇଛନ୍ତି । ଏନ୍ଏଚ୍ଏଫ୍ଏସ୍-୫ ଅନୁଯାୟୀ ୫୦.୭ ପ୍ରତିଶତ ପୁରୁଷଙ୍କ ତୁଳନାରେ ମାତ୍ର ୨୪.୯ ପ୍ରତିଶତ ମହିଳା ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି । ଏହି ବ୍ୟବଧାନ ମହିଳାମାନଙ୍କ ସୂଚନା, ଶିକ୍ଷା ଏବଂ ଆର୍ଥିକ ସୁଯୋଗକୁ ସୀମିତ କରିଥାଏ ଏବଂ ଲିଙ୍ଗଗତ ଅସମାନତାକୁ ଆହୁରି ତୀବ୍ର କରିଥାଏ । ପରିଚାଳନା କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ଦିଗରେ ରାଜ୍ୟ ଜାତୀୟ ହାରକୁ ଅତିକ୍ରମ କରି ଆଗକୁ ବଢୁଛି, ଯାହାକି ନେତୃତ୍ୱ ସ୍ତରରେ ଲିଙ୍ଗଗତ ବିବିଧତା ବୃଦ୍ଧିକୁ ସୂଚାଉଅଛି ।

## ସାମାଜିକ ଦୁର୍ବଳଶ୍ରେଣୀର ବିକାଶ



ଅସୁରକ୍ଷିତ ସମ୍ପ୍ରଦାୟ, ବିଶେଷକରି ଅନୁସୂଚିତ ଜାତି (ଏସ୍ସି) ଓ ଅନୁସୂଚିତ ଜନଜାତି (ଏସ୍ଟି) ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ମାଧ୍ୟମରେ ଉନ୍ନତି ପାଇଁ ରାଜ୍ୟ ପ୍ରତିଶ୍ରୁତିବଦ୍ଧ । ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ୫.୪୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସେବା ପ୍ରଦାନ କରି ଓଡିଶାରେ ୧୭୩୮ଟି ଆବାସିକ ବିଦ୍ୟାଳୟ ଏବଂ ୫,୮୪୮ଟି ଛାତ୍ରାବାସ ମାଧ୍ୟମରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ଶିକ୍ଷା ପ୍ରଦାନ କରାଯାଉଛି । ଏହି ବିଦ୍ୟାଳୟ ଗୁଡିକ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ବିଦ୍ୟାଳୟ ଆଦିବାସୀ ବହୁଳ ୧୨ଟି ଜିଲ୍ଲାରେ ଅବସ୍ଥିତ, ଯାହା ଉପଲବ୍ଧତା ସମସ୍ୟାର ସମାଧାନ କରିବାରେ ସହାୟକ ହୋଇଥାଏ ଏବଂ ଆର୍ଥିକ ଦୁର୍ବଳ ପରିବାର ଉପରେ ଆର୍ଥିକ ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ଦ୍ୱାରା ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାରେ ଅଧିକ ନାମଲେଖା ଓ ଶିକ୍ଷା ସମାପ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରୋତ୍ସାହନ ରାଶି ରଖାଯାଇଛି । ଭାରତୀୟ ସମ୍ବିଧାନର ଧାରା ୨୭୫ (୧) ଅନୁଯାୟୀ ଆଦିବାସୀ ବ୍ୟାପାର ବିଭାଗ ଓଡିଶାରେ ୧୧୪ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍ଆରଏସ୍) ପ୍ରତିଷ୍ଠା କରିବା ପ୍ରସ୍ତାବକୁ ଅନୁମୋଦନ କରିଛି, ଯାହା ଦେଶର ଯେ କୌଣସି ରାଜ୍ୟ ତୁଳନାରେ ସର୍ବାଧିକ ସଂଖ୍ୟା । ବର୍ତ୍ତମାନ ୧୭ଟି ଜିଲ୍ଲାରେ ୪୭ଟି ବିଦ୍ୟାଳୟ କାର୍ଯ୍ୟ କରୁଛି, ଯେଉଁଥିରେ ୧୧,୪୫୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଅତିରିକ୍ତ ୫୨ଟି ଇଏମ୍ଆରଏସ୍ ନିର୍ମାଣଧୀନ ରହିଛି । ଅନୁସୂଚିତ ଜନଜାତି (ଏସ୍ଟି) ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାର ମାନକୁ ଆହୁରି ସୁଦୃଢ କରିବା ପାଇଁ ରାଜ୍ୟ ସରକାର ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଆରମ୍ଭ କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଉଥିବା ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କାର ଏକକାଳୀନ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାର ଅଧିକ ନାମଲେଖା ଓ ଶିକ୍ଷା ସମାପ୍ତି ହାରକୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ଉଦ୍ଦେଶ୍ୟ । ଏହାବ୍ୟତୀତ ଆଦିବାସୀ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ସାମାଜିକ ଭିତ୍ତିଭୂମିରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ କାର୍ଯ୍ୟକାରୀ କରାଯିବ ।

୨୭ଟି ଜିଲ୍ଲାରେ ଅବସ୍ଥିତ ପାଖାପାଖି ୭,୬୬୭ଟି ଆଦିବାସୀ ଗ୍ରାମ ଏହାଦ୍ୱାରା ଉପକୃତ ହେବେ। ଭିକ୍ଷୁକ, ନିରାଶ୍ରୟ ବ୍ୟକ୍ତି, ବିଧବା, ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମଙ୍କ ସମେତ ଅବହେଳିତ ଗୋଷ୍ଠୀଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡିଶା ସରକାର ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି । ରାଜ୍ୟରେ ନିଯୁକ୍ତି ବୃଦ୍ଧି ପାଇଁ ମଧ୍ୟ ସରକାର ପଦକ୍ଷେପ ନେଉଛନ୍ତି । ୨୫,୭୬୭ ନିଯୁକ୍ତି ପତ୍ର ବଣ୍ଟନ କରିଥିବା ନିଯୁକ୍ତିମେଳା ଭଳି ନିଯୁକ୍ତି ଅଭିଯାନ ଦୁର୍ବଳ ଜନ ସଂଖ୍ୟା ମଧ୍ୟରେ ନିଯୁକ୍ତି ସୁଯୋଗ ଯୋଗାଇବା ଏବଂ ଅର୍ଥନୈତିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ମୌଳିକ ସେବା ଗୁଡିକର ଉପଲବ୍ଧତା



୯୧.୧ ପ୍ରତିଶତ ପରିବାରକୁ ଉନ୍ନତ ପାନୀୟଜଳ ଉପଲବ୍ଧତା ସୁନିଶ୍ଚିତ କରିବା ଦିଗରେ ଓଡିଶା ଯଥେଷ୍ଟ ଅଗ୍ରଗତି କରିଛି । ରାଜ୍ୟରେ ପରିମଳ ବ୍ୟବସ୍ଥାରେ ଉନ୍ନତି ଘଟିଛି ଏବଂ ୬୦.୫ ପ୍ରତିଶତ ପରିବାରରେ ପରିମଳର ଉନ୍ନତ ସୁବିଧା ରହିଛି, ଯାହାକି ୨୦୧୫-୧୬ ମସିହାରେ ୩୦ ପ୍ରତିଶତ ଥିଲା । ଭିକ୍ଷୁକ, ନିରାଶ୍ରୟ ବ୍ୟକ୍ତି, ବିଧବା, ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମଙ୍କ ସମେତ ଅବହେଳିତ ଗୋଷ୍ଠୀଙ୍କୁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡିଶା ସରକାର ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି।

## କ୍ରୀଡା ସମୃଦ୍ଧି



କ୍ରୀଡା କ୍ଷେତ୍ରରେ ଓଡିଶା ସରକାର ରାଜ୍ୟକୁ ସ୍ପୋର୍ଟସ ହବ୍ ଭାବେ ପ୍ରତିଷ୍ଠା କରିବା ପାଇଁ ଯଥେଷ୍ଟ ପୁଞ୍ଜିନିବେଶ କରିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ କ୍ରୀଡା ଓ ଯୁବସେବା ପାଇଁ ୧,୩୧୫ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ଯଥେଷ୍ଟ ବୃଦ୍ଧି ପାଇଛି । ରାଜ୍ୟ ସରକାର ବ୍ୟାଡମିଣ୍ଟନ୍ ଓ ଖୋ-ଖୋ ପାଇଁ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । କ୍ରିକେଟ୍, ଭଲିବଲ୍ ଓ ଫୁଟବଲ୍ ସୁବିଧା ସମେତ ସମସ୍ତ ବ୍ଲକ ଓ ତୃଣମୂଳ ସ୍ତରର କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବାକୁ ଯୋଜନା କରିଛି ।

★★★★★

ରୂପରେଖ : ଥାର୍ଡ଼ଆଇ କମ୍ୟୁନିକେସନ, ଭୁବନେଶ୍ୱର
ମୁଦ୍ରଣ: ଓଡିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ